# ଅସ୍ତମିତ ସୂର୍ଯ୍ୟ ବାବାଜୀ

## ଡକ୍ଟର ସୁବାଷ ନାୟକ



# ଅସ୍ତମିତ ସୂର୍ଯ୍ୟ
# ବାବାଜୀ
## (ଏକ ସାମାଜିକ ରଚିତ ନାଟ୍ୟ ସାହିତ୍ୟ)

ପ୍ରଫେସର ଡକ୍ଟର ସୁବାଷ ନାୟକ

**@ÉcZ i~ý aâaâRú**

ùfLK : **WKe iaâh ^âdK**

**_KâgK : a^` f _Kâg^ú,**
baù^ge, ùcâ : 9437613438
Aùcf : banaphulabooks@gmail.com
_[c iõÄeY : C}k \ai 2022, cfý : U. 130 /-

**Astamita Surya Babaji**


By : Dr Subash Nayak

Published By : Banaphula,
Bhubaneswar, Odisha
1st Edition : Utkal Diwas, 2022
Copyright : Banaphula

Price : 130 .00

**ISBN : 978-93-91727-24-6**

# ଉତ୍ସର୍ଗ




**ଆଡଭୋକେଟ୍ ପ୍ରକାଶ ନାୟକ**

**ଓ ପରିବାର .....**

ମୋର ସାରସ୍ୱତ ସମ୍ଭାର - ଅସ୍ତମିତ ସୂର୍ଯ୍ୟ - ବାବାଜୀ - ଏକ ସାମାଜିକ ରଚିତ ନାଟ୍ୟ ସାହିତ୍ୟ ଟିକୁ ଓଡିଆ ନାଟ୍ୟ ସାହିତ୍ୟ ତଥା ଓଡିଶା ଯାତ୍ରା ଜଗତରେ ଏକ ସ୍ଥାନ ଗ୍ରହଣ କରିବା ନେଇ ମୋର ଆଶା ଓ ବିଶ୍ୱାସ ।

ଏ ପୁସ୍ତିକାଟିକୁ ମୁଁ ମୋର ସାନଭାଇ ତଥା ବାବାଜୀ ଙ୍କ ନାତି - ଆଡଭୋକେଟ୍ ପ୍ରକାଶ ନାୟକ ଙ୍କୁ ଉତ୍ସର୍ଗ କରୁଅଛି ।

ଭବଦୀୟ ଗୁଣମୁଗ୍ଧ



(ପ୍ରଫେସର ଡକ୍ଟର ସୁବାଷ ନାୟକ)

## ନାଟ୍ୟକାର ଙ୍କ କଲମରୁ ...

ଓଡିଆ ସାହିତ୍ୟ ଏକ ଶାସ୍ତ୍ରୀୟ ସାହିତ୍ୟ, ଦୀର୍ଘ ୨୫୦୦ ବର୍ଷରୁ ଉର୍ଦ୍ଧ୍ୱ ଓଡିଆ ଭାଷାର ବ୍ୟବହାରରେ ଭାରତୀୟ ଶାସ୍ତ୍ରୀୟ ଭାଷାର ମର୍ଯ୍ୟାଦା ପାଇ ଆଜି ଓଡିଆ ସାହିତ୍ୟ ଭାରତୀୟ ସାହିତ୍ୟ କାହିଁକି – ବିଶ୍ୱସାହିତ୍ୟରେ ନିଜର ପରାକାଷ୍ଠା ଦେଖାଇ ପାରିଅଛି କହିଲେ ଅତ୍ୟୁକ୍ତି ହେବନାହିଁ । ଓଡିଆ ସାହିତ୍ୟର ଅନେକ ବିଭାଗ ମଧ୍ୟରେ ନାଟକ ବା ନାଟ୍ୟ ସାହିତ୍ୟ ଅନ୍ୟତମ । ନାଟ୍ୟ ସାହିତ୍ୟ ମଧ୍ୟ ଅନେକ ବିଭାଗରେ ବିଭକ୍ତିକରଣ – ପୌରାଣିକ, କାଳ୍ପନିକ, ସାମାଜିକ ନାଟକ । ଅଧୁନା ନାଟକ ଗୁଡିକ ସାମାଜିକ ଭରା କାହାଣୀରେ ପରିପୂର୍ଣ୍ଣ । ନାଟ୍ୟକାର ମାନେ ସାମାଜିକ ନାଟକରେ ବର୍ତ୍ତମାନ ପ୍ରଚଳିତ ପାରିବାରିକ କାହାଣୀ ବିଶେଷତଃ ରଚିତ କାହାଣୀ (ଏକ ବ୍ୟକ୍ତି ଙ୍କ ଜୀବନୀକୁ ଆଧାରିତ ନାଟ୍ୟ ସାହିତ୍ୟ) ପ୍ରାଧାନ୍ୟ ଦେଇଥାନ୍ତି ।

ଓଡିଆ ସାହିତ୍ୟ ଏକ ସିନ୍ଧୁ ହେଲେ ମୁଁ ସେଥିରେ ବିନ୍ଦୁ ଭଳି ଜଣେ ସାହିତ୍ୟିକ ଟିଏ । ଓଡିଆ ଭାଷା ଓ ସାହିତ୍ୟର ଜଣେ ଅଧ୍ୟାପକ ଭାବରେ କର୍ମମୟ ଜୀବନ ମଧ୍ୟରେ – ସାହିତ୍ୟିକ ଓ ଗବେଷକ ହେବା ମୋ ଓଡିଆ ସାହିତ୍ୟର ବିକାଶ ଦିଗରେ ଏକ ଝଲକ୍ ମାତ୍ର । ଓଡିଆ ସାହିତ୍ୟର ଅନେକ ବିଭାଗରେ କଲମ ଚାଳନା – କବିତା, ଗଳ୍ପ, ସମୀକ୍ଷା ସାହିତ୍ୟ, ଜୀବନୀ ସାହିତ୍ୟକାର, ଉପନ୍ୟାସ, ନିବନ୍ଧ ସାହିତ୍ୟ, ଅନୁବାଦ ସାହିତ୍ୟ, ପ୍ରବନ୍ଧ ସାହିତ୍ୟ, ସମାଲୋଚନା ସାହିତ୍ୟ ସୃଷ୍ଟି ସମ୍ଭାର କରି ମଧ୍ୟ ମନରେ ଏକ ଭାବନା ଜାଗ୍ରତ ହେଲା ସାହିତ୍ୟଟି ପରିପୂର୍ଣ୍ଣ ହୋଇପାରିଲା ନାହିଁ, ତେଣୁ ନାଟ୍ୟ ସାହିତ୍ୟ ସୃଷ୍ଟି ଅଭାବ ରହିଥିଲା, ମୁଁ ନାଟକ ବିଭାଗର ଛାତ୍ର ନଥିଲି କିମ୍ବା ନାଟକ ଦେଖିବା ମୋର ଆଦୌ ଅଭ୍ୟାସ ନାହିଁ କହିଲେ ଚଳେ, ତେଣୁ ମନ ଭିତରେ ସାହାସ ସଂଚୟ କରି ଗୋଟିଏ ସାମାଜିକ ନାଟକଟିଏ ରଚନା କରିବାର ଦୁର୍ବାର ସ୍ୱପ୍ନ ଓ ସାହସ ମନରେ ସଂଚାର କରିଲି । ସାମାଜିକ ନାଟକ ପୁଣି ବିଷୟବସ୍ତୁ କ'ଣ ଉପସ୍ଥାପନା କରିବି ତା'ର ସିଦ୍ଧାନ୍ତ ନେଇ ପାରିନଥାଏ ଠିକ୍ ଏତିକିବେଳା ମୋ ମନରେ ମୋ ଜେଜେବାପା ବାବାଜୀ ନାୟକ ଙ୍କ କଥା ଆସିଲା, ମୁଁ ତାଙ୍କ ଜୀବନୀ ବିଷୟରେ ମୋ ଜେଜେମା ଭୂତିଦେବୀଙ୍କ ଠାରୁ ପୂର୍ବରୁ


ଶୁଣିଥିଲି । ମୋ ବାପା ରାମଚନ୍ଦ୍ର ନାୟକ, ମୋ ବଡବାପା ଦୁଃଶାସନ, ଭୀମସେନ, ମୋ ପିଉସୀ ବେଙ୍ଗୁଲି, ମୋ ଦାଦା ଭାଗବତ – ସମସ୍ତେ ଦୁଇରୁ ଚଉଦ ବର୍ଷ ବୟସରେ ଜେଜେବାପା ବାବାଜୀ ରୋଗାଗ୍ରସ୍ତ ହୋଇ ମୃତ୍ୟୁ ମୁଖରେ ପଡିଥିଲେ – ବାସ ତା'ପରେ ମୋ – ସାମାଜିକ ରଚିତ ନାଟକର ନାମ ଆସିଲା – ଅସ୍ତମିତ ସୂର୍ଯ୍ୟ – ବାବାଜୀ । ଉପରୋକ୍ତ ସମସ୍ତ ଚରିତ୍ରକୁ ଏ ନାଟକରେ ବର୍ଣ୍ଣନା କରାଯାଇଛି ।

ଭବିଷ୍ୟତରେ ଆଶା ଓ ବିଶ୍ୱାସ – ଏ ନାଟ୍ୟକାର ଙ୍କ ନାଟକ – ଅସ୍ତମିତ ସୂର୍ଯ୍ୟ – ବାବାଜୀ ଙ୍କୁ ଓଡିଶାର ଯେକୌଣସି ନାଟ୍ୟ ନିର୍ଦ୍ଦେଶକ – ନାଟ୍ୟ ରୂପଦେଇ ଓଡିଶା ଯାତ୍ରା ଜଗତରେ ଜନମାନସ ଙ୍କୁ ଆନ୍ଦୋଳିତ କରିବେ, ଏଥିରେ ତିଳେମାତ୍ର ସନ୍ଦେହ ନାହିଁ ।

ସାହିତ୍ୟିକ ଟିଏ ଆନନ୍ଦ ପାଇଥାଏ, ଯେତେବେଳେ ତାଙ୍କର ସାରସ୍ୱତ ସୃଷ୍ଟିଟି – କାହାକୁ ଉତ୍ସର୍ଗ କରିଥାଏ, ମୁଁ ବା ସେଥିରୁ ବାଦ୍ ପଡନ୍ତି କିପରି, ମୁଁ ଏ ସୃଷ୍ଟି ସମ୍ଭାରକୁ ବାବାଜୀ ଙ୍କ ନାତି – ମୋ ମଧ୍ୟମଭାଇ ଆଡଭୋକେଟ୍ ପ୍ରକାଶ ନାୟକ ଙ୍କୁ ଉତ୍ସର୍ଗ କରୁଅଛି ।

ଓଡିଆ ସାହିତ୍ୟ ର

ଜଣେ ସେବକ



(ପ୍ରଫେସର ଡକ୍ଟର ସୁବାଷ ନାୟକ)

# ସୂଚୀପତ୍ର

## ନାଟକ ର ଚରିତ୍ରଗଣ


| | ପୃଷ୍ଠା |
|---|---|
| ନାଟ୍ୟକାର ଙ୍କ ଦୃଷ୍ଟିରେ ନାଟକ | ୧-୧୧ |
| ବାବାଜୀ | ୧୨-୨୦ |
| ସ୍ୱାମୀହରା ପତ୍ନୀ ଭୂତିଦେବୀ | ୨୧-୨୬ |
| ବଡପୁତ୍ର ଦୁଃଶାସନ | ୨୭-୩୩ |
| କନ୍ୟାରତ୍ନା ବେଙ୍ଗୁଲି | ୩୪-୩୮ |
| ମଧ୍ୟମପୁତ୍ର ଭୀମସେନ | ୩୯-୪୨ |
| ପୁତ୍ର ରାମଚନ୍ଦ୍ର | ୪୩-୭୩ |
| କନିଷ୍ଠପୁତ୍ର ଭାଗବତ | ୭୪-୭୯ |
| ନାଟକ ର ଜବନୀକା | ୮୦-୮୧ |

## ନାଟ୍ୟକାର ଙ୍କ ଦୃଷ୍ଟିରେ ନାଟକ

ସାହିତ୍ୟରେ ଏକ ବଳିଷ୍ଠ ବିଭାଗ ହେଲା - ନାଟକ । ଏହା ଖୁବ୍ ପ୍ରଭାବଶାଳୀ, ଏହାର ଅଡିଓ-ଭିଜୁଆଲ ଉପାଦାନ ପାଇଁ ଶିକ୍ଷିତ, ଅଶିକ୍ଷିତ, ମୂର୍ଖ ପଣ୍ଡିତ, ଆବାଳବୃଦ୍ଧ ବନିତା - ସମସ୍ତେ ଏହାଦ୍ୱାରା ପ୍ରଭାବିତ ହୋଇଥାନ୍ତି ।

ନାଟକ ଟିଏ ଖାଲି ମନୋରଞ୍ଜନ ପାଇଁ ଉର୍ଦ୍ଦିଷ୍ଟ ହେବା ଉଚିତ୍ ନୁହେଁ, ଏହା ଶିକ୍ଷଣୀୟ ହେବା କଥା, ଯେଉଁ ସମସ୍ୟା ଏଥିରେ ରୂପାୟିତ ହେବ, ତାହା ବ୍ୟକ୍ତିବାଦୀ ନହୋଇ ସାର୍ବଜନୀନ ହେବ । ଶସ୍ତା ଭାବ ପ୍ରବଣତା, ହର୍ଷୋଲ୍ଲାସ, ଦୁଃଖ କାନ୍ଦରେ ନାଟକ ଭାରାକାନ୍ତ ହେବା ଠିକ୍ ନୁହେଁ ।

ଲୋକ ସମସ୍ୟାକୁ ନେଇ ଉଚିତ୍ ନାଟକ ଲୋକ ନାଟକ ହେବ, ଯଦି ସେ ନାଟକ ବଂଚିବାର ରାହା ଦେଖାଇବ, ପରିସ୍ଥିତି ଓ ବିରୋଧି ଶକ୍ତି ସହିତ ସଂଗ୍ରାମ କରିବାକୁ ପ୍ରେରଣା ଦେବ, ହତାଶା, ଆତ୍ମଗ୍ଲାନି, ଅନ୍ଧବିଶ୍ୱାସୀ, ପୁରୁଣା ଅବକ୍ଷୟୀ ଚିନ୍ତା ଚେତନାରୁ ମଣିଷକୁ ମୁକ୍ତ କରିବ । ଏ ଧରଣର ନାଟକ ବିୟୋଗାତ୍ମକ ହେଲେ ହିଁ ଦୁଃଖନାହିଁ, କିନ୍ତୁ ମିଳନାତ୍ମକ ହୋଇ ଯଦି ନାଟକଟି ଦର୍ଶକ ଙ୍କୁ ଦୁଃଖରେ ମ୍ରିୟମାଣ କରିଦିଏ, କାକୁସ୍ଥ କରିଦିଏ, ଭାଗ୍ୟ ଓ ଭଗବାନଙ୍କ ପାଖରେ ଆତ୍ମସମର୍ପଣ କରିବାକୁ ପ୍ରବର୍ତାଏ, ତାହା ହେବ ସବୁଠାରୁ ମାରାତ୍ମକ ନାଟକ ।

ବିଶୃଙ୍ଖଳିତ ସମାଜକୁ ଶୃଙ୍ଖଳାର ଚାବୁକ ମାରି ସୃଜନଶୀଳ ଛାଂଚ ମଧ୍ୟରେ ଚାପି ରଖିବାରେ ସାହିତ୍ୟ ର ଗୁରୁ ଭୂମିକା ରହିଅଛି । ନାଟକ ହେଉଛି - ସାହିତ୍ୟର ବଳିଷ୍ଠ ଅଙ୍ଗ । ଭାରତୀୟ ନାଟ୍ୟଶାସ୍ତ୍ରରେ ଅନେକ ନାଟ୍ୟକାର ଙ୍କ ନାଟ୍ୟ ରଚନା ଭାରତୀୟ ନାଟ୍ୟ ସାହିତ୍ୟକୁ ସମୃଦ୍ଧ କରିପାରିଅଛି ।

ବିଷୟବସ୍ତୁ ଓ ଗଠନ ଶୈଳୀରେ ଏତେ ଚମତ୍କାର ଶାସ୍ତ୍ରୀୟ ସୂଚନା ଥାଇ ମଧ୍ୟ ଦୁର୍ଭାଗ୍ୟର ବିଷୟ ଯେ - ନାଟକ ମନୋରଞ୍ଜନ ସର୍ବସ୍ୱ ଓ ଉଦ୍‌ଭଟତାରେ ପରିଣତ କଲା । ଅଣରାଜନୈତିକ ବିଷୟବସ୍ତୁକୁ ଅଭିନୟ ଓ ସଙ୍ଗୀତ ସର୍ବସ୍ୱ ସଜାଇ ମନୋରଞ୍ଜନ

କରାଯାଉଥିବା ନାଟକ ଏକ କ୍ଷୁଦ୍ର ଓ ନିମ୍ନମାନର ସର୍କସ ଦଳର କାର୍ଯ୍ୟକ୍ରମ ଠାରୁ କୌଣସି ଗୁଣରେ ଉନ୍ନତ ହୋଇପାରିଲା ନାହିଁ ।

ନାଟକରେ ଉନ୍ନତମାନର ଅଭିନୟ ଓ ମନୋରଞ୍ଜନ ରହିଲେ, ବସ୍ତୁତଃ ମନୋରଞ୍ଜନ ବ୍ୟଞ୍ଜନ ମସଲା ସଦୃଶ ନାଟକ କୁ ରୁଦ୍ଧିମନ୍ତ କରାଇଥାଏ । ଅଭିନୟ ଶ୍ରୁତି ମଧୁର ଓ ହୃଦୟ ଭେଦକାରୀ ସଂଳାପ, ସଙ୍ଗୀତ, ଆବଶ୍ୟକ ମତେ ଆକର୍ଷଣୀୟ ବେଶ୍ ପରିପାଟି, ମଂଚଶିଳ୍ପ ସହିତ ଦୃଶ୍ୟ ସଂଚାଳନ ଓ ନୂଆନୂଆ ଢଙ୍ଗରେ ଆକର୍ଷଣୀୟ ପରିବେଷଣ ଶୈଳୀ ନାଟକ କୁ ମନଛୁଆଁ କରାଇଥାଏ । ଏ ସମସ୍ତ କାର୍ଯ୍ୟକୁ ଉତମ ରୂପେ ସମ୍ପାଦନା କରି ଯଦି ଏକ ଲୋକ ବିରୋଧି ବିଷୟବସ୍ତୁକୁ ଅଣରାଜନୈତିକ ଢଙ୍ଗରେ ପରିବେଷଣ କରାଯାଏ, ତେବେ ଦର୍ଶକ ଦିଗଭ୍ରଷ୍ଟ ହୁଅନ୍ତି । ନାଟକ ତା'ର ସାହିତ୍ୟିକ ଗୁଣବଳୀ ଠାରୁ ଦୂରେଇଥାଏ । ନାଟ୍ୟକର୍ମୀ ଙ୍କୁ ସଚେତନ କରାଇବା ପାଇଁ ବିଦ୍ୱାନବୃନ୍ଦ ନାଟକ ପଛରେ ଲୋକ ଶବ୍ଦ ଯୋଡ଼ି 'ଲୋକ ନାଟକ' ଆନ୍ଦୋଳନ କରିଥିଲେ ।

ନାଟକ ପାଠକ ଦର୍ଶକର ଧ୍ୟାନ ଆକର୍ଷଣ କରି ରଖେ । ପ୍ରଥମଟି ଆକର୍ଷଣ କରିବା, ବିମୋହିତ କରିବାର ଶକ୍ତି । ଦ୍ୱିତୀୟଟି ହେଉଛି - ଏହାର ସାର୍ବଜନୀନ, ସର୍ବକାଳୀନ ପ୍ରସଙ୍ଗିକତା । ନାଟକର ଗଭୀରତା ତାଙ୍କ ନାଟକୀୟ ବିସ୍ମୟର ଅନ୍ୟଏକ ଉଦାହରଣ । ତାଙ୍କର ପ୍ରତିଟି ଚରିତ୍ର ଆପଣା ଆପଣାର ସ୍ୱତନ୍ତ୍ର ନେଇ ଆକର୍ଷଣୀୟ । ବ୍ୟକ୍ତି ମନସ୍ତତ୍ତ୍ୱର ଭିନ୍ନଭିନ୍ନ ଅଭିବ୍ୟକ୍ତି ଗଭୀର ଅନ୍ତଦୃଷ୍ଟି ଦର୍ଶାଇଥାଏ । ଜୀବନକୁ ରଙ୍ଗମଂଚ ସହିତ ତୁଳନା ଜୀବନର ସଂକ୍ଷିପ୍ତ ଚିତ୍ର ପ୍ରଦାନ କରେ ଓ ଏହାର ଅଳିକତା ପ୍ରକଟିତ କରାଏ ।

ଏକ ନାଟ୍ୟ ପରମ୍ପରା ଯେ ଶକ୍ତିଶାଳୀ ଆବେଗକୁ ପ୍ରକାଶ କରିବାକୁ ଶକ୍ତିଶାଳୀ କାବ୍ୟକ ସଂଳାପ ଆବଶ୍ୟକ, ଦ୍ୱିତୀୟ କାରଣ ହେଉଛି - ଏହା ଦର୍ଶନିକ ସତ୍ୟର ପ୍ରକାଶ କରୁଛି, ତୃତୀୟ କାରଣ ହେଉଛି - ଦର୍ଶକର ଦର୍ଶନକୁ ପାଥେୟ କରି ନାଟ୍ୟକାର ମାନେ ନାଟକ ରଚନା କରିବା ଆବଶ୍ୟକ ।

ନାଟକୀୟ କ୍ରିୟା ସହିତ ଜଡିତ ଓ ଚରିତ୍ରର ଦ୍ୱନ୍ଦ, ଉତ୍କଣ୍ଠା, ବ୍ୟଥା ବଦଳାଇ, ଯାହାକି ନାଟକୀୟ ଓ ଉତ୍କଣ୍ଠାଭରା - ତା'ର ଏସବୁ ପରିପ୍ରକାଶ । ନାଟକର ପରିବେଷଣ ଓ

ରୂପାନ୍ତରିତ ନାଟକର ପରିବେଷଣ ହୋଇଅଛି ।

ଓଡିଆ ନାଟ୍ୟ ସାହିତ୍ୟ, ଭାରତୀୟ ନାଟ୍ୟ ସାହିତ୍ୟ ତଥା ବିଶ୍ୱ ନାଟ୍ୟ ସାହିତ୍ୟକୁ ଋଦ୍ଧିମନ୍ତ କରିବାରେ ଅନେକ ନାଟ୍ୟକାର ଙ୍କର ସୃଜନାତ୍ମକ ପ୍ରତିଭା ସେମାନଙ୍କୁ କାଳଜୟୀ କରିପାରିଅଛି । ଆଧୁନିକ ଯୁଗର ନାଟ୍ୟକାର ମାନେ ମୁଖ୍ୟତଃ ସେମାନଙ୍କର ନାଟକରେ ଜୀବନ ରୂପାୟିତ ଭଳି ରଚିତ ନାଟକ କରୁଛନ୍ତି, ତାହାକୁ (Biographical Play) ବୋଲି କୁହାଯାଉଛି । ଓଡିଆ ନାଟକ "ବାବାଜୀ" ପ୍ରଥମ ନାଟକ - ତା'ର ନାଟ୍ୟକାର ଜଗମୋହନ ଲାଲ୍ - ଓଡିଶାର ପ୍ରଥମ ନାଟ୍ୟକାର ମାନ୍ୟତାପ୍ରାପ୍ତ ।

ବର୍ତମାନ ସଂପ୍ରତିକ ଓଡିଆ ନାଟକ କଥା ବିଚାରକୁ ନିଆଯାଉ । ସାମ୍ପ୍ରତିକ ନାଟକ ୧୯୬୦ ପରବର୍ତୀ ନାଟ୍ୟଧାରାର ବହୁ ପରୀକ୍ଷା ନିରୀକ୍ଷା ଓ ପ୍ରୟୋଗର ପ୍ରତିଶ୍ରୁତି । ପୂର୍ବରୁ ବାସ୍ତବତା କହିଲେ ଯାହା ବୁଝାଉଥିଲା, ସେ ଚିନ୍ତାଧାରା ମଧ୍ୟ ବଦଳିଲା । ବାସ୍ତବ କହିଲେ - କେବଳ ପରିଦୃଶ୍ୟମାନ ବାସ୍ତବତା ନୁହେଁ, ବାସ୍ତବତା ଅନ୍ତରାଳରେ ବାସ୍ତବତା ବିଦ୍ୟମାନ । ଏହା ହେଉଛି ଅନ୍ତରୀଣ ବାସ୍ତବତା କଥା ।

ଓଡିଶାର ଏହି ଆଦ୍ୟଧାରାର ପ୍ରବକ୍ତା ହେଉଛନ୍ତି - ନାଟ୍ୟକାର ମନୋରଞ୍ଜନ ଦାସ, ଏହି ନୂତନ ନାଟ୍ୟଧାରାର ପ୍ରଥମ ସୃଷ୍ଟି - "ଆଗାମୀ", ବନହଂସୀ, ଅରଣ୍ୟଫସଲ, ସାଗରମନ୍ଥନ, କାଠଘୋଡା ପ୍ରଭୃତି ଅଭିବ୍ୟକ୍ତିବାଦ ଧାରାର ନାଟକ ରଚନା କରିଥିଲେ । ତାଙ୍କର 'ନନ୍ଦିକାକେଶରୀ' ନାଟକ ମୂଲ୍ୟବୋଧ ଭାଙ୍ଗି ପଡିଥିବାର କଥା କହିଛି ।

ଓଡିଆ ନାଟ୍ୟ ସାହିତ୍ୟ ଜଗତର ମୁକୁଟବିହୀନ ସମ୍ରାଟ ଥିଲେ - ଯଶସ୍ୱୀ ନାଟ୍ୟକାର ବିଜୟ ମିଶ୍ର । ତାଙ୍କ ନାଟକ - ଜନନୀ, "ଅଶାନ୍ତଗ୍ରହ", ଏତେ ଲୋକପ୍ରିୟ ହୋଇଥିଲା କଟକସ୍ଥ ଅନ୍ନପୂର୍ଣ୍ଣା ବି. ରଙ୍ଗମଂଚରେ ଏକାଧିକ୍ରମେ ଛମାସଧରି ମଂଚସ୍ତହୋଇ ସର୍ବକାଳୀନ ରେକର୍ଡ ସୃଷ୍ଟିକଲା । ଏହାପରେ ତିମିରତୀର୍ଥ, ଅସତ୍ୟସହର, ସାଗରତୀରେ ପର୍ଶୁରାମ, କଥାଟିଏ କହୁଁ, ଯାଯାବର, ଜଣେ ରାଜାଥିଲେ, ଏଠି ସେଠି ସବୁଠି, ଆର୍ତନାଦ, ପ୍ରତୀକ୍ଷା ଇତ୍ୟାଦି ନାଟକ ଗୁଡିକ ବିଜୟ ମିଶ୍ରଙ୍କୁ ସୁପ୍ରତିଷ୍ଠିତ ନାଟ୍ୟକାର ମାନ୍ୟତା ଦେଇଥିଲା । "ତଟନିରଞ୍ଜନା" ନାଟକ ନିମିତ୍ତେ, ସେ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର ପାଇଛନ୍ତି

ମଣିଷର ଜୀବନ ମନସ୍ତତ୍ୱକୁ ନାଟକ ମାଧ୍ୟମରେ ପ୍ରତିଫଳିତ କରିଛନ୍ତି - ନାଟ୍ୟକାର ବିଶ୍ୱଜିତ୍ ଦାସ । ମଣିଷର ଅନ୍ତରୀଣ ବ୍ୟବସ୍ଥାକୁ ସେ "ମୃଗୟା" ନାଟକରେ ରୂପାୟନ କରିଛନ୍ତି ।

ନାଟ୍ୟକାର ରମେଶ ପ୍ରସାଦ ପାଣିଗ୍ରାହୀ ଅନେକ ଅଭିବ୍ୟକ୍ତିବାଦୀ ନାଟକ ରଚନା କରିଛନ୍ତି । ତାଙ୍କର ନାଟକ ଗୁଡିକ Stylistic Presentation ଉପରେ ଗୁରୁତ୍ୱ ଦିଏ । ଏଥିରେ ଚରିତ୍ର ଗୁଡିକରେ Psychonalysis କରାଯାଇଛି । ଏ ଗୁଡିକରେ ଆଧୁନିକ ମଣିଷର ଜଟିଳ ମନସ୍ତତ୍ୱକୁ ଚିତ୍ରଣ କରାଯାଇଛି । ହିନ୍ଦୀ ନାଟ୍ୟକାର ମୋହନ ରାକେଶ ଙ୍କ - "ଅଧେ ଅଧୁରେ" ପରି ତାଙ୍କର "ମୁଁ ଆମ୍ଭେ ଆମ୍ଭେମାନେ" ନାଟକରେ ଅନ୍ତଜଗତର ରୂପାୟନ କରାଯାଇଛି । ନାଟ୍ୟକାର ଦର୍ଶାଇଛନ୍ତି - ମଣିଷର ସ୍ୱରୂପ ବିଚିତ୍ର, ପ୍ରତ୍ୟେକ ମୋଭମେଂଟରେ ମଣିଷ ଏକ ଷ୍ଟ୍ରେଞ୍ଜର, ଜଣେ ମହାପୁରୁଷ ଙ୍କ ଜନ୍ମମୃତ୍ୟୁ ସମ୍ପର୍କରେ - ମହାନାଟକ, ଉଡନ୍ତା ପାହାଡର ଦର୍ଜା, ବୃତି ଆଙ୍କିବାର ସହଜ ପ୍ରଣାଳୀ, ଯେସନେ କିଟ୍ ଉର୍ଣ୍ଣାନାଭ ପ୍ରଭୃତି ନାଟକରେ ମଣିଷର ଜଟିଳ ମନସ୍ତତ୍ୱକୁ ଉଦ୍‌ଘାଟନ କରାଯାଇଛି । ତାଙ୍କର ଦୃରୋଷ୍ଟାର ଆଖି ଏକ ମିଥିଧର୍ମୀ ନାଟକ ।

ସଂପ୍ରତିକ କାଳରେ ମଣିଷ ଜୀବନରେ ଉଦ୍‌ଭଟତାର ଉପଲବ୍ଧି ଅନୁଭୂତ ହୋଇଅଛି । ଆଜି ସମ୍ପର୍କ ଅର୍ଥହୀନ, ବଚିଂବା ଅର୍ଥହୀନ, ସ୍ଥିତି ମଧ୍ୟ ଅର୍ଥହୀନ । ଆଜିର ଏହି ଉଦ୍‌ଭଟ ପୃଥିବୀ ଭିତରେ ଆଚରଣ କଲେ ଜଣେ ବଂଚିପାରିବ ଏହି Feeling of Absorbdityକୁ ନେଇ ବିଶିଷ୍ଟ ନାଟ୍ୟକାର ରତ୍ନାକର ଚଇନି ଙ୍କ "ନଚିକେତା ଉବାଚ", ଜଗନ୍ନାଥ ପ୍ରସାଦ ଦାସଙ୍କ "ଅସଙ୍ଗତି", ରମେଶ ପାଣିଗ୍ରାହୀ ଙ୍କ "ଜଣେ ମହାପୁରୁଷ ଙ୍କ ଜନ୍ମମୃତ୍ୟୁ ସମ୍ପର୍କରେ", "ଯାଦୁଘର" ନାଟକ ରଚନା କରିଛନ୍ତି । ଏହି ଶ୍ରେଣୀର ନାଟକର ଭାବବସ୍ତୁ ହେଉଛି - ମଣିଷର ଲକ୍ଷ୍ୟହୀନ ପଦଯାତ୍ରା ।

ବିଂଶ ଶତାବ୍ଦୀର ନାଟକ ଜଗତରେ ଆଉ ଏକ ନୂତନ ନାଟ୍ୟଧାରା ଦେଖାଦେଇଛି, ତାହା ହେଉଛି - ଏପିକ୍ ବା ମହାକାବ୍ୟିକ ନାଟ୍ୟଧାରା । ଏପିକ୍ ନାଟକର ଥିମ୍ ହେଉଛି - ସମାଜ ବାସ୍ତବବାଦ ଓ ଶୈଳୀ ହେଉଛି - ବିଯୁକ୍ତିକରଣ । ଏପିକ୍ ନାଟକରେ ପ୍ରତ୍ୟେକ ଚରିତ୍ର

ନିଜର ପରିଚୟ ଦେଇ ଆସିବେ, ଏହା ଓଡିଆ ଲୋକ ନାଟକରୁ ଗୃହୀତ । ଏହାକୁ ମଧ୍ୟ Third Theatre କୁହାଯାଏ, ମଂଚ ନାଟକ ପ୍ରତି ବିମୁଖତା ପ୍ରଦର୍ଶନ କରିଥିବା ଦର୍ଶକମାନଙ୍କୁ ନାଟକ ଜଗତ ପ୍ରତି ମୁହାଁଇବା ପାଇଁ ଏ ପ୍ରଚେଷ୍ଟା । ଏହି ନାଟକ ଗୁଡିକରେ ସାମାଜିକ, ଅଙ୍ଗୀକାର Social Commitment ରହିଛି - ରହିଛି ମଧ୍ୟ ବିଦ୍ରୋହର ସ୍ୱର ।

୧୯୮୦ ପରବର୍ତ୍ତୀ ଓଡିଆ ନାଟକ ହେଉଛି - Theatre of Confrontation and Theatre of Commitment ବଂଶୀ କାଉଲ, ଭାନୁଭାରତୀ, ଶଙ୍କର ପିଲାଇ, ବାଦଲ ସରକାର, ହବିବ୍, ତନବୀର ପ୍ରଭୃତି ଭାରତୀୟ ନାଟ୍ୟ ଜଗତରେ ତୃତୀୟ ନାଟ୍ୟ ଚେତନାର ପଥପ୍ରଦର୍ଶକ । ତୃତୀୟ ନାଟ୍ୟ ଚେତନାର ମୁଖ୍ୟ ଥିମ୍ ହେଉଛି - ସାମାଜିକ ପ୍ରତିବଦ୍ଧତା (Social Commitment) ଏପିକ୍ ନାଟକରେ ଏରିନା ମଂଚ ବ୍ୟବହାର କରାଯାଏ । ଏହି ନାଟକ ଲୋକ ନାଟକର ପରମ୍ପରାକୁ ଶୈଳୀ ଦିଆଯାଇଛି । ଓଡିଆ ନାଟ୍ୟକାର ମନୋରଞ୍ଜନ ଦାସଙ୍କ ନନ୍ଦିକାକେଶରୀ, ନୀଳାଦ୍ରିଭୂଷଣ ହରିଶ୍ଚନ୍ଦନଙ୍କ ସ୍ୱର୍ଗାରୋହଣ, କାର୍ତ୍ତିକ ରଥଙ୍କ ବହ୍ନିମାନ, ବିଜୟ ମିଶ୍ରଙ୍କର ଜଣେ ରାଜାଥିଲେ ଓ ରତ୍ନାକର ଚଇନି ଙ୍କର ଅଥଚ ଚାଣକ୍ୟ ପ୍ରଭୃତି ଏପିକ୍ ନାଟକ ।

ନାଟ୍ୟକାର ମନୋରଞ୍ଜନ ଦାସଙ୍କ ନନ୍ଦିକାକେଶରୀ ରେ ଦେଶିଆ ନାଟକର ଶୈଳୀ ରହିଛି । ଏଥିରେ ଗୀତିନାଟ୍ୟର ଦାୟିକା ରହିଛି । ବିଜୟ ମିଶ୍ରଙ୍କ ଜଣେ ରାଜା ଥିଲେ, ଲୋକଗୀତ, ଲୋକ କାହାଣୀ, ଉପସ୍ଥାପନା, ନାଟ୍ୟକାର ରମେଶ ଚନ୍ଦ୍ର ପାଣିଗ୍ରାହୀ ଙ୍କର ମହାନାଟକ, ସୁବୋଧ ପଟ୍ଟନାୟକ ଙ୍କ ଏଥୁ ଅନ୍ତେ, ନାଟ୍ୟକାର କାର୍ତ୍ତିକ ରଥଙ୍କ ବହ୍ନିମାନ, ଚଇତିଘୋଡା ପ୍ରଭୃତି ନାଟକରେ ପାରମ୍ପରିକ ଯାତ୍ରାଶୈଳୀ, ନାଟ୍ୟକାର ପ୍ରମୋଦ ତ୍ରିପାଠୀ ଙ୍କର ଶୁଣପରୀକ୍ଷ ଦଣ୍ଡଧାରୀ ରେ ଦାଶକାଠିଆର ମାଧ୍ୟମ ଦିଆଯାଇଛି - ଉଲ୍ଲେଖିତ ଓଡିଆ ନାଟକରେ ବ୍ରେଖଟର ଙ୍କ ଏପିକ୍‌ଧର୍ମୀ ଚେତନା ଗ୍ରହଣକରି ନାଟ୍ୟକାର ମାନେ ବିଶ୍ୱନାଟ୍ୟ ଚେତନା ସହିତ ନିଜ ଭାବ ରାଜ୍ୟକୁ ସାମିଲ କଲେ ।

ବିଶିଷ୍ଟ ନାଟ୍ୟକାର ବିଜୟ କୁମାର ଶତପଥୀ ଙ୍କ ନାଟକ ଗୁଡିକରେ ସାମାଜିକ ପ୍ରତିବଦ୍ଧତା ରହିଛି - ତାଙ୍କର କଂସରଆତ୍ମା, ଶୋଣିତ ସ୍ୱାକ୍ଷର, ଏଇଯେ ସୂର୍ଯ୍ୟ ଉଏଁ, କର୍ଣ୍ଣ ପ୍ରଭୃତି ସାର୍ଥକ ନାଟକ, ପ୍ରଳୟତାରେ - ନାଟକରେ ନାଟ୍ୟକାର କେବଳ ୧୯୯୯ ମସିହାର ଖଣ୍ଡପ୍ରଳୟର ମହାବାତ୍ୟା କଥା କହିନାହାଁନ୍ତି, ତା'ଠାରୁ ଆଉ ଏକ ଭୟଙ୍କର ମହାବାତ୍ୟାର ଅସ୍ତିତ୍ୱ କିପରି ମଣିଷର ଚେତନାକୁ ବିକ୍ଷୁବ୍ଧ କରିଛି, ତାହା ଦର୍ଶାଇଛନ୍ତି । ସବୁଠି ପ୍ରଳୟର ଅସ୍ତିତ୍ୱ ମଣିଷର ରକ୍ତକୋଷରେ, ଚିନ୍ତା ଓ ଚେତନାରେ ଓ ହୃଦୟ ତନ୍ତ୍ରୀରେ କାରାଗାର ର କାହାଣୀ ତାଙ୍କର ଏକ ଏପିକ୍ ନାଟକ । ଏଥିରେ  ନାଟ୍ୟକାର ଦର୍ଶାଇଛନ୍ତି - କାରାଗାର ଏକଦା ଥିଲା - ଦୋଷୀ ପାଇଁ ପ୍ରାୟ ପ୍ରାୟଶ୍ଚିତ, ଅନୁଶୋଚନା, ମୁକ୍ତିଭାବନା ଓ ପରିବର୍ତ୍ତନର କ୍ଷେତ୍ର କିନ୍ତୁ ବର୍ତମାନ ତାହା ଚୋର, ତସ୍କର, ଖୁନୀ, ଆସାମି, ବଦମାସ୍ ମାନଙ୍କର ଆଡଡାସ୍ଥଳୀ

ସେହିପରି ନାଟ୍ୟକାର ହୃଷିକେଶ ପଣ୍ଡାଙ୍କର ନାଟକ - ଭାସ୍କୋଡଗାମା, ବ୍ରହ୍ମରାକ୍ଷାସ, ନାଟ୍ୟକାର ପ୍ରମୋଦ ତ୍ରିପାଠୀ ଙ୍କର ଶୁଣ ପରୀକ୍ଷ ଦଣ୍ଡଧାରୀ, କ୍ୟାନସର, ଜଠର, ନିଶାନ୍ତ ନାଟକ ଏବଂ ଡକ୍ଟର ନାରାୟଣ ସାହୁଙ୍କ - ଆଶ୍ରା ଖୋଜୁଥିବା ଈଶ୍ୱର, କାହାଣୀ ସର୍ବଶେଷ ଲୋକର, ମୁକ, ପୁନଶ୍ଚ ପୃଥିବୀ, ଅପରାହ୍ଣର ଅବଶୋଷ ନାଟକ ତଥା ନାଟ୍ୟକାର ସୁବୋଧ ପଟ୍ଟନାୟକ ଙ୍କ ଅବରୁଦ୍ଧ ଉଦ୍ଧବ, ମାଟି, ନାଟ୍ୟକାର ଶଙ୍କର ତ୍ରିପାଠୀ ଙ୍କର ସାଗର ସଙ୍ଗମ, ନାଟ୍ୟକାର ରଣଜିତ୍ ପଟ୍ଟନାୟକ ଙ୍କର - ଇଚ୍ଛା ବନାମ ପଦ୍ମନାଭ, ନାଟ୍ୟକାର ରବି ଦାସଙ୍କ ଯଯାତି ଯନ୍ତ୍ରଣା, ନାଟ୍ୟକାର ରତି ମିଶ୍ରଙ୍କର ଅବତାର, ରୁଦ୍ଧଦ୍ୱାର ପ୍ରଭୃତି ଉଚ୍ଚକୋଟୀର ନାଟକ । ନାଟ୍ୟକାର ପ୍ରଦୀପ କୁମାର ରଥ ତିନୋଟି ନାଟକ ରଚନା କରି ଯଶସ୍ୱୀ ହୋଇଛନ୍ତି । ତାଙ୍କର ନାଟକ ଗୁଡିକରେ ସାମାଜିକ ପ୍ରତିବଦ୍ଧତା ରହିଅଛି । ତମସୋ ମା' ଜ୍ୟୋର୍ତିମୟୀ ନାଟକରେ ଡ୍ରଗ୍ସ ବିରୁଦ୍ଧରେ ଆହ୍ୱାନ ରହିଅଛି । ସେହିପରି ପଦଧ୍ୱନି ଅନେକ ମୃତ୍ୟୁର ନାଟକଟି ଏଡସ୍ ମହାମାରୀ ବିରୁଦ୍ଧରେ ସମାଜକୁ ସୂଚେଇ ଦିଆଯାଇଛି ।

ଏକବିଂଶ ଶତାବ୍ଦୀରେ ନାଟ୍ୟ ସାହିତ୍ୟ ରଚନାରେ ଭଟ୍ଟା ପଡିଗଲା ପରି ମନେହୁଏ, ଏ ଶତାବ୍ଦୀରେ (୨୦୦୦ ମସିହାରୁ ଅଦ୍ୟାବଧି ...) ଓଡିଆ ନାଟକ ରଙ୍ଗମଂଚର ଦୁର୍ଦ୍ଦିନ କହିଲେ ଅତ୍ୟୁକ୍ତି ହେବନାହିଁ, ତଥାପି ନାଟକ ବଂଚିବ ଏବଂ ପଂଚମ ବେଦ ଭାବରେ ଏହା

ମାନବର ବନ୍ଦନା ଗାନକରିବ । ଏକବିଂଶ ଶତାବ୍ଦୀ ଓ ଇଲେକ୍ଟ୍ରୋନିକ୍ ମିଡିଆ ଦ୍ୱାରା ନାଟକ କୁ ପ୍ରତାରିତ କରିବାକୁ ଯାଉଅଛି । ତଥାପି ନାଟକଗଣ ସାହିତ୍ୟ ଭାବରେ ବଂଚି ରହିବ, ଏଥିରେ ତିଳେମାତ୍ର ସନ୍ଦେହ ନାହିଁ ।

ଊନବିଂଶ ଶତାବ୍ଦୀର ଶେଷଭାଗରେ ଦୁଇଜଣ ପ୍ରତିଷ୍ଠିତ ନାଟ୍ୟକାର ଜଗମୋହନ ଲାଲ୍, ରାମଶଙ୍କର ରାୟ ପରେପରେ କାମପାଳ ମିଶ୍ର, ଭିକାରୀ ଚରଣ ପଟ୍ଟନାୟକ, ଅଶ୍ୱିନୀ କୁମାର ମିଶ୍ର, ଗୋଦାବରୀଶ ମିଶ୍ର, କାଳିଚରଣ ପଟ୍ଟନାୟକ ପ୍ରମୁଖ ନାଟକ ରଚନା କଲେ । ସେ କାଳର ନାଟକମାନ ସାମାଜିକ ଓ ଜାତୀୟ ପ୍ରାଣ ସ୍ପନ୍ଦନର ଜୀବନ୍ତ ଅଭିବ୍ୟକ୍ତି

ଓଡ଼ିଆ ନାଟ୍ୟ ସାହିତ୍ୟର ପ୍ରବାଦ ପୁରୁଷ ନାଟ୍ୟରଶ୍ମୀ ପ୍ରଫୁଲ୍ଲ କୁମାର ରଥ ଶତାଧିକ ନାଟକ ରଚନାକରି ଓଡ଼ିଆ ସାହିତ୍ୟକୁ ସମୃଦ୍ଧ କରିଅଛନ୍ତି । ତାଙ୍କର ବହୁଚର୍ଚ୍ଚିତ ନାଟକ ମଧ୍ୟରେ - ସ୍ୱର୍ଣ୍ଣଚମ୍ପା, ଶୂନ୍ୟ ଆକାଶ, ଅମର ଆଖି, ଶବ ପଡିଛି, ଚାରିଛକ, ପିଡବ୍ଲୁଡି, ସ୍ୱର୍ଗକୁ ଯାଅ ହେ ପାପୀମାନେ ଅନ୍ୟତମ ।

ଗୌରୀ ଶଙ୍କର ଙ୍କ ସାନଭାଇ ରାମଶଙ୍କର ରାୟ ଥିଲେ ଆଧୁନିକ ଓଡ଼ିଆ ନାଟ୍ୟ ସାହିତ୍ୟର ପ୍ରାଣ ପ୍ରତିଷ୍ଠାତା । ରାମଲୀଳା ନାଟକର ଆଦ୍ୟସ୍ରଷ୍ଟା ।

ନାଟକ ସୃଷ୍ଟି କ୍ଷେତ୍ରରେ ବିଶିଷ୍ଟ ନାଟ୍ୟକାର - ଅନନ୍ତ ଓଝା ଚିରନମସ୍ୟ - ତାଙ୍କର ୨୦୦ ଗୋଟି ନାଟ୍ୟ ରଚନା ଓଡ଼ିଆ ନାଟ୍ୟ ସାହିତ୍ୟକୁ ଅବଦାନ । ସେ ମଧ୍ୟ ନାଟ୍ୟ ନିର୍ଦ୍ଦେଶକ ଭାବରେ ଓଡିଶା ନୁହେଁ ଭାରତୀୟ ନାଟ୍ୟ ସାହିତ୍ୟରେ ସୁନାମ ଅର୍ଜନ କରିଅଛନ୍ତି । ମୁଇଁ ସମ୍ବଲପୁରୀ ନାନୀ, ବିଦେଶିନୀ ବଜାରି ବୁଢା, ହରେକୃଷ୍ଣ ହରେରାମ, ଜିଅନ୍ତା ଶବ, ଆକାଶବାଣୀ କଟକ, ଭଲମଣିଷ ଖୋଜା ଚାଲିଛି ଇତ୍ୟାଦି ନାଟକ ଓଡ଼ିଆ ନାଟ୍ୟ ସାହିତ୍ୟର ଗୋଟିଏ ଗୋଟିଏ ଅମୂଲ୍ୟରତ୍ନ ।

ଡ୍ରାମା ନାଟକର ପ୍ରଣେତା ଭାବରେ ଡକ୍ଟର ରାମଚନ୍ଦ୍ର ବେହେରା ଙ୍କ ଦଶଗୋଟି ଡ୍ରାମା ତୁଳସୀ କଲଚରାଲ ଦ୍ୱାରା ଅଭିନୀତ ହୋଇ ପ୍ରଶଂସନୀୟ ଓ ପୁରସ୍କୃତ ।

ସୁଦକ୍ଷ ନାଟ୍ୟକାର ଓ ନିର୍ଦ୍ଦେଶକ - ଲାଲ ଲମ୍ବୋଧର ସିଂହଦେଓ ଓଡ଼ିଆ ନାଟ୍ୟ ଜଗତର ଜଣେ ଜଣାଶୁଣା ନାମ ।

ସୃଷ୍ଟି, ସ୍ଥିତି ଓ ପ୍ରଳୟ, ନଗରବଧୂ, ନିସ୍ତବ୍ଧ ପୃଥିବୀର ଶବ୍ଦ, ଗଙ୍ଗଶିଉଳି ହସ ପ୍ରଭୃତିର ସ୍ରଷ୍ଟା - ନାଟ୍ୟକାର ଡ. ପୂର୍ଣ୍ଣଚନ୍ଦ୍ର ମିଶ୍ର ।

ନାଟ୍ୟଚାର୍ଯ୍ୟ ବାଳକୃଷ୍ଣ ମହାନ୍ତି, ଦୟାନିଧି ସ୍ୱାଇଁ, ବାଳକୃଷ୍ଣ ସ୍ୱାଇଁ, ଗନ୍ଧର୍ଭରାଜ ପରିଡା ପ୍ରମୁଖ ଓଡିଆ ନାଟ୍ୟ ସାହିତ୍ୟର ପୁରୁଣା ନାଟ୍ୟକାର ।

ପଥିପ୍ରଦର୍ଶକ ନାଟ୍ୟକାର ଗୋପାଳ ଛୋଟରାୟ - ଓଡିଆ ନାଟ୍ୟ ଜଗତର ଜଣେ ବିଚିତ୍ର ବିନ୍ଧାଣୀ - ନାଟକ "ଭରସା" ଠାରୁ ତାଙ୍କ ନାଟ୍ୟ ଜୀବନର ଜୟଯାତ୍ରା ବିଂଶ ଶତକର ଶେଷପାଦ ପର୍ଯ୍ୟନ୍ତ ଥିଲା ଅବ୍ୟାହତ । ପରକଲମ, ଫେରିଆ, ଶଙ୍ଖାସିନ୍ଦୂର, ପଥିକବନ୍ଧୁ, ନଷ୍ଟଉର୍ବଶୀ, ପଦ୍ମାଳୟା, ଅର୍ଦ୍ଧାଙ୍ଗିନୀ, ନୂଆବୋହୂ, ଘଟକ, ପ୍ରତିଭା, ସାଧନା ଇତ୍ୟାଦି ସଫଳ ନାଟକ ରଚନା କରି ଏକଦା ଓଡିଆ ମଂଚକଳାକୁ ସେ ଯଥାସମ୍ଭବ ନିଜ ଦଖଲରେ ରଖିଥିଲେ

ଡାକ୍ତର ସୁବୋଧ ପଟ୍ଟନାୟକ ଓଡିଆ ନବନାଟ୍ୟ ଆନ୍ଦୋଳନର ଅନ୍ୟତମ ସ୍ରଷ୍ଟା । ଏଥିଅନନ୍ତ, ଅନ୍ୟଏକ ପୃଥିବୀ, "କାପୁରୁଷ-ମହାପୁରୁଷ" ଉତରପୁରୁଷ, ହୋ ଭକତେ ପ୍ରଭୃତି ଉଚ୍ଚମାନର ନାଟକ ଗୁଡିକରେ ସେ ସମାଜ, ରାଜନୀତି, ବ୍ୟକ୍ତି ଚରିତ୍ର ଗୁଡିକ ପ୍ରତି ବ୍ୟଙ୍ଗାତ୍ମକ ଦୃଷ୍ଟି ପ୍ରକାଶ କରିଅଛନ୍ତି । ସୁନ୍ଦର ସଂଳାପ ପ୍ରୟୋଗରେ ସେ ଜଣେ ସଫଳ ଶିଳ୍ପୀ । ଅନେକ ଓଡିଆ ଚଳଚ୍ଚିତ୍ରରେ ସଂଳାପ ରଚନା କରି ସେ ନିଜସ୍ୱ ନାଟ୍ୟ ପ୍ରତିଭାର ପ୍ରମାଣ ରଖିଛନ୍ତି । ତାଙ୍କ ନାଟକ ସଂଳାପ ବୈଦିକ ବ୍ୟଙ୍ଗାତ୍ମକ, ଶାଣିତ ତଥା ଲୋକପ୍ରିୟ ।

ଭୁବନ ସହର ର ନିବାସୀ ବିଶିଷ୍ଟ ନାଟ୍ୟକାର ନାଟ୍ୟକଳାଭୂଷଣ ପୀତାମ୍ବର ମିଶ୍ର ଅନେକ ନାଟକର ରଚୟିତା - ତାଙ୍କ ରଚିତ ନାଟକ "କଂସାକବାଟ" ଓଡିଶାରେ ଆଲୋଡନ ସୃଷ୍ଟି କରିଥିଲା ।

ଢେଙ୍କାନାଳର ଲବ୍ଧ ପ୍ରତିଷ୍ଠିତ ନାଟ୍ୟକାର - ଦିଲେଶ୍ୱର ମହାରଣା, ତାଙ୍କ ରଚିତ ନାଟକ ହେଉଛି - ରାଜାଘର ଖେଳେ, ଆସନ୍ନ ପ୍ରଳୟ, ନ୍ୟାୟ, ଦ୍ୱିତୀୟ ଈଶ୍ୱର, ଉତରପୁରୁଷ, ସେ ଦିନ ଆସୁଛି-ସିଦ୍ଧାନ୍ତ, ଭଡାଘର, ସୂର୍ଯ୍ୟପରାଗ ଓ ବାଉଁଶ ଠେଙ୍ଗାରେ ସ୍ୱାଧିନତା ପ୍ରଭୃତି ଓଡିଆ ନାଟ୍ୟ ସାହିତ୍ୟକୁ ଅବଦାନ ।

ପୁରୀ ନିବାସୀ ନାଟ୍ୟକାର - ଗୋବିନ୍ଦ ଚନ୍ଦ୍ର ତ୍ରିପାଠୀ ଙ୍କ ନାଟକ - ଗରିବପ୍ରେମ,

ଶକୁନ୍ତଳା, ଶିଶୁପାଳବଧ, ବଳରାମ ଦାସ ପ୍ରଭୃତି ଓଡିଆ ନାଟ୍ୟ ସାହିତ୍ୟକୁ ଦାନ ।

କାଳିନ୍ଦୀଚରଣ ପାଣିଗ୍ରାହୀ ଜଣେ ନାଟ୍ୟକାର ଭାବରେ ଓଡିଆ ନାଟ୍ୟ ସାହିତ୍ୟରେ ପ୍ରତିଷ୍ଠିତ । "ପ୍ରିୟଦର୍ଶି" - କାଳିନ୍ଦୀଚରଣ ଙ୍କ ଏକ ସଫଳ ଐତିହାସିକ ନାଟକ, ଅଶୋକ ଙ୍କ ଜୀବନ ରୂପାୟିତ ହୋଇଥିବା ଏକ ଚରିତ ନାଟକ (Biographical Play) ବୋଲି କୁହାଯାଇପାରେ । ବୁଦ୍ଧଙ୍କର ଅହିଂସାବାଣୀ ପ୍ରଚାର କରିବାପାଇଁ ଅଶୋକ ଯେଉଁ ଉତ୍ସର୍ଗର ପରାକାଷ୍ଠା ପ୍ରଦର୍ଶନ କରିଅଛନ୍ତି - ତାହା ହିଁ ନାଟକର ମୁଖ୍ୟ ବିଷୟବସ୍ତୁ । ଏତଦ୍‌ବାଦ ରାଜା ଅଶୋକ ଙ୍କ ଆଦର୍ଶ ତଥା ପ୍ରଜାପାଳନ ନୀତି ଉକ୍ତ ନାଟକରେ ପ୍ରତ୍ୟାଶ୍ରିତ ହୋଇଅଛି

କାଳିନ୍ଦୀଚରଣ ଙ୍କ ପ୍ରିୟଦର୍ଶି ନାଟକ ଭଳି - ସୌମ୍ୟା, ପଦ୍ମିନୀ ପ୍ରଭୃତି ନାଟକ ମଧ୍ୟ ରଚନା କରିଅଛନ୍ତି ।

ନାଟ୍ୟକାର ବସନ୍ତ କୁମାର ପଣ୍ଡାଙ୍କର ନାଟକ - ମଣିଷହାର, ବାଘ ମାତିଛି - ଓଡିଆ ନାଟ୍ୟ ସାହିତ୍ୟର ଏକ ନାଟକ ଭାବେ ସ୍ୱୀକୃତ ।

ଗଙ୍ଗାଧର ମେହେର ଙ୍କ ଜୀବନୀର କେତେକ ଦିଗକୁ ଆଲୋକକୁ ଆଣିବାପାଇଁ କବିପୌତ୍ର ନବୀନ ଚନ୍ଦ୍ର ମେହେର ଲେଖିଛନ୍ତି - "ଅମୃତ ମନ୍ଥନ" ନାଟକ । ମନବୋଧ ମେହେର ଙ୍କ ଗଙ୍ଗାଧର ନାଟକ ମଧ୍ୟ ଏ କ୍ଷେତ୍ରରେ ଉଲ୍ଲେଖନୀୟ ।

ଆଧୁନିକ ଓଡିଆ ନାଟ୍ୟ ସାହିତ୍ୟର ବିକାଶଧାରାରେ ମୁଁ ଜଣେ ପଥିକ । ନିଜକୁ ଜଣେ ନାଟ୍ୟକାର ଭାବରେ ନୁହେଁ ନାଟ୍ୟ ସାହିତ୍ୟର ଜଣେ ଛାତ୍ର ଭାବରେ ଅଧ୍ୟୟନରତ ପାଇଁ ପ୍ରୟାସରତ । ଓଡିଆ ନାଟ୍ୟ ସାହିତ୍ୟର ସୁଦୀର୍ଘ ପରମ୍ପରା ଅତି ଗୁରୁତ୍ୱପୂର୍ଣ୍ଣ । ବିଶିଷ୍ଟ ନାଟ୍ୟକାର ମାନେ ଏ ନାଟ୍ୟ ପରିମଣ୍ଡଳକୁ ସମୃଦ୍ଧଶାଳୀ କରି - ଓଡିଆ ନାଟ୍ୟ ସାହିତ୍ୟ ଭାରତୀୟ ନାଟ୍ୟ ସାହିତ୍ୟ ସର୍ବୋପରି ବିଶ୍ୱନାଟ୍ୟ ସାହିତ୍ୟକୁ ଋଦ୍ଧିମନ୍ତ କରିପାରିଛନ୍ତି ।

ଓଡିଆ ସାହିତ୍ୟର ଜଣେ ସେବକ ଭାବରେ ମୋର ମୋ ମନର ସ୍ପନ୍ଦିତ ଜାଗରଣ ଏକ ନାଟ୍ୟ ସାହିତ୍ୟରେ ରୂପାନ୍ତରିତ ହୋଇଅଛି - ମୋର ନାଟକର ନାମ - "ଅସ୍ତମିତ ସୂର୍ଯ୍ୟ - ବାବାଜୀ" - ଏକ ଜୀବନ ରୂପାୟିତ ହୋଇଥିବା ଏକ ଚରିତ ନାଟକ (Biographical Play) ବୋଲି କୁହାଯାଇପାରେ ।

ଏ ବାବାଜୀ – ମୋ ସୃଷ୍ଟିପ୍ରାଣର ପିତାମହ । ବାବାଜୀ ନାୟକ – ମୋର ଜେଜେବାପା, ବୟସର ମଧ୍ୟାହ୍ନରେ ୫ ଗୋଟି ସନ୍ତାନ ସନ୍ତତି (ମୋର ବାପାଙ୍କ ପରିବାର) ଙ୍କୁ ଅସ୍ତମିତ ସୂର୍ଯ୍ୟଭଳି କରିଦେଇ ଏ ସଂସାରରୁ ବିଦାୟ ନେଇଗଲେ – ବିଧିର ବିଧାନ କେ କରିବ ଆନ

ଭୁବନ ଗ୍ରାମ – ଏକ ଐତିହାସିକ ଗ୍ରାମ । ଏଠାକାର ଅଧିବାସୀ ବ୍ୟବସାୟ ଉପରେ ନିର୍ଭରଶୀଳ । ଅଧାରୁ ଅଧିକ ଆମ କାପୁଡିଆ ସମାଜର ଲୋକ । ଅଧୁନା ଏହା ଭୁବନ ସହର ୫୦,୦୦୦ ଜନସଂଖ୍ୟା ବିଶିଷ୍ଟ । ନାୟକ ବଂଶଲତାର – ବାବାଜୀ ଜଣେ ବ୍ୟବସାୟୀ ଥିଲେ – ଅକାଳମୃତ୍ୟୁରେ ସ୍ତ୍ରୀ ଭୂତିଦେବୀ, ଚାରିଗୋଟି ପୁତ୍ରସନ୍ତାନ – ଦୁଃଶାସନ, ଭୀମସେନ, ରାମଚନ୍ଦ୍ର, ଭାଗବତ ଓ ଏକମାତ୍ର କନ୍ୟାରତ୍ନା ବେଙ୍ଗୁଲି କୁ ନେଇ ଦୁଃଖଭରା ସଂସାରକୁ ପାଳନକରି ଆଜି ସମସ୍ତେ ସମାଜରେ ପ୍ରତିଷ୍ଠିତ ।

"ଅସ୍ତମିତ ସୂର୍ଯ୍ୟ – ବାବାଜୀ" – ନାଟକର ନାଟକଟିକୁ ସମୁଦାୟ ସାତଟି ଦୃଶ୍ୟରେ ବିଭକ୍ତି କରାଯାଇଛି । ନାଟକଟିର ଘଟଣାମାନ ଅତ୍ୟନ୍ତ ଲୋକ ପରିଚିତ । ସାତଗୋଟି ଦୃଶ୍ୟରେ – ବାବାଜୀ, ସ୍ୱାମୀହରା ପତ୍ନୀ ଭୂତିଦେବୀ, ବଡପୁତ୍ର ଦୁଃଶାସନ, କନ୍ୟାରତ୍ନା ବେଙ୍ଗୁଲି, ମଧ୍ୟମପୁତ୍ର ଭୀମସେନ, ପୁତ୍ର ରାମଚନ୍ଦ୍ର, କନିଷ୍ଠପୁତ୍ର ଭାଗବତ ଙ୍କ ଜୀବନୀ ଓ ଦର୍ଶନ ସହିତ ସଂପ୍ରତିକ ପାରିବାରିକ ବନ୍ଧନ (ସଂସାର) ବିଷାଦ ଭାବରେ ବର୍ଣ୍ଣିତ ହୋଇପାରିଅଛି । ମାତ୍ର ସାର୍ଥକ ଚରିତ୍ରାନୁଶୀଳନ ଏ ନାଟକର ବିଶେଷତ୍ୱ ।

ଏ "ଅସ୍ତମିତ ସୂର୍ଯ୍ୟ – ବାବାଜୀ" – (ଏକ ସାମାଜିକ ରଚିତ ନାଟ୍ୟ ସାହିତ୍ୟ) – ବିଶେଷତଃ ପାରିବାରିକ, ମାନବ ଦୁଃଖ, କଷ୍ଟ, ଯନ୍ତ୍ରଣାକୁ ସହ୍ୟକରି ନିଜଗୋଡରେ ଠିଆହୋଇ – ପିଲାମାନଙ୍କୁ ଉଚିତ୍ ଶିକ୍ଷାଦେଇ ସମାଜରେ ପ୍ରତିଷ୍ଠା ଲାଭକରାଇ ନାତିନାତୁଣୀ ପରିବାର ଗଣଙ୍କ ସହ ଅବଶିଷ୍ଟ ଜୀବନ କଟାଇଥାନ୍ତି, ତାହା ବର୍ଣ୍ଣିତ ।

ଏ ନାଟକରେ – ବାବାଜୀ, ଭୂତିଦେବୀ, ଦୁଃଶାସନ, ବେଙ୍ଗୁଲି, ଭୀମସେନ, ରାମଚନ୍ଦ୍ର, ଭାଗବତ ଆଦି ମୁଖ୍ୟ ଚରିତ୍ର ରୂପେ ନାଟକରେ ପରିଲିଖିତ ହୋଇଛନ୍ତି । ଗୌଣ ଚରିତ୍ର ରୂପରେ – ସେମାନଙ୍କର ସ୍ୱପ୍ନ ପରିବାର ପରିଲିଖିତ ହୋଇଛନ୍ତି ।

ଏ ନାଟକଟି ସଂପୂର୍ଣ୍ଣ କରିବାପାଇଁ ବିଘ୍ନାୟକ ଶ୍ରୀ ଗଣେଶ ମୋତେ ବାଣୀକୃପା କରନ୍ତୁ - ଏତିକି ପ୍ରାର୍ଥନା । ଜଣେ ଛୋଟ ନାଟ୍ୟକାର ଭାବରେ ଓଡିଆ ନାଟ୍ୟ ସାହିତ୍ୟରେ ମୋର ଏ ସୃଷ୍ଟି - "ଅସ୍ତମିତ ସୂର୍ଯ୍ୟ" - ବାବାଜୀ - (ଏକ ସାମାଜିକ ରଚିତ ନାଟ୍ୟ ସାହିତ୍ୟ) - ଏକ ପ୍ରତିଭା ଭାବରେ ସ୍ଥାନୀତ ହେଲେ ମୁଁ ନିଜକୁ ଭାଗ୍ୟବାନ ମନେକରିବି

ସାହିତ୍ୟିକ ଟିଏ ଚାହେଁ ତା'ର ସାହିତ୍ୟ କୃତିକୁ ଜଣଙ୍କୁ ଉତ୍ସର୍ଗ କରିବାପାଇଁ ମୁଁ ମୋର ଏ ମାନସମନ୍ଥନ ନାଟକ - "ଅସ୍ତମିତ ସୂର୍ଯ୍ୟ - ବାବାଜୀ" - (ଏକ ସାମାଜିକ ରଚିତ ନାଟ୍ୟ ସାହିତ୍ୟ)କୁ ତାଙ୍କ ନାତି / ମୋର ମଧ୍ୟମଭାଇ ଆଡଭୋକେଟ୍ ପ୍ରକାଶ ନାୟକ ଙ୍କୁ ଉତ୍ସର୍ଗ କରୁଅଛି । ନାୟକ ବଂଶଲତାରେ ଜନ୍ମଲାଭ କରି ମୋର ଜେଜେବାପାଙ୍କ ସ୍ମୃତିକୁ ସମ୍ମାନପୂର୍ବକ - ଏ ନାଟକ ରଚନାକରି ନିଜକୁ ଧନ୍ୟମନେ କରୁଛି ।

ଆଶାକରେ ଏ ସାମାଜିକ ନାଟକ - "ଅସ୍ତମିତ ସୂର୍ଯ୍ୟ - ବାବାଜୀ" - (ଏକ ସାମାଜିକ ରଚିତ ନାଟ୍ୟ ସାହିତ୍ୟ) - ଓଡିଆ ସାହିତ୍ୟର ବିକାଶଧାରାରେ ସହାୟକ ହେବାସହ ପାଠକୀୟ ଆଦୃତି ଲାଭ କରିଲେ ମୋର ଶ୍ରମ ସାର୍ଥକ ସହ ସାରସ୍ୱତ ସାଧନାକୁ ସ୍ୱୀକୃତି ମିଳିବ ।

# ଅସ୍ତମିତ ସୂର୍ଯ୍ୟ - ବାବାଜୀ

## ବାବାଜୀ -

ଭୁବନ ଏସିଆ ମହାଦେଶର ସର୍ବବୃହତ ଗାଁ । ଛତିଶ ପାଟକର ଲୋକ ଏଠି ବସବାସ କରନ୍ତି । ଏଠିକାର ଅଧିକାଂଶ ଲୋକ ବ୍ୟବସାୟ ଉପରେ ନିର୍ଭର କରିଥାନ୍ତି । ଭାରତୀୟ ମୁକ୍ତି ସଂଗ୍ରାମର କିଶୋର ଶହୀଦ୍ ବାଜିରାଉତ । ବାରବର୍ଷର ବାଳକ ବାଜିରାଉତ, ଭୁବନର ପ୍ରଜାମଣ୍ଡଳର ହୁକୁମ ନାହିଁ ଭୁବନରେ ନରସଂହାର କରି ତତ୍କାଳିତ ଇଂରେଜ ଫଉଜମାନେ ନଦୀ ପାରହୋଇ - ଭୁବନରୁ ଢେଙ୍କାନାଳକୁ ପଳାଇଯିବା ଉଦ୍ୟମରତ ନୀଳକଣ୍ଠପୁର ଠାରେ ବ୍ରାହ୍ମଣୀ ନଦୀ, ମୁଁ ପାର କରାଇ ଦେବିନି - ବାଜିର ମାତୃଭୂମି ପ୍ରତି ପ୍ରେମଭରା ଆହ୍ୱାନରେ ଇଂରେଜଙ୍କ କର୍ମଣରୁ ଗୁଳିବର୍ଷଣ, ବାଜିରାଉତ ଙ୍କ ଛାତିରେ ପ୍ରହାର, ସେଠାରେ ବାଜି ପ୍ରାଣବଳୀ ଦେଇ ଶହୀଦ ହେଲେ, ଓଡିଶା କାହିଁକି ସମଗ୍ର ବିଶ୍ୱ ସ୍ତବ୍ଧ ହୋଇଯାଇଥିଲା ।

ଭୁବନର ଅନ୍ୟଏକ ପରିଚୟ ଏଠାକାର ଶିଳ୍ପୀକୂଳର - କାରୁକାର୍ଯ୍ୟ ଓଡିଶା ନୁହେଁ ଭାରତ ପ୍ରସିଦ୍ଧ । ଏଠାକାର କଂସା, ପିତଳ ବାସନ ଶିଳ୍ପ ଖୁବ୍ ଉଚ୍ଚକୋଟିର । ଏଠିକାର କାଠଶିଳ୍ପୀଙ୍କ ନିହଣ ମୁନରେ କାଠ ଖୋଦେଇ କାରୁକାର୍ଯ୍ୟ ଖୁବ୍ ମନୋହରୀ ।

ଭୁବନର ଆରାଧ୍ୟ ଦେବତା - ବାବା ବୁଦ୍ଧେଶ୍ୱର ପାତାଳଫୁଟା ଶିବଲିଙ୍ଗ, ବାରମାସରେ ତେର ପର୍ବ ଏଠି ପାଳନ କରାଯାଇଥାଏ । ଜାଗରଯାତ୍ରା, ଫଂଚୁକ ପାଂଚଦିନ, ବଡଓଷା ପ୍ରମୁଖ ଅନ୍ୟତମ । ବୁଦ୍ଧେଶ୍ୱର ପୀଠ - ଓଡିଶା ସରକାର ଙ୍କର ଏକ ପର୍ଯ୍ୟଟନ ସ୍ଥଳୀର ମାନ୍ୟତାପ୍ରାପ୍ତ । ଦେବତର ବିଭାଗ ଦ୍ୱାରା ଟ୍ରଷ୍ଟି ହୋଇ ପରିଚାଳିତ ।


ଭୁବନର ଅନ୍ୟଏକ ସାଂସ୍କୃତିକ ଗଣପର୍ବ ଦଶହରା ଓ ବଳଦଯାତ୍ରା, ଭାରତୀୟ ସଂସ୍କୃତିର ଝଲକ । ଏଠିକାର ଥୋରିଆ ସମାଜର ଅଧିବାସୀ ମାନେ ପୂର୍ବକାଳରେ ବଳଦ ସାହାଯ୍ୟରେ ବାହାରକୁ ବାଣିଜ୍ୟ କରିବାକୁ ଯାଇଥାନ୍ତି - ସେମାନଙ୍କୁ ଥୋଡି ବଳଦ କୁହାଯାଉଥିଲା । ଦଶହରା ଓ ଦୁର୍ଗାପୂଜାରେ - ୩୦ ଗୋଟିରୁ ଉର୍ଦ୍ଧ୍ୱ ବଳଦ ସୁସଜ୍ଜିତ ଟାହିଆ ଓ ପଲାଣ ସହ ବିମାନ ଦ୍ୱାରା ଦେବୀ ଦୁର୍ଗାଙ୍କ ସହିତ ଭୁବନ ପରିକ୍ରମା କରିଥାନ୍ତି । ପାଲାମଣ୍ଡପ ଠାରେ ରାବଣ

ପୋଡିର କାର୍ଯ୍ୟକ୍ରମ ହୋଇଥାଏ । କାମାକ୍ଷାନଗର ଉପଜିଲ୍ଲାପାଳଙ୍କ ସଭାପତିତ୍ୱରେ ଭୁବନର ବିଶିଷ୍ଟ ବ୍ୟକ୍ତିଙ୍କୁ ନେଇ ଦଶହରା ବଳଦଯାତ୍ରା ଶାନ୍ତି କମିଟି ଗଠନ କରାଯାଇଥାଏ ।

ଭୁବନ ଗାଁର ଜନସଂଖ୍ୟାକୁ ଆଧାରକରି ଓଡିଶା ସରକାର ଏହାକୁ ଦୁଇଗୋଟି ଗ୍ରାମପଂଚାୟତରେ ଗଠନକରି ଥିଲେ, ଏଠାରେ ଦୁଇଜଣ ସରପଂଚ ଓ ୱାର୍ଡମେମ୍ବର ମାନେ କାର୍ଯ୍ୟ କରୁଥିଲେ । କାଳକ୍ରମେ ୧୯୭୨ ମସିହାରେ ଭୁବନ ବିଜ୍ଞାପିତ ଅଂଚଳ ପରିଷଦ (ଏନ୍.ଏ.ସି.)ର ମାନ୍ୟତା ପାଇଲା । ଏଠିକାର ୨୬ ହଜାର ଭୋଟର ସହ ୫୦ ହଜାର ଜନସଂଖ୍ୟା । ୧୫ ଗୋଟି ୱାର୍ଡରେ ନିର୍ବାଚିତ କାଉନ୍ସିଲର ସହିତ - ନଗରପାଳ ଭୁବନକୁ ଗଣତାନ୍ତ୍ରିକ ପଦ୍ଧତିରେ ଶାସନ ପରିଚାଳନା କରିଥାନ୍ତି ।

ଭୁବନର ଅର୍ଦ୍ଧାଧିକ ଜନତା - କାପୁଡିଆ ସମାଜର । ଏମାନଙ୍କର ମୁଖ୍ୟ ବୃତି ଥିଲା - ବ୍ୟବସାୟ - ବେହେରା ସାହିରେ ସେମାନଙ୍କର କୋଠଘର ନିର୍ମାଣସହ ବଳଦେବ ଜୀଉ ମହାପ୍ରଭୁ ସେମାନଙ୍କର ଆଦ୍ୟ ଦେବତା । ଏହି କାପୁଡିଆ ସମାଜର ଏକ ପ୍ରମୁଖ ଅଂଚଳ ହେଲା - ନାୟକ ସାହି, ଏକ ବଡସାହି, ଅନେକ ଲୋକ ସେଠାରେ ବସବାସ କରୁଥିଲେ । ସେମାନଙ୍କର ମଧ୍ୟରେ ନାୟକ ପରିବାର ଅନ୍ୟତମ । ସେମାନଙ୍କର ନାମ ଅନୁଯାୟୀ ନାୟକ ସାହି କରାଯାଇଥିଲା । ଏଠିକାର ନାୟକ ବଂଶଧର ଅନ୍ୟତମ । ଦାସ ନାୟକ, ପଠାଣୀ ନାୟକ, ବଳରାମ ନାୟକ ଙ୍କର ଉ ରାଧିକାରୀ ବାବାଜୀ ନାୟକ (ନାୟକ ବଂଶର ଚତୁର୍ଥ ପିଢି) ଏହିପରି ସାତପୁରୁଷ ବର୍ତମାନ କାର୍ଯ୍ୟରତ ।

## ନାୟକ ବଂଶଲତା


ଦାସ ନାୟକ
ମଦନ
ଭାବ
ପଠାଣୀ
ନୂପି
ବାଞ୍ଛା
ଧୂର୍ବି
ବଇର
ବଳରାମ
ଅଲ୍ଲୀ
ଅଇଁଠୁ
ବନମାଳୀ
ହାଡିବନ୍ଧୁ
କାଠି
ବାବନ
ଗିରିଧାରୀ
କସ୍ତୁରୀ
ବଂଶୀଧର
କୃଷ୍ଣ
ଧର
ବାବାଜୀ
ଭୂତି
ନାରାୟଣ
ସାବିତ୍ରୀ
ଲବଣୀ
ମଣିଗୁରୁ
ନରୋତମ
ଆନନ୍ଦ
ଗୋଲ୍ଲା
ସୁକ
କରୁଣା
ଦୁଃଶାସନ
ବେଙ୍ଗୁଲି
ଭୀମସେନ
ରାମଚନ୍ଦ୍ର
ଭାଗବତ

**ବାବାଜୀ ନାୟକ**

**ଭୂତି ନାୟକ**

- ଦୁଃଶାସନ
- ବେଙ୍ଗୁଲି
- ଭୀମସେନ
- ରାମଚନ୍ଦ୍ର
- ଭାଗବତ

**୰ଦୁଃଶାସନ ନାୟକ**

**ଗୁଣ୍ଡୁରୀ ନାୟକ**

- ପୂର୍ଣ୍ଣଚନ୍ଦ୍ର (ପୁନିଆ)
- ସୁନାକର (ସୁନିଆ)
- ରମା
- ମାଳତୀ

**୰ବେଙ୍ଗୁଲି ଗୁରୁ**

**ଲକ୍ଷ୍ମଣ ଗୁରୁ**

- ଗଜେନ୍ଦ୍ର (ନୂରିଆ)
- ତ୍ରିଲୋଚନ (ଠୁରିଆ)
- ସୁରେଶ (ପିଲା)
- ବାବୁଲି (ପଂଚୁ)
- ସନ୍ତୋଷ (ସନ)
- ସୁଲୋଚନା (ଶୋଲି)
- ଗୋଲାପ (ଗୋଲି)

**୰ଭୀମସେନ ନାୟକ**

**୰ଭାନୁମତୀ ନାୟକ**

- ଦୀନବନ୍ଧୁ (ଦିନା)
- ଚୈତନ୍ୟ (ଉଗୁରୀ)
- ୰ହୃଷିକେଶ (ହୃଷି)
- ପୁନି
- ସଉଁରୀ
- ଗଉରୀ
- ଚଉଁରୀ
- ଜାଡି
- ଅନ୍ତି
- ପିଜି

**ରାମଚନ୍ଦ୍ର ନାୟକ**

**ଭାରତୀ ନାୟକ**

ଜୟନ୍ତୀ | ସୁବାଷ | ପ୍ରକାଶ | ମାନସ

ଭାଗବତ ନାୟକ

ବୀଣାପାଣୀ ନାୟକ

ଗୀତାଞ୍ଜଳୀ (ଗୀତା) | ପୁଷ୍ପାଞ୍ଜଳୀ (ରୀତା) | ଗୌରଗୋପାଳ (ବାବୁ) | ଶ୍ରଦ୍ଧାଞ୍ଜଳୀ (ଶଶି)

ଭୁବନ ନାୟକ ସାହିରେ - ଦାସ ନାୟକ, ପଠାଣୀ ନାୟକ ଓ ବଳରାମ ନାୟକ ଚଳିଗଲା ପରେ - ବଂଶବୃଦ୍ଧିକୁ ଆଖି ଆଗରେ ରଖି - ବଳରାମ ନାୟକ ଭୁବନ ପୋଥାଳ ସାହିରେ ଏକ ଘରଡିହ କିଣି ନିଜର ପରିବାରକୁ ଧରି ଆସିଲେ । ବଳରାମ ନାୟକ ର ଦୁଇପୁଅ - ବାବାଜୀ, ନାରାୟଣ ଓ ଏକମାତ୍ର ଝିଅ ଲବଣୀ ଥିଲେ ।

ବଳରାମ ଥିଲେ ବ୍ୟବସାୟୀ - ଗୁଡ, ମହୁଲ, ପୋଚ ଆଦି ବ୍ୟବସାୟ କରୁଥିଲେ । କାଳକ୍ରମେ ଦୁଇପୁଅ - ବାବାଜୀ ଓ ନାରାୟଣ - ପ୍ରାକ୍ ପ୍ରାଥମିକ ଶିକ୍ଷାପରେ ବାପାଙ୍କ ସାଙ୍ଗରେ ବ୍ୟବସାୟ କରିଲେ । ଏକମାତ୍ର ଝିଅ ଲବଣୀ - ସେହି ସମୟରେ ପାଠ ନପଢି ନାମକ୍ଷର ଜାଣି ମା' ଅଲ୍ଲୀକୁ ଘରକଣାରେ ସାହାଯ୍ୟ କରୁଥିଲେ ।

ପରବର୍ତ୍ତୀ ସମୟରେ ବଳରାମ ନିଜପୁଅ ବାବାଜୀ କୁ ବିବାହ କରାଇଥିଲେ - ଭୁବନ ପୋଥାଳ ସାହିସ୍ଥ - ଧର ପୋଥାଳ ଓ ପାନ ପୋଥାଳ ଙ୍କ ଏକମାତ୍ର କନ୍ୟା ଭୂତି ଦେବୀଙ୍କ ସହିତ - ଭୂତି ଦେବୀଙ୍କ ଭାଇ - ଦନେଇ ପୋଥାଳ ଥିଲେ । ବାବାଜୀ ଙ୍କ ଏକମାତ୍ର ଶଳାଥିଲେ ଦନେଇ -

## ବାବାଜୀ ଙ୍କ ଶଶୁରାଳୟ

**ଧର ପୋଥାଳ**

**ପାନ ପୋଥାଳ**

ଦନେଇ — ଭୂତି

ଶୋଭା — ବାବାଜୀ

ଅଜି  କୁଲୁରୀ  ପଣ୍ଡିତ  କେଶବ  ବିଶ୍ୱନାଥ

ଦୁଃଶାସନ  ଭୀମସେନ  ବେଙ୍ଗୁଲି  ରାମଚନ୍ଦ୍ର  ଭାଗବତ

ବାବାଜୀ ଙ୍କ ଏକମାତ୍ର ଶଳା - ଦନେଇ ଓ ଶଳାଭାଉଜ - ଶୋଭା ଙ୍କ ଦୁଇଝିଅ - ଅଜି, କଲୁରୀ ଓ ତିନିପୁଅ - ପଣ୍ଡିତ, କେଶବ ଓ ବିଶ୍ୱନାଥ ଥିଲେ । ଅଜି ଭୁବନ ବାହାରେ ବିବାହ କରିଥିଲେ । ପରବର୍ତ୍ତୀ ସମୟରେ ବଳରାମ ଙ୍କ ସାନପୁଅ - ନାରାୟଣ ଙ୍କ ବିବାହ ହୋଇଥିଲା । ନାରାୟଣ ଭୁବନ ବାହାରେ ବିବାହ କରିଥିଲେ - କେନ୍ଦୁଝର ଜିଲ୍ଲାର ମୁଗୁପୁର ରେ ନାରାୟଣ-ସାବିତ୍ରୀ କୁ ବିବାହ କରିଥିଲେ । ନାରାୟଣ ପରିବାର -

**ନାରାୟଣ ନାୟକ**

**ସାବିତ୍ରୀ ନାୟକ**

ନରୋତମ (ନାଣ୍ଡି)  ଆନନ୍ଦ (ଝୁଲିଆ)  ତିଳୋତମା (ଗୋଲ୍ଲା)  ସୁକାନ୍ତି (ସୁକ)

**୰ନରୋତମ ନାୟକ**
**ରୁକ୍ମିଣୀ ନାୟକ**

- ଉମାକାନ୍ତ (ବାପି)
- ଦୀପକ (ଦିପୁ)
- ଚନ୍ଦ୍ରକାନ୍ତ (ହାପି)
- ମମତା (ମାମି)
- ଝରଣା (ଝିଲି)
- କବିତା (କବି)

**ଆନନ୍ଦ ନାୟକ**
**ମାୟାରାଣୀ ନାୟକ**

- ଓମ୍‌ପ୍ରକାଶ (ବାବୁ)
- ମାତୃପ୍ରସାଦ (ବାଉଆ)
- ପଲ୍ଲବୀ (ପଲୁ)
- ଜଲି (ଟୋରୀ)
- ତପିନ (ତପି)
- ସ୍ୱର୍ଗଦାସୀ (ଲକ୍ଷ୍ମୀ)

**ତିଲୋତମା ରାଉତ**
**କାର୍ତ୍ତିକେଶ୍ୱର ରାଉତ**

- ରଜତ (ରତି)
- ରାଜେନ୍ଦ୍ର (ଟିଟୁ)
- ମନୋରମା (ମିଟୁ)
- ମିନାକ୍ଷୀ (ଟିକିଲି)
- ସସ୍ମିତା (ବକଟି)

**ସୁକାନ୍ତି ପୃଷ୍ଟି**
**କ୍ଷୀରୋଦ ପୃଷ୍ଟି**

- ସନ୍ତୋଷ
- ଲିଲି
- ଡଲି
- ବୁଟି
- ମାଣିକ

ନାରାୟଣ ଓ ସାବିତ୍ରୀ ଙ୍କର ଦୁଇପୁଅ - ନରୋତମ, ଆନନ୍ଦ ଓ ଦୁଇଝିଅ - ତିଳୋତମା, ସୁକାନ୍ତି, ସମସ୍ତେ ବିବାହ କରି ନିଜ ନିଜର ସଂସାର କରିଅଛନ୍ତି ।

ସମୟକ୍ରମେ ବଳରାମ ତାଙ୍କର ଏକମାତ୍ର ଝିଅ - ଲବଣୀ କୁ ବିବାହ ଦେଇଥିଲେ - ଭୁବନର ପୋଥାଳ ସାହିର ମଣି ଗୁରୁ (ଅଗାରୀ)ଙ୍କୁ । ଅଗାରୀ ଥିଲେ ଜଣେ କୃଷକ, ଭଲ ଚାଷୀ ଜଣେ । ଲବଣୀ ଦେବୀଙ୍କ ପରିବାର -

କରୁଣା ଗୁରୁ
ସାବିତ୍ରୀ ଗୁରୁ

| ଶ୍ରୀନିବାସ | ନିରଞ୍ଜନ | ଜାନକୀ | ଦେବକୀ | ନମିତା | ଅନୀତା |
|---|---|---|---|---|---|
| (ଶିନ) | (କୁନା) | (ଜାନି) | (ଦେବ) | (ନମି) | (ଭାଲୁ) |

ବଳରାମ ନାୟକ ଓ ଅଲ୍ଲି ନାୟକ - ନିଜର ହସଖୁସି ପରିବାର ମଧ୍ୟରେ ଦୁଇପୁଅ - ବାବାଜୀ, ନାରାୟଣ, ଏକମାତ୍ର ଝିଅ ଲବଣୀ କୁ ନେଇ ସୁଖ ସଂସାର କରିବାପରେ ବୟସର ଅପରାହ୍ଣରେ ସଂସାରରୁ ବିଦାୟ ନେଇଥିଲେ ।

ବାବାଜୀ ନାୟକ - ବାପାଙ୍କ ବ୍ୟବସାୟର ଉତରାଧିକାରୀ ଥିଲେ, ସେ ନିଜେ କାମାକ୍ଷାନଗର ର - ମରୁଆବିଲ, କମ୍ପୁଲେଇ ଗାଁରୁ ଶଗଡ ଯୋଗେ ତୁଳା ଆଣି କଟକ ସହର ରେ ବ୍ୟବସାୟୀଙ୍କୁ ପ୍ରଦାନ କରୁଥିଲେ । ସେହି ତୁଳାରେ ଖଟର ଗଦି ଓ ତକିଆ କାରିଗର ମାନେ ତିଆରିକରି ବିକ୍ରି କରୁଥିଲେ ।

ବାବାଜୀ ଙ୍କ ସାନଭାଇ - ନାରାୟଣ ବ୍ୟବସାୟୀ ଥିଲେ । ସେ ଲୁଗା, ଗାମୁଛା, ଧୋତି ବ୍ୟବସାୟ କରୁଥିଲେ ସାଇକେଲରେ ଓ ସ୍ଥାନୀୟ ହାଟ ମଧ୍ୟ କରୁଥିଲେ । ନାରାୟଣ ଥିଲେ କଳା ନିପୁଣ, ନାଟକ ପ୍ରତି ତାଙ୍କର ଦୁର୍ବଳତା ଥିଲା । ସେ ଭୁବନ ଗାଁର ଜଣେ ୱାର୍ଡମେମ୍ବର ଭାବରେ ନିର୍ବାଚିତ ହୋଇଥିଲେ ।

ବାବାଜୀ ବ୍ୟବସାୟ କରିବାସହ କାଳକ୍ରମେ ନିଶାସକ୍ତ ହୋଇ ପଡିଥିଲେ । ଅଫିମ ଭଳି ଏକ ମାଦକ ଦ୍ରବ୍ୟ - ଗୁଲି ସେବନ କରୁଥିଲେ । କାଳକ୍ରମେ ବୟସର ଅନୁପାତ ବଢିବା ସହିତ ବାବାଜୀ ଙ୍କୁ ରୋଗାଗ୍ରସ୍ତ ଶଯ୍ୟାଶାୟୀ କରାଇଦେଲା । ପରିଶେଷରେ ବାବାଜୀ ସବୁଦିନ ପାଇଁ ଏ ସଂସାରରୁ ଚାଲିଗଲେ । ସେତେବେଳକୁ ତାଙ୍କ ପାଖରେ ଥିଲେ - ଏକମାତ୍ର ଭଉଣୀ ଲବଣୀ, ସାନଭାଇ ନାରାୟଣ ଙ୍କ ପରିବାର ସର୍ବୋପରି ଭାଙ୍ଗି ପଡିଥିଲା ତାଙ୍କର ସୁଖର ସଂସାର ।

ପତିହରା ହୋଇଥିଲେ ଧର୍ମପତ୍ନୀ ଭୂତିଦେବୀ, ପିତୃହରା ହୋଇଥିଲେ ବାବାଜୀ ଙ୍କ ପାଂଚଜଣ ସନ୍ତାନ ଓ ସନ୍ତତି - ସାନପୁଅ ଭାଗବତ କୁ ୨ ବର୍ଷ, ସାନମଝିଆଁ ପୁଅ ରାମଚନ୍ଦ୍ର କୁ ୫ ବର୍ଷ, ମଝିଆଁପୁଅ ଭୀମସେନ କୁ ୮ ବର୍ଷ, ଏକମାତ୍ର କନ୍ୟା ବେଙ୍ଗୁଲି କୁ ୧୧ ବର୍ଷ, ବଡପୁଅ ଦୁଃଶାସନ କୁ ୧୪ ବର୍ଷ ହୋଇଥିଲା । ବାପା ଚାଲିଗଲା ପରେ ଏ ଦୁନିଆଁ ଦାଣ୍ଡରେ ମା' ଭୂତିଦେବୀ କିପରି ୫ ଗୋଟି ପିଲାକୁ ମଣିଷ କରିବେ ଏ ସମାଜରେ ତାହା ତାଙ୍କ ମୁଣ୍ଡରେ ଏକ ବଜ୍ରଚଡକ ଥିଲା ।

ସୂର୍ଯ୍ୟ ସକଳ ଶକ୍ତିର ଆଧାର - ଏ ସଂସାରରେ ସୂର୍ଯ୍ୟ ଅସ୍ତ ହୋଇଗଲେ - ସନ୍ଧ୍ୟା ସହ ଘନ ଅନ୍ଧାର ମାଡିଆସେ ଠିକ୍ ସେହିପରି ଅସ୍ତମିତ ସୂର୍ଯ୍ୟ - ବାବାଜୀ ନିଜେ ଅସ୍ତ ହୋଇଯିବାରୁ ଅସମୟରେ ୫ ଗୋଟି ପିଲା କିପରି ସମାଜ ଦାଣ୍ଡରେ ଠିଆହେବେ, ତାହା ଗୋଟିଏ ବଡ ପ୍ରଶ୍ନହୋଇ ଠିଆ ହୋଇଥିଲା ।

## ସ୍ୱାମୀହରା ପତ୍ନୀ ଭୂତିଦେବୀ

ଭୁବନ ଗାଁର ପୋଥାଳ ସାହି, କାପୁଡିଆ ସମାଜର ବସବାସ କରୁଥିବା ଜନବସ୍ତିଟିଏ, ସେଠାକାର ଅଧିକାଂଶ ଅଧିବାସୀ କୃଷକ ତଥା ବ୍ୟବସାୟୀ ଭାବରେ ଜୀବିକା ନିର୍ବାହ କରିଛନ୍ତି । ସେହିଠି ବସବାସ କରିଥାନ୍ତି - ଧର ପୋଥାଳ ଓ ତାଙ୍କ ଧର୍ମପତ୍ନୀ - ପାନ ପୋଥାଳ । ଧର ଥିଲେ ଜଣେ କୃଷକ । ପିତୃପୁରୁଷାନୁଯାୟୀ ସେମାନେ ଚାଷ କାର୍ଯ୍ୟରେ ମନ ଲଗାଇଥାନ୍ତି । କାଳକ୍ରମେ ସେମାନଙ୍କର ଦୁଇଗୋଟି ପିଲା ଜନ୍ମ ନେଇଥିଲେ, ଝିଅ - ଭୂତିଦେବୀ ଓ ପୁଅ - ଦନେଇ ।

ତେଲ ଲୁଣର ସଂସାର ମଧ୍ୟରେ ଧର ଓ ପାନ ପୋଥାଳ - ଦୁଇ ପିଲାକୁ ଛୋଟରୁ ବଡ କରିଥିଲେ । ସେତେବେଳେ ସମାଜରେ ଶିକ୍ଷାର ସେତେ ପ୍ରସାର ହୋଇନଥିବାରୁ ସେମାନଙ୍କର ପିଲାଦୁଇଟି ଶିକ୍ଷାଗ୍ରହଣ କରିନଥିଲେ, ନିମିତ ମାତ୍ର ନାମାକ୍ଷର ଜାଣିଥିଲେ । ପରବର୍ତ୍ତୀ ସମୟରେ ବାପା ଧର ପୋଥାଳ ଝିଅ ଭୂତିଦେବୀ କୁ ବିବାହ କରାଇଥିଲେ ଘର ନିକଟସ୍ଥ - ଭୁବନ ପୋଥାଳ ସାହିର ବଳରାମ ନାୟକ ଙ୍କ ବଡପୁଅ - ବାବାଜୀ ଙ୍କ ସହିତ । ବାବାଜୀ ଥିଲେ - ସୁଢଳ, ସୁନ୍ଦର, ସ୍ୱାସ୍ଥ୍ୟବାନ, ଶ୍ୟାମଳ ରଙ୍ଗର ଯୁବକଟିଏ, ସେତେବେଳର ଜଣେ ଭଲ ବ୍ୟବସାୟୀ । କର୍ମଠ, ଦକ୍ଷ ଯୁବ ବ୍ୟବସାୟୀ ବିନା ଯୌତୁକରେ ବୈଦିକ ରୀତିରେ ବିବାହ କର୍ମ ସଂପାଦନ ହୋଇଥିଲା ।

ଭୂତିଦେବୀ - ନିଜର ବାପା, ମା', ଏକମାତ୍ର ଭାଇ ଦନେଇ ଙ୍କୁ ଛାଡି ବଧୂବେଶରେ ଆସିଥିଲେ ପୋଥାଳ ପରିବାର ରୁ ନାୟକ ପରିବାରକୁ । ଏଠାରେ ଶଶୁର ବଳରାମ, ଶାଶୁ ଅଲ୍ଲିଦେବୀ, ଏକମାତ୍ର ଦିଅର ନାରାୟଣ ଓ ଏକମାତ୍ର ନଣନ୍ଦ ଲବଣୀ ଦେବୀଙ୍କ ସହିତ ହସଖୁସିର ସଂସାର ମଧ୍ୟରେ ଦିନ ଗଡିଚାଲିଲା - ଭୂତି ଦେବୀଙ୍କର । କାଳକ୍ରମେ ଭୂତିଦେବୀ ୫ ଜଣ ପିଲାଙ୍କ ମା' ହୋଇଥିଲେ - ଦୁଃଶାସନ, ଝିଅ ବେଙ୍ଗୁଲି, ଭୀମସେନ, ରାମଚନ୍ଦ୍ର, ଭାଗବତ । ଏକଝିଅ ଓ ୪ ଜଣ ପୁଅକୁ ନେଇ ତାଙ୍କର ହସଖୁସିର ସଂସାର ।

ସମୟକ୍ରମେ ଦିଅର ନାରାୟଣ ଙ୍କ ବିବାହ ହୋଇଥିଲା - କେନ୍ଦୁଝର ଜିଲ୍ଲାର ମୁଗୁପୁର ର ସାବିତ୍ରୀ ଦେବୀଙ୍କୁ ଓ ଏକମାତ୍ର ନଣନ୍ଦ ଲବଣୀ ଦେବୀଙ୍କ ବିବାହ ହୋଇଥିଲା

- ଭୁବନ ପୋଥାଳ ସାହିର ମଣି ଗୁରୁଙ୍କୁ । ଦିଅର ନାରାୟଣ ବ୍ୟବସାୟୀ ଥିଲେ, ତାଙ୍କର ଦୁଇପୁଅ - ନରୋତମ, ଆନନ୍ଦ ଓ ଦୁଇଝିଅ - ତିଳୋତମା (ଗୋଲ୍ଲା), ସୁକାନ୍ତି (ସୁକ) ଥିଲେ ଭୂତିଦେବୀ ଝିଆରୀ ଓ ପୁତୁରା ମାନଙ୍କୁ ଖୁବ୍ ଭଲ ପାଉଥିଲେ । ଏକମାତ୍ର ନଣନ୍ଦ ଲବଣୀ ଙ୍କ ସ୍ୱାମୀ ମଣି ଗୁରୁ ଥିଲେ ଜଣେ କୃଷକ, ଆର୍ଥିକ ସ୍ଥିତି ତାଙ୍କର ସେତେ ଭଲ ନଥିଲା, ଲବଣୀ ଙ୍କ ଏକମାତ୍ର ପୁଅ - ଦିରିଜ ଥିଲେ । ଭୂତିଦେବୀ ଭଣଜା ଦିରିଜ ଙ୍କୁ ଖୁବ୍ ଆଦର କରୁଥିଲେ

ଶାଶୁ ଓ ଶଶୁର ବଡବୋହୂ - ଭୂତି ଦେବୀଙ୍କୁ ଖୁବ୍ ଭଲ ପାଉଥିଲେ । କାରଣ ସେ ସେମାନଙ୍କର ଯତ୍ନ ନେବାସହ ଘରକାର୍ଯ୍ୟରେ ନିପୁଣା ଥିଲେ । ସେ ସମସ୍ତ ଘରକାର୍ଯ୍ୟକୁ ଭଲ ଭାବରେ କରି ପାରୁଥିଲେ । ଏତଦ୍‌ବାଦ ଭୂତି ଦେବୀଙ୍କର ଗୋଟିଏ ଭଲଗୁଣ ଥିଲା - ସେ ଥିଲେ ମିଳାପି, ନିଃସ୍ୱାର୍ଥପର, ପରୋପକାରୀ, ତେଣୁ ସେ ଦିଅର, ସାନଯା ସହ ପୁଅ, ଝିଅ, ପୁତୁରା, ଝିଆରୀ, ଭଣଜା ଙ୍କର ପ୍ରିୟପାତ୍ର ହୋଇ ପାରିଥିଲେ । ହସଖୁସିରେ ଭୂତି ଦେବୀଙ୍କ ସଂସାରର ରଥ ଆଗକୁ ଗଡିଥାଏ । ସମୟକ୍ରମେ ବାବାଜୀ ଓ ଭୂତି ଦେବୀଙ୍କର ପାଂଚଗୋଟି ସନ୍ତାନ, ସନ୍ତତି ଜନ୍ମଲାଭ କରିଲେ । ପୁଅ - ଦୁଃଶାସନ, ଝିଅ - ବେଙ୍ଗୁଲି, ପୁଅ - ଭୀମସେନ, ପୁଅ - ରାମଚନ୍ଦ୍ର, ପୁଅ - ଭାଗବତ ।

ପିଲାମାନଙ୍କୁ ଛୋଟରୁ ଲାଳନପାଳନ କରିବା ସହ ସେମାନଙ୍କୁ କଥା ଶିଖାଇବା, ଚଲାଇବା ଆଦି ସମସ୍ତ କାର୍ଯ୍ୟରେ ଭୂତିଦେବୀ ସଂପୂର୍ଣ୍ଣ ଦାୟିତ୍ୱ ନେଇଥିଲେ । ବାବାଜୀ ଓ ଭୂତି ଦେବୀଙ୍କର ବହୁତ ସ୍ୱପ୍ନଥିଲା - ପିଲାମାନଙ୍କୁ ସମାଜରେ ମଣିଷ ଭଳି ମଣିଷଟିଏ କରାଇବା । ସେଥିପାଇଁ ଉଭୟ ସ୍ୱାମୀ ଓ ସ୍ତ୍ରୀ ଘରେ ଓ ବାହାରେ ନିଜ ଜୀବନକୁ ଏକାକାର କରି ଦେଇଥିଲେ । ବାପା - ବାବାଜୀ ବାହାରେ ରୋଜଗାର କରି ପିଲାମାନଙ୍କୁ ଖାଇବା, ପିଇବା, ପଢିବା ବ୍ୟବସ୍ଥା କରୁଥିବା ସମୟରେ ମା' - ଭୂତିଦେବୀ ଘର ଭିତରେ ପିଲାମାନଙ୍କର ଖାଇବାପାଇଁ ରୋଷେଇ କରିବାସହ, ସେମାନଙ୍କୁ ସେବାଶୁଶ୍ରୂଷା, ପାଠପଢିବା ଆଦି ଦାୟିତ୍ୱ ନିଜେ ନେଇଥିଲେ ।

ଦଇବ ଦଉଡି ମଣିଷ ଗାଇ
ଯେଣିକି ଟାଣଇ ସେଣିକି ଯାଇ

ବିଧିର ବିଧାନକୁ କେ କରିବ ଆନ -

ଭୂତି ଦେବୀଙ୍କର ସୁଖର ସଂସାର ମଧ୍ୟରେ ଏକ କଳା ବାଦଲ ଆସିଲା, ସତେଅବା ସୂର୍ଯ୍ୟ ଅସ୍ତ ହୋଇଗଲେ - ବାବାଜୀ ରୋଗାଗ୍ରସ୍ତ (ଅତ୍ୟାଧିକ ଗୁଲି ସେବନ) ଦ୍ୱାରା ଅସମୟରେ ମୃତ୍ୟୁ ମୁଖରେ ପଡିଲେ । ଧର୍ମପତ୍ନୀ - ଭୂତିଦେବୀ ଙ୍କ ମୁଣ୍ଡ ଉପରେ ସତେଅବା ଆକାଶଟି ପଡିଯାଇଥିଲା । ମାତ୍ର ଦୁନିଆଁର ବଡଦାଣ୍ଡରେ ପିଲାମାନଙ୍କୁ ମଣିଷଟିଏ କରିବାର ସ୍ୱପ୍ନର ବୀଜ ବୁଣିଥିଲେ ନଣନ୍ଦ ଲବଣୀ ଦେବୀ, ଦିଅର ନାରାୟଣ ତଥା ଭାଇ ଦନେଇ । ବଡପୁଅ ଦୁଃଶାସନ ମାତ୍ର ଚଉଦ ବର୍ଷରେ ବାପା ବାବାଜୀ ଙ୍କୁ ମୁଖାଗ୍ନି ଦେଇ ଶବସତ୍କାର କରିଥିଲେ । ସାନମଝିଆଁ ପୁଅ ରାମଚନ୍ଦ୍ର ଙ୍କୁ ପାଂଚବର୍ଷ ଓ ସାନପୁଅ ଭାଗବତ ଙ୍କୁ ମାତ୍ର ଦୁଇବର୍ଷ ବୟସ ହୋଇଥିଲା । ସେମାନେ ନିଜ ବାପାଙ୍କ ମୁହଁକୁ ମଧ୍ୟ ଭଲ ଭାବରେ ଚିହ୍ନିପାରିଲେ ନାହିଁ, ତାଙ୍କ ସ୍ନେହପରସ ପାଇପାରିଲେ ନାହିଁ - ପିତୃହରା ହୋଇଗଲେ ।

ମା' ଭୂତିଦେବୀ ଚାହିଁଲେ ବାହାରକୁ ଯାଇ ପରଘରେ କାମଦାମ କରି ରୋଜଗାର କରିବାପାଇଁ, ମାତ୍ର ନାୟକ ପରିବାର (ବଳରାମ ଙ୍କ ସମ୍ମାନ)କୁ ଦୃଷ୍ଟିରେ ରଖି ତଥା ନିଜର କିଛି ଚାଷଜମିରେ ଧାନ ଫସଲରେ ଚାଉଳ କରି ଦୁଃଖକଷ୍ଟରେ ଗୁଜୁରାଣ ମେଂଟାଇ ଥିଲେ । ବଡପୁଅ ଦୁଃଶାସନ ବାପାଙ୍କ ଠାରୁ ଅଳ୍ପବହୁତେ ବ୍ୟବସାୟ ଶିଖିଥିଲେ ମଧ୍ୟ ଆର୍ଥିକ ସ୍ଥିତି ସେତେ ସ୍ୱଚ୍ଛଳ ନଥିବାରୁ ଦୁଃଶାସନ ପଥର କାଟିବା ଆରମ୍ଭ କରିଥିଲେ । ସେ ଯେଉଁ କାମରୁ ପଇସା ଆଣୁଥିଲେ ପରିବାର ଦୁଃଖକଷ୍ଟରେ ଚଳି ଯାଉଥିଲା ।

ମଧ୍ୟମପୁଅ - ଭୀମସେନ ମଧ୍ୟ ମା'ଙ୍କ ମୁହଁକୁ ଚାହିଁ ଆଠବର୍ଷ ବୟସରେ ସ୍ଥାନୀୟ ଲୋକମାନଙ୍କର ଗୃହପାଳିତ ପଶୁ ଗାଈ ଓ ବାଛୁରୀକୁ ନେଇ ବିଲ ନିକଟରେ ସକାଳୁ ମଧ୍ୟାହ୍ନ ପର୍ଯ୍ୟନ୍ତ ଚରାଇବା ପାଇଁ ନେଉଥିଲେ । ସ୍ଥାନୀୟ ଲୋକ ଯାହା ଦେଉଥିଲେ, ସେହି ଅର୍ଥରେ ସେ ମା' ଓ ବଡଭାଇ ଦୁଃଶାସନ ଙ୍କ ସହିତ ମିଶି ଘର ଚଳାଉଥିଲେ । ଭୂତିଦେବୀ ଙ୍କ ଦ୍ୱିତୀୟ ସନ୍ତାନ - କନ୍ୟା ବେଙ୍ଗୁଲି ମାତ୍ର ଏଗାର ବର୍ଷ ବୟସରେ ନିଜବାପା ବାବାଜୀ ଙ୍କୁ ହରାଇ

ପିତୃହରା ହୋଇ ମା' ଭୂତିଦେବୀ ଙ୍କ ସହିତ ଘରର ରୋଷେଇ ବାସରେ ସାହାଯ୍ୟ କରୁଥିଲେ - ପାଠପଢାରେ ଡୋରିବାନ୍ଧି ।

ସାନମଧ୍ୟମ ପୁଅ - ରାମଚନ୍ଦ୍ର ଙ୍କୁ ପାଂଚବର୍ଷ ହୋଇଥିବା ସମୟରେ ବାପା ବାବାଜୀ ଚାଲିଯିବାରୁ ରାମଚନ୍ଦ୍ର ମଧ୍ୟ ଶିକ୍ଷାଦାନରୁ ବଂଚିତ ହୋଇଥିଲେ, ମାତ୍ର ପ୍ରାକ୍ ପ୍ରାଥମିକ ଶିକ୍ଷା ଲେଖିବା, ପଢିବା ସାରି ପାରିଥିଲେ ଅଭାବ ଭିତରେ, ସେ ଆଗକୁ ପାଠପଢି ପାରିଲେ ନାହିଁ । ମାତ୍ର ୧୦ ବର୍ଷ ବୟସରୁ ସେ ବିଲର ହିଡରୁ ଘାସକାଟି ଆଣି ସ୍ଥାନୀୟ ଲୋକଙ୍କୁ ବିକ୍ରି କରୁଥିଲେ, ସେଥିରେ ସେ ନିଜର ପରିବାରକୁ ଚଳାଇବା ପାଇଁ ମା'ଙ୍କୁ ସାହାଯ୍ୟ କରୁଥିଲେ

ଭୂତିଦେବୀ ଙ୍କ କୋଡପୋଛା ପୁଅ - ଭାଗବତ ମାତ୍ର ଦୁଇବର୍ଷ ବୟସରେ ବାପା ବାବାଜୀ ଙ୍କୁ ହରାଇ ଥିଲେ, ତେଣୁ ସେ ମା', ଅନ୍ୟଭାଇ, ଭଉଣୀ ଙ୍କ ଆଶ୍ରାରେ ଜୀବନ ବିତାଉଥିଲେ ।

ଭୂତିଦେବୀ - ସ୍ୱାମୀ ବାବାଜୀ ଙ୍କୁ ଯୌବନାବସ୍ଥାରୁ ହରାଇଥିଲେ ମଧ୍ୟ ପାଂଚଗୋଟି ପିଲାଙ୍କ ମୁହଁକୁ ଚାହିଁ ସବୁ ଦୁଃଖକଷ୍ଟକୁ ଭୁଲିଯାଇ ଜୀବନକୁ ଶକ୍ତକରି ଆଗକୁ ବଢିଥିଲେ । ପିଲାମାନେ ସମସ୍ତେ ଶିକ୍ଷାପ୍ରାପ୍ତିରୁ ବଂଚିତ ହୋଇଥିଲେ ସତ ମାତ୍ର ନିଜନିଜର କର୍ମକ୍ଷେତ୍ରରେ ରହି ମା' ଭୂତିଦେବୀ ଙ୍କ ପ୍ରେରଣାରେ ବିବାହକରି ଘରସଂସାର କରିଥିଲେ ।

ଭୂତିଦେବୀ ଙ୍କ ସମସ୍ତ ପିଲାଙ୍କ ବିବାହ କାର୍ଯ୍ୟରେ ତାଙ୍କ ଦିଅର - ନାରାୟଣ ଓ ଭାଇ - ଦନେଇ ସଂପୂର୍ଣ୍ଣ ଭାବରେ କରିଥିଲେ, ପିଲାମାନେ ଦାଦା ଓ ମାମୁଁ ଙ୍କ ସାହାଯ୍ୟରେ ନିଜନିଜର ବିବାହ କାର୍ଯ୍ୟ ସମାପନ କରିଥିଲେ ।

ଭୂତି ଙ୍କ ଏକମାତ୍ର କନ୍ୟା ବେଙ୍ଗୁଲି - ଭୁବନର ପୋଥାଳ ସାହିସ୍ଥ - ଲକ୍ଷ୍ମଣ ଗୁରୁଙ୍କୁ ବିବାହ କରିଥିଲେ । ଲକ୍ଷ୍ମଣ ଥିଲେ ଜଣେ କୃଷକ, ପାଂଚପୁଅ ଓ ଦୁଇଝିଅ ଙ୍କୁ ନେଇ ତାଙ୍କର ପରିବାର । ଭୂତିଦେବୀ ବେଶୀ ଝିଅ, ଜ୍ୱାଇଁ ଓ ଆଈ ଭାବରେ ନାତି, ନାତୁଣୀ ଙ୍କୁ ଭଲ ପାଉଥିଲେ । ନୁରିଆ, ଠୁରିଆ, ପିଲା, ବାବୁଲି, ସନ୍ତ ଓ ନାତୁଣୀ - ଶୋଲି, ଗୋଲି ମଧ୍ୟ ଆଈମା ଭୂତିଦେବୀ ଙ୍କୁ ଭଲ ପାଉଥିଲେ ।

ବଡପୁଅ - ଦୁଃଶାସନ, ମା' ଭୂତିଦେବୀ ଙ୍କ ନୟନ ପିତୁଳା ଥିଲେ । ସ୍ୱାମୀ ମରିଯିବା ପରେ ବଡପୁଅ ହିଁ ମା'ଙ୍କୁ ସର୍ବଦା ବାପା ଚାଲି ଯାଇଥିବାର ଦୁଃଖ ଯେପରି ନଲାଗେ ମା'ଙ୍କ ଶେଷ ଜୀବନ ପର୍ଯ୍ୟନ୍ତ ସେ ସେହି ଦାୟିତ୍ୱ ନେଇଥିଲେ । ଦୁଃଶାସନ ପରେ ବ୍ୟବସାୟ କରି (ଭୂଷି ଦୋକାନ) ଭୁବନ ନାୟସ ସାହିସ୍ଥ - କାପୁଡିଆ ସମାଜର ଜଣେ ମୁରବୀତୁଲ୍ୟ ବ୍ୟକ୍ତି - ସପନି ଦାସଙ୍କ ଏକମାତ୍ର କନ୍ୟା ଗୁଣ୍ଡୁରୀ କୁ ବିବାହ କରିଥିଲେ । ରମା, ମାଳତୀ - ଦୁଇଝିଅ ସହ ପୁନିଆ, ସୁନିଆ - ଦୁଇପୁଅ, ଦୁଃଶାସନ ଙ୍କର ଥିଲେ । ଭୂତିଦେବୀ - ଜେଜେମା ଭାବରେ ସମସ୍ତ ନାତି ଓ ନାତୁଣୀ କୁ ଭଲ ପାଉଥିଲେ ।

ମଧ୍ୟମପୁତ୍ର - ଭୀମସେନ, ଭୂତିଦେବୀ ଙ୍କର ଜଣେ ପରିଶ୍ରମୀ ପୁଅଥିଲେ । ବାପା ଚାଲିଗଲା ପରେ ଗାଈ, ବାଛୁରୀ ଚରାଇ ଜୀବନ ବିତାଉଥିଲେ । ଯୁବାବସ୍ଥାରେ ଜଣେ ରାଜମିସ୍ତ୍ରୀ (ଘର ନିର୍ମାଣ) ଭାବରେ କାର୍ଯ୍ୟ କରିଥିଲେ, ମାତ୍ର ନିଜର ଦୂର ସମ୍ପର୍କୀୟ ପିଉସୀପୁଅ ଭାଇ ଶଙ୍କର ଗୁରୁ - ତାଙ୍କୁ ପନ୍ଦର ବର୍ଷ ବୟସରେ ପୁଅକରି ନେଇଥିଲେ ତାଙ୍କ ଘରକୁ (ଜନ୍ମର ସାତଦିନରେ ମା' ତାକୁ ଦେବେ ବୋଲି କଥା ଦେଇଥିବାର ଜଣାଯାଏ) । ପରବର୍ତ୍ତୀ ସମୟରେ ଭୀମସେନ ପୋଥାଳ ସାହିରେ ବିବାହ କରିଲେ - ଭାନୁମତୀ କୁ ଓ ତାଙ୍କ ପାଳିତ ପିତାଙ୍କର ଦୁଇପୁଅ ଜନ୍ମ ନେଇଥିଲେ । ଭୀମସେନ ଙ୍କର ତିନିପୁଅ ଓ ସାତଝିଅ - ଦଶଜଣ ସନ୍ତାନ ଥିଲେ । ଜେଜେମା - ଭୂତିଦେବୀ ମଧ୍ୟ ସେମାନଙ୍କୁ ସ୍ନେହ ଆଦର କରୁଥିଲେ ।

ଭୂତିଦେବୀ ଙ୍କ ସାନମଝିଆଁ ପୁଅ - ରାମଚନ୍ଦ୍ର ପାଂଚବର୍ଷ ବୟସରେ ବାପାଙ୍କୁ ହରାଇଥିଲେ ସତ, ମାତ୍ର ସାରାଜୀବନ ସେ ଦୃଢମନା ହୋଇଥିଲେ । କର୍ମ ହିଁ ଭଗବାନ - ସେ ତାଙ୍କ ଜୀବନରେ ଏହାକୁ ବ୍ରତ ଭାବରେ ମାନିଥିଲେ । ବାରବର୍ଷରୁ ଘାସ ବିକ୍ରିକରି - ୧୫ ବର୍ଷରେ ବଢେଇଙ୍କ କାମ କାଠକାମ କରି ୨୦ ବର୍ଷରେ ଜଣେ କାଠଶିଳ୍ପୀ ଭାବରେ ସମାଜରେ ପରିଚିତ ହୋଇଥିଲେ । ତତ୍‌ସହିତ ରାଜନୀତି ଓ ସମାଜସେବାରେ ନିଜ ଜୀବନକୁ ବିକ୍ରି କରିଥିଲେ । ଭୁବନ ଅରାସାହିର ଲକ୍ଷ୍ମୀଧର ଦାସଙ୍କ ଝିଅ - ଭାରତୀ ଦେବୀଙ୍କୁ ବିବାହକରି - ଏକମାତ୍ର ଝିଅ ଜୟନ୍ତୀ, ତିନିପୁଅ - ସୁବାଷ, ପ୍ରକାଶ, ମାନସ ଙ୍କୁ ଶିକ୍ଷା,

କର୍ମଦେଇ - ଜ୍ୱାଇଁ, ବୋହୂ, ନାତି ଓ ନାତୁଣୀ ମାନଙ୍କ ଗ୍ରହଣରେ ସମୟ ଅତିବାହିତ କରୁଅଛନ୍ତି

ଭୂତିଦେବୀ ଙ୍କର କନିଷ୍ଠପୁତ୍ର - ଭାଗବତ ମାତ୍ର ୨ ବର୍ଷ ବୟସରେ ପିତୃହରା ହୋଇ ମା'ଙ୍କ ପାଖରେ ବଢି ବଡଭାଇ - ଦୁଃଶାସନ ଓ ରାମଚନ୍ଦ୍ର ଙ୍କ ସକ୍ରିୟ ସହଯୋଗରେ ଭୁବନ ହାଇସ୍କୁଲରେ ପାଠପଢି - ବ୍ୟବସାୟ (ଭୂଷା ଦୋକାନ) ଭୁବନ ବସ୍‌ଷ୍ଟାଣ୍ଡରେ ଦେଇ ଜଣେ କଂଗ୍ରେସ ନେତା ଓ ସମାଜସେବା ଭାବରେ ଜନମାନସରେ ସହଯୋଗୀ ଥିଲେ । ଏକମାତ୍ର ପୁତ୍ର - ଗୌରଗୋପାଳ ଓ ତିନିଝିଅ - ଗୀତା, ରୀତା ଓ ଶଶି କୁ ନେଇ ଭାଗବତ ଙ୍କ ପରିବାର । ନିଜସ୍ୱ ଘର ପୋଥାଳ ସାହିରୁ ଉଠିଆସି ଭାଇ - ରାମଚନ୍ଦ୍ର ଙ୍କ ଘର ବଡହାଟରେ ରହି ବିବାହ କାର୍ଯ୍ୟ ସମାପନ କରି ନିଜସ୍ୱ ବାସଭବନ - ଲତାବିଲରେ ରହିଛନ୍ତି ।

ପରିଣତଃ ବୟସରେ - ଭୂତିଦେବୀ ଙ୍କ ଦୁଇ ଆଖିରେ ମୋତିଆ ବିନ୍ଦୁ ହୋଇ ଅନ୍ଧତ୍ୱ ହୋଇ ଯାଇଥିଲେ, ସାନପୁଅ - ଭାଗବତ ସମସ୍ତ ଡାକ୍ତରଙ୍କ ପ୍ରଚେଷ୍ଟା ସତ୍ୱେ ଭଲହୋଇ ପାରିନଥିଲା । ମା' ଭୂତିଦେବୀ ଅଧିକାଂଶ ସମୟ ସାନପୁଅ ଭାଗବତ ତଥା ବଡପୁଅ ଦୁଃଶାସନ ଓ ରାମଚନ୍ଦ୍ର ଙ୍କ ଘରେ ରହୁଥିଲେ । ଜୀବନର ଶେଷ ସମୟରେ ରାମଚନ୍ଦ୍ର ଙ୍କ ଘରେଥାଇ ସଂସାରରୁ ବିଦାୟ ନେଇଥିଲେ ୧୯୯୭ ମସିହାରେ ।

ଭୂତିଦେବୀ ଜଣେ ସାଧାରଣ ମହିଳା ଥିଲେ ସତ, ପତିଙ୍କୁ ହରାଇ ମନବଳକୁ ଦୃଢକରି ପାଂଚଜଣ ସନ୍ତାନସନ୍ତତି କୁ ସମାଜର ମୁଖ୍ୟ ରାସ୍ତାରେ ଠିଆ କରାଇ ଜଣେ ଅସାଧାରଣ ମହିଳା ଭାବରେ ପୁଅଙ୍କ ପରିଚୟରେ ପରିଚିତ ହୋଇ ନିଜ ଜୀବନକୁ ଧନ୍ୟ ମନେ କରିଥିଲେ

## ବଡପୁତ୍ର ଦୁଃଶାସନ

ନାୟକ ବଂଶର ଉତରାଧିକାରୀ ବାବାଜୀ ନାୟକ ତଥା ଭୂତିଦେବୀ ଙ୍କର ବଡପୁଅ ଥିଲେ ଦୁଃଶାସନ ନାୟକ । ୧୯୩୭ ମସିହାରେ ଭାରତୀୟ ସ୍ୱାଧିନତା ପୂର୍ବରୁ ତାଙ୍କର ଜନ୍ମ । ବଳରାମ ନାୟକ ଜେଜେବାପା ତଥା ଧର ପୋଥାଳ ଅଜା ହୋଇଥିବାରୁ ଖୁବ୍ ଖୁସି ହୋଇଥିଲେ । ଦୁଃଶାସନ ଥିଲେ ବଡନାତି ଓ ନାୟକ ବଂଶର ଉତରାଧିକାରୀ । ଶିଶୁଟି ଆସିଥିବାରୁ ଘରେ ଖୁସିର ପରିବେଶ ଥିଲା । ସମସ୍ତେ ବହୁତ ଖୁସି ଅନୁଭବ କରିଥିଲେ, ଦାଦା ନାରାୟଣ ଓ ଖୁଡି ସାବିତ୍ରୀ ଦେବୀ ମଧ୍ୟ ଖୁସି ହୋଇଥିଲେ - ନାୟକ ବଂଶର ବଡପୁଅ ଦୁଃଶାସନ ର ଜନ୍ମକୁ ନେଇ ।

ଶିଶୁ ଦୁଃଶାସନ କାଳକ୍ରମେ ଛୋଟରୁ ବଡ ହେବାକୁ ଆରମ୍ଭ କରିଲେ - ଭୁବନ ପୋଥାଳ ସାହିସ୍ଥ ଘରେ । ବାପା, ମା', ଦାଦା, ଖୁଡି ତାଙ୍କ ହାତଧରି ଚଲାଇବା ସହିତ କଥାବାର୍ତା ଶିଖାଇଥିଲେ । ଶିଶୁ ଦୁଃଶାସନ ସମୟକ୍ରମେ ଗାଁ ଚାଟଶାଳୀରୁ ପାଠ ପଢିଲେ ଓ ପ୍ରାକ୍ ପ୍ରାଥମିକ ଶିକ୍ଷା ଶେଷକରି ପାଠପଢାରେ ଡୋରିବାନ୍ଧି - ଦଶବର୍ଷ ବୟସରୁ ବାପା ବାବାଜୀ ଙ୍କ ପାଖେପାଖେ ରହି ବ୍ୟବସାୟର ହିସାବ କିତାବ ଶିଖୁଥିଲେ । ତାଙ୍କର ଗାଣିତିକ ହିସାବ ଭଲଥିଲା । ମାତ୍ର ଦୁଃଶାସନ ଙ୍କ ଜୀବନରେ କାଳ ବାଦଲ ଅପସରି ଆସିଥିଲା - ଯେତେବେଳେ ତାଙ୍କୁ ମାତ୍ର ଚଉଦ ବର୍ଷ ବୟସ ହୋଇଥିଲା । ସେତେବେଳେ ତାଙ୍କ ବାପା ବାବାଜୀ ତୁଳା ବ୍ୟବସାୟ - କାମାକ୍ଷାନଗର ର ମରୁଆବିଲ ଅଂଚଳରୁ ଶଗଡ (ଓଦର ଗାଡିରେ) ପୂର୍ଣ୍ଣକରି କଟକରେ ନେଇ ଗାଡିଗାଡି ବ୍ୟବସାୟୀ ଙ୍କୁ ଦେଉଥିଲେ । ମାତ୍ର ବାବାଜୀ ମାତ୍ରାଧିକ ଗୁଲି ସେବନ ଦ୍ୱାରା ଧିରେଧିରେ ତାଙ୍କ ସ୍ୱାସ୍ଥ୍ୟ ବିଗିଡିବାରେ ଲାଗିଲା ଓ ପରିଶେଷରେ ବାବାଜୀ ଙ୍କର ଦେହାନ୍ତ ହୋଇଗଲା ।

ମା' ଭୂତିଦେବୀ ଓ ବଡପୁଅ ଦୁଃଶାସନ ଙ୍କୁ ବଡ ଚଡକ ଲାଗିଲା । ଯୌବନାଦିପ୍ତା ଭୂତିଦେବୀ ପତି ସୁଖରୁ ବଂଚିତ ହେବା ସହିତ ପାଂଚଗୋଟି ପିଲାମାନେ ଭାସିଗଲେ । ବଡପୁଅ ଦୁଃଶାସନ ଙ୍କୁ - ୧୪ ବର୍ଷ, ଝିଅ ବେଙ୍ଗୁଲି - ୧୧ ବର୍ଷ, ପୁଅ ଭୀମସେନ ଙ୍କୁ - ୮ ବର୍ଷ, ମଧ୍ୟମପୁଅ ରାମଚନ୍ଦ୍ର ଙ୍କୁ - ୫ ବର୍ଷ ଓ କନିଷ୍ଠପୁତ୍ର ଭାଗବତ ଙ୍କୁ ମାତ୍ର ୨ ବର୍ଷ

ବୟସ ହୋଇଥିଲା । ମା' ଭୂତିଦେବୀ ଖୁବ୍‌କାମ ପୈତୃକ ଚାଷଜମିରୁ ନିଜର ଗୋଟିଏ ଭାଗ ଓ ଅନ୍ୟଏକ ଭାଗ ଦିଅର ନାରାୟଣ ର ନେଉଥିଲେ । ଝିଅ ବେଙ୍ଗୁଲି ସିନା ମା'ଙ୍କୁ ଘରକାମରେ ସାହାଯ୍ୟ କରୁଥିଲେ, ପାଠପଢାରୁ ବଂଚିତ ହୋଇ ମାତ୍ର ପରିବାରକୁ ଚଳାଇବା ପାଇଁ ଅର୍ଥର ଆବଶ୍ୟକ, ତେଣୁ ମା' ଚାହିଁଲେ ବାହାରକୁ ଯାଇ କାମଧନ୍ଦା କରି ପରିବାର ଚଳାଇବା ପାଇଁ, ମାତ୍ର ବଡପୁଅ ଘରର ରକ୍ଷଣଶୀଳତାକୁ ସମ୍ମାନଦେଇ ମା'ଙ୍କୁ ବାରଣ କରି ନିଜେ ରୋଜଗାର ପାଇଁ - ଭୁବନ ବ୍ଲକ୍‌ର ବିଭିନ୍ନ ପାହାଡିଆ ଅଂଚଳର ପଥର ଖାଦାନରେ ପଥର ହାଣି (ମାଙ୍କଡିସା ପଥର) ଘର ତିଆରି ନିର୍ମିତ ଆବଶ୍ୟକ । ମାତ୍ର ୧୪ ବର୍ଷ ବୟସରୁ ଦେହର ଝାଳ ନିଗାଡୁଥିଲେ - ପରିବାର ର ଭରଣପୋଷଣ ପାଇଁ - ମା', ଭାଇ ଓ ଭଉଣୀ ଙ୍କ ପାଇଁ । ଦୀର୍ଘ ୧୫ ବର୍ଷର ପଥରକଟା ଜୀବନ, ତା' ମଧ୍ୟରେ ୧୮ ବର୍ଷ ବୟସରେ ତତ୍‌କାଳୀନ ବାଲ୍ୟ ବିବାହ ପ୍ରଥାରେ - ଭୁବନ ନାୟକ ସାହିସ୍ଥ କାପୁଡିଆ ସମାଜର ଜଣେ ଆଗଧାଡିର କୃଷକ, ସାଇ ମୁରବୀ ସପନି ଦାସଙ୍କ ଏକମାତ୍ର ଝିଅ ଗୁଣ୍ଡୁରୀ ଦେବୀଙ୍କୁ (ମାତ୍ର ୧୨ ବର୍ଷ) ବିବାହ କରିଥିଲେ - ଦୁଃଶାସନ ବିନା ଯୌତୁକ ତଥା ବୈଦିକ ରୀତିରେ । ଗୁଣ୍ଡୁରୀ ଦେବୀ ଥିଲେ ନାୟକ ବଂଶର ବଡବୋହୂ, ବାପାର ଖାତିର ଥିଲା, ମାତ୍ର ସେ ନିଜକୁ ଶାଶୁ, ଖୁଡିଶାଶୁ, ଖୁଡାଶ୍ବଶୁର, ଦିଅର, ନଣନ୍ଦ ପାଖରେ ସହମତି ଭିତିରେ ଚଳିଲେ ।

ପରବର୍ତୀ ସମୟରେ ଗୁଣ୍ଡୁରୀ ଦେବୀଙ୍କ ବଡଝିଅ - ରମା, ତା'ପରେ ଝିଅ - ମାଳତୀ, ପରେପରେ ଚାରିଗୋଟି ଝିଅ ଜନମ ନେଇଥିଲେ ଗୋଟିଏ ପୁଅଟେ ପାଇଁ, ଦୁଃଶାସନ ଓ ଗୁଣ୍ଡୁରୀ ବହୁତ ଦେବାଦେବୀ ପୂଜି ତାଙ୍କର ଶେଷରେ ଦୁଇଗୋଟି ପୁଅ - ପୂର୍ଣ୍ଣଚନ୍ଦ୍ର ଓ ସୁନାକର ଜନ୍ମ ନେଇଥିଲେ ଓ ପରେ ଏକଝିଅ ଜନ୍ମ ନେଇଥିଲା, ମାତ୍ର ତତ୍‌କାଳୀନ ହଇଜା ରୋଗରେ ପାଂଚଜଣ ଝିଅ ମରି ଯାଇଥିଲେ ।

ଗୁଣ୍ଡୁରୀ ଦେବୀ ଚାରିଜଣ ପୁଅଝିଅ କୁ ସମ୍ଭାଳିବା ସହ ନଣନ୍ଦ ବେଙ୍ଗୁଲି ଓ ତିନି ଦିଅର - ଭୀମସେନ, ରାମଚନ୍ଦ୍ର ଓ ଭାଗବତ ଙ୍କ ଦାୟିତ୍ୱ ନେଇଥିଲେ ଶାଶୁ ଭୂତିଦେବୀ ଙ୍କ ସହଯୋଗକ୍ରମେ ।

ପରବର୍ତ୍ତୀ ସମୟରେ ଭୂତିଦେବୀ ଙ୍କ ମଧ୍ୟମପୁଅ ଭୀମସେନ – ପିଲାଟି ଦିନରୁ ଗାଈ ଚରାଇବାରୁ ରାଜମିସ୍ତ୍ରୀ କାମ କରିଥିଲେ, ସମ୍ପର୍କୀୟ ପିଉସୀପୁଅ ଭାଇ – ଶଙ୍କର ଗୁରୁଙ୍କ ଘରକୁ (ଭୁବନ ପୋଥାଳ ସାହି) ପୁଅହୋଇ ଯାଇଥିଲେ । ପରେପରେ ଶଙ୍କର ଙ୍କ ଦୁଇଜଣ ପୁଅ ଜନ୍ମ ନେଇଥିଲେ ।

ଦୁଃଶାସନ ସମୟକ୍ରମେ ଘାସିରାମ ଅଗ୍ରୱାଲା ଙ୍କ ଗ୍ଲୋସରୀ ଦୋକାନରେ ସେଲ୍ସମ୍ୟାନ ଭାବରେ ଅନେକ ଦିନ ଧରି କାର୍ଯ୍ୟ କରିଲେ ।

ମଧ୍ୟମପୁଅ ରାମଚନ୍ଦ୍ର – ଦଶରୁ ବାରବର୍ଷର ବାଳକ ଚାଷଜମି ହିଡରୁ ଘାସକାଟି ଆଣି ନିଜ ସ୍ୱାଭିମାନରେ ପିତୃହରା ହୋଇ ଘାସ ବିକ୍ରି ପେଟ ପୋଷୁଥିଲେ । ପରେ ବଢେଇ କାମ ଶିଖିଲେ, କୋଡିଏ ବର୍ଷ ବେଳକୁ ରାମଚନ୍ଦ୍ର ଜଣେ ଭଲ କାଠ କାରିଗର ଭାବରେ ନାମ କରିଥିଲେ ।

ଘରର ଆର୍ଥିକସ୍ଥିତି ଟିକିଏ ପରିବର୍ତ୍ତନ ହୋଇଥିଲା, ପରେ ଏକମାତ୍ର ଭଉଣୀ – ବେଙ୍ଗୁଲି ଙ୍କୁ ଭୁବନ ପୋଥାଳ ସାହିର ଭଲ ଚାଷୀପୁଅ – ଲକ୍ଷ୍ମଣ ଗୁରୁଙ୍କୁ ବିବାହ ଦେଇଥିଲେ

ଦୁଇଭାଇ ଦୁଃଶାସନ ଓ ରାମଚନ୍ଦ୍ର ନିଜେ ପାଠପଢାରେ ଡୋରି ବାନ୍ଧିଥିଲେ ମଧ୍ୟ ସାନଭାଇ – ଭାଗବତ କୁ ଭୁବନ ବଡହାଟ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଓ ଭୁବନ ହାଇସ୍କୁଲରେ ନବମ ଶ୍ରେଣୀ ପର୍ଯ୍ୟନ୍ତ ପାଠ ପଢିଥିଲେ, ପରେପରେ ଭୁବନ ବସ୍‌ଷ୍ଟାଣ୍ଡରେ ଏକ ଷ୍ଟେସ୍‌ନାରୀ ଦୋକାନ ଆରମ୍ଭ କରିଥିଲେ ।

ଗୁଣ୍ଡୁରୀ ଦେବୀ ଓ ଦୁଃଶାସନ ଙ୍କ ଦୁଇଝିଅ – ରମା, ମାଳତୀ କ୍ରମେ ବଡ ହେବାରେ ଲାଗିଲେ, ଦୁଇପୁଅ – ପୁନିଆ, ସୁନିଆ ଧିରେଧିରେ ବଡ ହେବାରେ ଲାଗିଲେ । ଝିଅ ଦୁଇଜଣ ପ୍ରାକ୍ ପ୍ରାଥମିକ ଶିକ୍ଷାକରି, ଅଧିକ ପାଠପଢି ପାରିଲେ ନାହିଁ ।

କାଳକ୍ରମେ ଦାଦା ନାରାୟଣ ଓ ଦୁଇପୁତୁରା – ଦୁଃଶାସନ ଓ ରାମଚନ୍ଦ୍ର ଅର୍ଥଦେଇ – ଭୁବନ ବଡହାଟସ୍ଥ ଚୂଳିଆପଦା ଠାରେ ବାର ବିଶୁଆର ଏକ ଘରଡିହ ଜମି କିଣିଲେ । ପରବର୍ତ୍ତୀ ସମୟରେ ରାମଚନ୍ଦ୍ର ଙ୍କର ବିବାହ ଭୁବନ ଅରାସାହିସ୍ଥ – ଲକ୍ଷ୍ମୀଧର ଦାସଙ୍କ ଝିଅ

- ଭାରତୀ ଦେବୀଙ୍କ ସହିତ ୧୯୭୦ ମସିହାରେ ହେଲା । ପରେପରେ ଝିଅ - ଜୟନ୍ତୀ ଓ ପୁଅ - ସୁବାଷ ସେଠାରେ ଜନ୍ମନେଲେ ।

ପରେ ରାମଚନ୍ଦ୍ର - ନିଜର ମା' ଭୂତିଦେବୀ, ସାନଭାଇ ଭାଗବତ ଓ ନିଜ ପରିବାରଙ୍କୁ ଧରି ଟାଇଲ୍ ଛପର ଘରକରି ନିଜ ଜାଗା ବଡହାଟକୁ ଉଠି ଆସିଥିଲେ । ସେଠାରେ ରାମଚନ୍ଦ୍ର ଙ୍କ ଦୁଇପୁଅ - ପ୍ରକାଶ, ମାନସ ଜନ୍ମ ସହିତ ଭାଗବତ ଙ୍କ ବିବାହ - ଯାଜପୁର ଥାଲୁକୁଡି ନିବାସୀ - ବୀଣାପାଣୀ ଙ୍କୁ ଓ ପରେ ଭାଗବତ ନିଜସ୍ୱ ଜାଗା ଭୁବନ ଲାତବିଲରେ ଘରକରି ରହିଲେ ।

ସମୟକ୍ରମେ ଲୋକଲୋଚନରୁ ଶୁଣାଯାଏ ଭୁବନ ବଡହାଟ ଘର ନିର୍ମାଣ ସମୟରେ - ଦୁଃଶାସନ ଏକ ରୌପ୍ୟ ଓ ସୁନାର ମାଟିହାଣ୍ଡି ପାଇଥିଲେ । ସେ ନିଜର ଶଶୁର ସପନି ଦାସଙ୍କ ଘରେ ଏହାଥୋଇ କାଳକ୍ରମେ ସେଥିରୁ ଟଙ୍କା ବାହାରକରି - ଭୁବନ ମୋଚି ସାହି ଠାରେ ବିଶୁ ଅଗ୍ରୱାଲା ଙ୍କ ଘରେ ଏକ ଛୋଟ ଗ୍ରସରୀ ଦୋକାନ ଆରମ୍ଭ କରିଥିଲେ ।

ଗୁଣ୍ଡୁରୀ ଦେବୀ ଓ ଦୁଃଶାସନ ଙ୍କ ପିଲାମାନେ -

**ରମା ନାୟକ -**

ଭୂତିଦେବୀ ଙ୍କ ବଡନାତୁଣୀ ରମାଦେବୀ, ସେ ଦୁଃଶାସନ ଓ ଗୁଣ୍ଡୁରୀ ଦେବୀଙ୍କ ପ୍ରଥମ ସନ୍ତାନ । ରମା, ଶିଶୁଟିରୁ ଆସ୍ତେ ବଡହୋଇ ପ୍ରାଥମିକ ଶିକ୍ଷା କରିଥିଲେ, ଅଧିକ ପାଠପଢି ପାରିଲେ ନାହିଁ, ବାପା, ମା'ଙ୍କ ପାଖରେ ରମା ସର୍ବଦା ଘରେ ରହି ପାଠପଢାରେ ଡୋରିବାନ୍ଧିଲେ, ଯେତେବେଳେ ବିବାହ ବର୍ଷ ହୋଇଗଲା ଦୁଃଶାସନ ସେହି ସାହିର ବଟକୃଷ୍ଣ ବେହେରା ଙ୍କ ସହିତ ବୈଦିକ ରୀତିରେ ବିବାହ କାର୍ଯ୍ୟ କରିଥିଲେ ।

ବଟକୃଷ୍ଣ ଥିଲେ ଜଣେ ବ୍ୟବସାୟୀ, ପରବର୍ତ୍ତୀ ସମୟରେ ଜ୍ୱାଇଁ ବଟକୃଷ୍ଣ - ଶଶୁର ଦୁଃଶାସନ ଙ୍କ ସହିତ ମିଶି ମୋଚି ସାହିରେ ଏକ ବଡ ଭୂଷା ଦୋକାନ (ତେଜରାତ) ଦେଇଥିଲେ । କାଳକ୍ରମେ ରମାଙ୍କ ଦୁଇଟି ପୁତ୍ର ଓ ଗୋଟିଏ କନ୍ୟା ଜନ୍ମନେଲେ । ପୁଅଦୁଇଟି - ପଙ୍କଜ, ଭୂଆ ଓ ଝିଅଟି - ଇଲା । ତିନିଜଣ ସନ୍ତାନ - ଭୁବନରେ ମାଧ୍ୟମିକ (ହାଇସ୍କୁଲ) ଶିକ୍ଷା କରିଥିଲେ ।

ଇଲା - ଭଦ୍ରକର ବାସୁଦେଇପୁର ରେ ବିବାହ କରିଲା ଜଣେ ବ୍ୟବସାୟୀଙ୍କୁ । ପଙ୍କଜ - ଅଜା, ମାମୁଁ ଙ୍କ ସହିତ ବ୍ୟବସାୟ କରି - ଯାଜପୁର ରେ ବିବାହ କରିଲା, ମାତ୍ର କିଛିଦିନ ଅନ୍ତରରେ ସେ ଏ ସଂସାରରୁ ଚିରଦିନ ପାଇଁ ବିଦାୟ ନେଲା, ବୋହୂ ମା' ନିଜ ବାପାଙ୍କ ଘରକୁ ଗଲେ । ସାନପୁଅ ଭୂଆ ଭୁବନରେ କାର୍ଯ୍ୟକରି ଭୁବନରେ ବିବାହିତ । ରମାଦେବୀ - ସ୍ୱାମୀ, ପୁଅ, ବୋହୂ, ଝିଅ, ଜ୍ୱାଇଁ ସହିତ ପରିବାରରେ ଅଛନ୍ତି ।

**ମାଳତୀ ନାୟକ -**

ଭୂତିଦେବୀ ଙ୍କ ସାନ ନାତୁଣୀ - ମାଳତୀ ଦେବୀ, ବାପା - ଦୁଃଶାସନ ଓ ମା' - ଗୁଣ୍ଡୁରୀ ଙ୍କର ପ୍ରିୟଝିଅ । ପ୍ରାଥମିକ ଶିକ୍ଷା ସମାପ୍ତକରି ମା'ଙ୍କୁ ରୋଷେଇ କାମରେ ସାହାଯ୍ୟ କରେ । ବଡନାନୀ ରମା ର ବାହାଘର ପରେ ସମସ୍ତ ଘରକାମ ମାଳତୀ କରନ୍ତି, ଜଣେ ସୁନ୍ଦର ଝିଅ, ମାତ୍ର ସର୍ବଦା ଦୁଃଖିନିଟିଏ । ବାପା, ମା' ତା'ର ବିବାହ କରିଥିଲେ - ଭୁବନ ଅରାସାହିର ଶ୍ରୀଧର ଦାସଙ୍କୁ । ଶ୍ରୀଧର ଥିଲେ ଜଣେ ଚାଷୀ ଓ ଶ୍ରମିକ । ସେ ସଦାସର୍ବଦା କର୍ମଠ, ମାତ୍ର ମଦକଦ୍ରବ୍ୟ ସର୍ବଦା ସେବନ କରନ୍ତି ।

ମାଳତୀ ଙ୍କର ପାଂଚଜଣ ପିଲା । ଝିଅ ତିନିଜଣ - ପ୍ରେମଲତା, କାଳି, ଶଶି ଓ ଦୁଇପୁଅ - ସନ୍ତ ଓ ଉତ । ତାଙ୍କ ଜେଜେବାପା ଜଡାଥିବାରୁ ଜନ୍ମରୁ ମାଳତୀ ଙ୍କ ପାଂଚପିଲା ଜଡା, କେହି କଥାକହି ପାରନ୍ତି ନାହିଁ । ସମସ୍ତେ ପ୍ରାଥମିକ ଶିକ୍ଷାପ୍ରାପ୍ତ । ସାନଝିଅ ଶଶି - ଭୁବନେଶ୍ୱର ରେ ମୂକବଧିର କଲେଜରୁ +୨ ପାସ୍ । ଦୁଇଝିଅ ବିବାହିତ । ଅଜା, ଆଈ - ମାଳତୀ ଙ୍କ ସମସ୍ତ ପିଲାଙ୍କୁ ଭଲ ପାଉଥିଲେ ।

ମାଳତୀ - ବାପା ଓ ମା'ଙ୍କୁ ଯେପରି ଭଲ ପାଉଥିଲେ, ତା'ଠାରୁ ଅଧିକ ଭଲ ପାଉଥିଲେ - ତାଙ୍କ ଖୁଡି ଭାରତୀ ଦେବୀଙ୍କୁ ଓ ତାଙ୍କର ପିଲା ନିଜର ସାନଭାଇ ଓ ଭଉଣୀ ଙ୍କୁ । ମାଳତୀ ଙ୍କ ସ୍ୱାମୀ ଶ୍ରୀଧର ଅତ୍ୟାଧିକ ମାଦକଦ୍ରବ୍ୟ ସେବନ ଯୋଗୁଁ ମୃତ୍ୟୁ ହୋଇ ଯାଇଅଛି । ମାଳତୀ ଦେବୀ ନିଜର ପିଲାମାନଙ୍କୁ ଧରି ପରିବାର ରେ ରହିଛନ୍ତି ।

**ପୂର୍ଣ୍ଣଚନ୍ଦ୍ର ନାୟକ -**

ଭୂତିଦେବୀ ଙ୍କର ବହୁ ପ୍ରତୀକ୍ଷିତ ନାତି – ପୂର୍ଣ୍ଣଚନ୍ଦ୍ର (ପୁନିଆ), ଦୁଃଶାସନ ଓ ଗୁଣ୍ଡୁରୀ ଦେବୀଙ୍କର ଷଷ୍ଠ କନ୍ୟା ସନ୍ତାନ ( ୨ ଜୀବିତ ଓ ୪ ମୃତ) ପରେ ପୁନିଆ ଙ୍କ ଜନ୍ମ । ନାୟକ ପରିବାର ରେ ଆନନ୍ଦର ଲହରୀ । ପୁନିଆ ପରବର୍ତୀ ସମୟରେ ଭୁବନ ହାଇସ୍କୁଲରେ ଶିକ୍ଷାକରି ବାପା ଦୁଃଶାସନ ଙ୍କୁ ବ୍ୟବସାୟରେ ସାହାଯ୍ୟ କରୁଥିଲେ । ବାପାଙ୍କ ତେଜରାତି ଦୋକାନ ସହ ସେ ଗୁଡ ଓ ମହୁଲ ବ୍ୟବସାୟକୁ ବଢାଇ ଭୁବନର ଜଣେ ଅଗ୍ରଣୀ ବ୍ୟବସାୟୀ ଭାବରେ ନାମ କରିଥିଲେ ।

ପରବର୍ତୀ ସମୟରେ ପୁନିଆ ଙ୍କର ବିବାହ ହୋଇଥିଲା - ଭଦ୍ରକ ସହରର ଚରମ୍ପା ଅଂଚଳର ଜୟନ୍ତୀ ଙ୍କୁ । ଜୟନ୍ତୀ ସମୟକ୍ରମେ ଘରର ବୋହୂ ଭାବରେ ସମସ୍ତଙ୍କର ପ୍ରିୟପାତ୍ର ହୋଇ ପାରିଥିଲେ । ଶାଶୁ, ଶଶୁର, ଖୁଡାଶୁର, ଖୁଡିଶାଶୁ ମାନେ ମଧ୍ୟ ବଡବୋହୂ ଜୟନ୍ତୀ କୁ ଭଲ ପାଉଥିଲେ ।

ପୂର୍ଣ୍ଣଚନ୍ଦ୍ର ଓ ଜୟନ୍ତୀ ଙ୍କ ଦୁଇକନ୍ୟା ଓ ଏକମାତ୍ର ପୁଅ । ଦୁଃଶାସନ ଙ୍କ ପରିବାର ସର୍ବୋପରି ଦିଅର, ଯା, ନଣନ୍ଦ, ନଣଦେଇ, ଭଣଜା, ଭାଣିଜୀ ଙ୍କୁ - ଜୟନ୍ତୀ ବହୁତ ଆଦର କରୁଥିଲେ । ଦୁଃଶାସନ ଆଜି ନାହାଁନ୍ତି ସତ ଏ ସଂସାରରେ ମାତ୍ର ବଡବୋହୂ ଜୟନ୍ତୀ ଦେବୀ ପରିବାର ଟିକୁ ଏକକରି ଶାଶୁ - ଗୁଣ୍ଡୁରୀ ଙ୍କ ସେବାରେ କାର୍ଯ୍ୟକରି ନାୟକ ପରିବାର ର ସୁନାମକୁ ବଜାୟ ରଖିଛନ୍ତି କହିଲେ ଭୁଲ୍ ହେବନାହିଁ ।

**ସୁନାକର ନାୟକ -**

ଗୁଣ୍ଡୁରୀ ଦେବୀ ଓ ଦୁଃଶାସନ ଙ୍କର ଦ୍ୱିତୀୟ ପୁଅ – ସୁନାକର (ସୁନିଆ) । ମା'ଙ୍କର ଗେଲ୍ହାପୁଅ । ଜଣେ ମେଧାବୀ ଛାତ୍ର । +୨ (ବିଜ୍ଞାନ) ପାସ୍‌ପରେ - ଭୁବନର ବାଜିରାଉତ ମେମୋରିଆଲ କଲେଜରୁ +୩ (କଳା) ଶିକ୍ଷା ସମ୍ମାନରେ ପ୍ରଥମ ଶ୍ରେଣୀରେ ବିଏ ପାସ୍, ସେ ଚାହିଁଥିଲେ ଜୀବନରେ ଜଣେ ଶିକ୍ଷକ ହେବାପାଇଁ, ମାତ୍ର ବିଧିର ବିଧାନ ଥିଲା ଅନ୍ୟତ୍ର । ବାପା - ଦୁଃଶାସନ ଙ୍କ ବ୍ୟବସାୟ - ସୁନାକର ସମ୍ଭାଳିଥିଲେ ।

ସମୟକ୍ରମେ ଯାଜପୁର ଥାଲୁକୁଡି ନିବାସୀ ରୂପଲତା ଙ୍କୁ - ସୁନାକର ବିବାହ କରିଲେ । ଗୋଟିଏ ଝିଅ ଓ ଏକପୁଅ ନେଇ ତାଙ୍କ ପରିବାର । ସୁନାକର ଓ ଭାଇ ପୂର୍ଣ୍ଣଚନ୍ଦ୍ର ଙ୍କ ସମ୍ପର୍କ ରାମ ଓ ଲକ୍ଷ୍ମଣ ଭଳି । ବାପା ଚାଲିଗଲା ପରେ ମା'ଙ୍କୁ ନେଇ ଦୁଇଭାଇ ପରିବାର ବିକାଶରେ ସର୍ବଦା ଉଦ୍ୟମରତ ।

ସୁନାକର ଙ୍କ ଧର୍ମପତ୍ନୀ - ରୂପଲତା (ଝୁନା) ଥିଲେ ଜଣେ ଶିକ୍ଷିତା । ପରିବାର ସହ ପିଲାମାନଙ୍କ ଯତ୍ନ ସର୍ବୋପରି ଆତ୍ମିୟସ୍ୱଜନ ଙ୍କୁ ସାହାଯ୍ୟ ଓ ସମ୍ମାନ ତାଙ୍କ ଜୀବନର ଏକ ବ୍ରତ ।

ପୂର୍ଣ୍ଣଚନ୍ଦ୍ର ଓ ସୁନାକର ଙ୍କର ବ୍ୟବସାୟ ଅଲଗା ଅଲଗା ଥିଲେ ମଧ୍ୟ ଗୋଟିଏ ପରିବାର ରେ ସେ ଚଳିଥାନ୍ତି ସମସ୍ତଙ୍କ ମନନେଇ । ବାପା - ଦୁଃଶାସନ ଚାଲିଗଲା ପରେ ମା' - ଗୁଣ୍ଡୁରୀ ଦେବୀଙ୍କ ସେବା ସର୍ବଦା ସାନପୁଅ - ସୁନାକର ଓ ବଡପୁଅ - ପୂର୍ଣ୍ଣଚନ୍ଦ୍ର ନେଇଥାନ୍ତି ।

## କନ୍ୟାରତ୍ନ ବେଙ୍ଗୁଲି

ବଳରାମ ଓ ଅଲ୍ଲୀ ନାୟକ ଙ୍କର ଗେଲ୍ଲୀ ନାତୁଣୀ ଥିଲେ ବେଙ୍ଗୁଲି, ବଡପୁଅ - ବାବାଜୀ ଓ ଭୂତିଦେବୀ ଙ୍କର ୪ ପୁଅ ମଧ୍ୟରେ ଏକମାତ୍ର କନ୍ୟାରତ୍ନ । ଦାଦା ନାରାୟଣ ଓ ଖୁଡି ସାବିତ୍ରୀ ଦେବୀଙ୍କର ଦୁଇଝିଅ - ଗୋଲ୍ଲୀ, ସୁକ ଓ ଦୁଇପୁଅ ଥିଲେ ମଧ୍ୟ ସେମାନେ ବେଙ୍ଗୁଲି କୁ ଭଲ ପାଉଥିଲେ । ବେଙ୍ଗୁଲି ଦେବୀଙ୍କ ଏକମାତ୍ର ପିଉସୀ ମା' - ଲବଣୀ ଦେବୀ, ବେଙ୍ଗୁଲି କୁ ଖୁବ୍ ସ୍ନେହ ଆଦର କରୁଥିଲେ, ତାଙ୍କର ଝିଅ ନଥିବାରୁ ।

ଛୋଟଝିଅ ବେଙ୍ଗୁଲି କାଳକ୍ରମେ ବଡହେଲା ଓ ପ୍ରାଥମିକ ଶିକ୍ଷା କରୁଥିବା ସମୟରେ ରୋଗାଗ୍ରସ୍ତ ଅତ୍ୟାଧିକ ଗୁଳି ସେବନ ଦ୍ୱାରା ଅଧା ବୟସର ବାପା - ବାବାଜୀ ମୃତ୍ୟୁବରଣ କରିଥିଲେ । ଅକାଳ ମୃତ୍ୟୁ ଯୋଗୁଁ ବାପଛେଉଣ୍ଡ ବେଙ୍ଗୁଲି ର ପାଠପଢାରେ ଡୋରିବାନ୍ଧି ହୋଇଯାଇଥିଲା । ସେ ନିଜର ମା' - ଭୂତିଦେବୀ ଙ୍କ ପାଖରେ ଘରର ସମସ୍ତ କାର୍ଯ୍ୟ କରିବାକୁ ଲାଗିଲେ ।

ବଡଭାଇ - ଦୁଃଶାସନ ଓ ଦୁଇ ସାନଭାଇ - ଭୀମସେନ ଓ ରାମଚନ୍ଦ୍ର ଙ୍କର ରୋଜଗାର ହେବାରୁ ସେ ଏକମାତ୍ର ଭଉଣୀ ବେଙ୍ଗୁଲି କୁ ବିବାହ ଦେଇଥିଲେ, ଭୁବନ ପୋଥାଳ ସାହିସ୍ଥ - ଲକ୍ଷ୍ମଣ ଗୁରୁଙ୍କୁ । ଲକ୍ଷ୍ମଣ ଗୁରୁ ଥିଲେ ଜଣେ କୃଷକ, ସାଧାରଣ, ଧିରସ୍ଥିର, ଉଦାର ମଣିଷଟିଏ । ନିଜ ବାପାଙ୍କର ସ୍ୱଳ୍ପ ଚାଷଜମି ତଥା ଭାଗିଦାରୀ ଚାଷଜମିରେ ଲକ୍ଷ୍ମଣ ଙ୍କର ପରିବାର ଚଳି ଯାଉଥିଲେ । ସମୟକ୍ରମେ ପାଂଚପୁଅ - ଗଜେନ୍ଦ୍ର, ତ୍ରିଲୋଚନ, ସୁରେଶ, ବାବୁଲି, ସନ୍ତୋଷ ଓ ଦୁଇକନ୍ୟା - ସୁଲୋଚନା, ଗୋଲାପ । ବେଙ୍ଗୁଲି ଦେବୀ ଓ ଲକ୍ଷ୍ମଣ ଙ୍କ ପିଲାମାନେ ହେଲେ -

### ସୁଲୋଚନା ଗୁରୁ (ଶୋଲି) -

ଭୂତିଦେବୀ ଙ୍କର ଗେଲ୍ଲୀ ନାତୁଣୀ ଥିଲେ - ଶୋଲି । ଲକ୍ଷ୍ମଣ ଓ ବେଙ୍ଗୁଲି ଙ୍କ ବଡଝିଅ । ବାପା ଜଣେ ସାଧାରଣ କୃଷକ ଥିବାରୁ ଧାନ, ଚାଉଳ, ବିରି, ମୁଗ ଘରେ ଥିଲା । ମା'ଙ୍କ ସହିତ ଘରକାମ କରିବାରୁ ଶୋଲି ପାଠପଢାରୁ (ପ୍ରାଥମିକ ଶିକ୍ଷା) ପରେ ଡୋରିବାନ୍ଧି ଥିଲେ । ପରେ ବିବାହର ବୟସ ଉପନୀତ ହେବାରୁ ଭୁବନ ନାୟକ ସାହିସ୍ଥ - ଲଣ୍ଡା ଗୁରୁଙ୍କୁ

ବିବାହ କରିଥିଲେ । ଲଣ୍ଡା ଗୁରୁ ଥିଲେ ଜଣେ କୃଷକ ଓ ଆମାୟିକ ଭଦ୍ରଲୋକ । ଶୋଲି ଙ୍କ ଦୁଇପୁଅ ଓ ଦୁଇଝିଅ । ଦୁଇଝିଅ ବିବାହିତା, ବଡପୁଅ - ନିରଞ୍ଜନ ବିବାହିତା । ଭୁବନ ମହିଳା କଲେଜର ଜଣେ କର୍ମଚାରୀ, କମ୍ପ୍ୟୁଟର ଇନ୍‌ଷ୍ଟିଚ୍ୟୁଟ୍ ର ଡାଇରେକ୍ଟର । ସମସ୍ତ ପିଲାଙ୍କୁ ନେଇ ସଂସାର ।

**<u>ଗୋଲାପ ଦାସ (ଗୋଲି) -</u>**

ଲକ୍ଷ୍ମଣ ଓ ବେଙ୍ଗୁଲି ଙ୍କ ସାନଝିଅ - ଗୋଲି । ସେ ଜଣେ ଚତୁର ଓ କର୍ମଠ ଝିଅ । ପ୍ରାଥମିକ ଶିକ୍ଷା ସମାପ୍ତକରି ମା'ଙ୍କୁ ଘରେ ରୋଷେଇ କାମରେ ସାହାଯ୍ୟ କରନ୍ତି । ବିବାହର ବୟସରେ ଭୁବନ ଅରାସାହିସ୍ଥ - ଶନି ଦାସଙ୍କୁ ବିବାହ କରିଥିଲେ । ଗୋଲି ଙ୍କ ଦୁଇପୁଅ ଓ ଗୋଟିଏ ଝିଅ । ସମସ୍ତେ ବିବାହିତ, ଗୋଲି ଙ୍କ ଏକମାତ୍ର ଜ୍ୱାଇଁ - ଶୁଶିଲ୍, ଭୁବନ ଏନ୍.ଏ.ସି. ର କର୍ମଚାରୀ ଭାବେ କାମ କରନ୍ତି ଓ ଦୁଇପୁଅ ବ୍ୟବସାୟ କରନ୍ତି । ବଡପୁଅ ବିବାହିତ ।

ବେଙ୍ଗୁଲି ଦେବୀଙ୍କ ଦୁଇଝିଅ ବିବାହ ସମୟରେ ମାମୁଁମାନେ ସାହାଯ୍ୟ କରିଥାନ୍ତି ।

**<u>ଗଜେନ୍ଦ୍ର ଗୁରୁ (ନୂରିଆ) -</u>**

ପତିହରା ଭୂତିଦେବୀ ଙ୍କର ଜୀବନରେ ଗୋଟିଏ ହସଦିନ ଥିଲା, ଯେତେବେଳେ ନିଜର ଏକମାତ୍ର ଝିଅ ବେଙ୍ଗୁଲି ଓ ଜ୍ୱାଇଁ ଲକ୍ଷ୍ମଣ ଙ୍କର ପ୍ରଥମ ସନ୍ତାନ - ଗଜେନ୍ଦ୍ର (ନୂରିଆ) ଜନ୍ମନେଲେ, ଆଈମା ଭାବରେ ନାତିଟୋକା ନୂରିଆ ଙ୍କୁ ଦେଖି ଭୂତିଦେବୀ ବହୁତ ଖୁସି ହୋଇଥିଲେ, ମାମୁଁ ଓ ମାଈଁ ମାନେ ମଧ୍ୟ ନଣନ୍ଦଙ୍କର ପ୍ରଥମ ସନ୍ତାନ - କୁଳର ପ୍ରଥମ ପିଲା ଭଣଜାଙ୍କୁ ଦେଖି ସମସ୍ତେ ଖୁସି ହୋଇ ଯାଇଥିଲେ । ସମୟକ୍ରମେ ଶିଶୁ ନୂରିଆ ବଢିବାକୁ ଲାଗିଲେ ଓ ସ୍କୁଲରେ ପାଠ ପଢିଲେ, ମାତ୍ର ପ୍ରାଥମିକ ଶିକ୍ଷା ସମାପ୍ତକରି ଆଉ ପଢା ପ୍ରତି ମନ ନଦେଇ ଘରର ଆର୍ଥିକ ସ୍ଥିତି ସେତେ ଭଲ ନଥିବାରୁ ରୋଜଗାର କରିବାକୁ ମନ ବଳାଇଥିଲେ । ବାପା ଜଣେ କୃଷକ ଥିଲେ, ସେ କିଛିଦିନ ବାପାଙ୍କ ସହିତ କାମ କରିଥିଲେ ସତ ମାତ୍ର ପରବର୍ତୀ ସମୟରେ ନିର୍ମାଣ କ୍ଷେତ୍ରରେ ଜଣେ କାରିଗର (ମିସ୍ତ୍ରୀ)

ଭାବରେ କାର୍ଯ୍ୟକରି ଜଣେ ଭଲ ରାଜମିସ୍ତ୍ରୀ ଭାବରେ କାର୍ଯ୍ୟ କରିଥିଲେ । ଜୀବନରେ ଅନେକ କୋଠାବାଡ଼ି ସେ ନିର୍ମାଣ କରିଅଛନ୍ତି । ସେ ଭୁବନ ବଡେଇ ସାହିରେ ବିବାହ କରିଥିଲେ, ଏକ କନ୍ୟା ଓ ତିନିଜଣ ପୁଅଙ୍କୁ ନେଇ ତାଙ୍କ ପରିବାର, ମାତ୍ର ବିଧିର ବିଧାନ ଥିଲା ଅଲଗା - ମଧ୍ୟମ ବୟସରେ ନୂରିଆ ଙ୍କ ଦେହାନ୍ତ ହୋଇଗଲା, ସ୍ତ୍ରୀ, ଚାରିପିଲା, ବାପା, ମା' ପରିବାରକୁ ଛାଡି ସେ ଅନ୍ୟ ରାଇଜକୁ ପଳାଇଲେ । ପରବର୍ତୀ ସମୟରେ ଦାଦାମାନେ ଝିଅ ଓ ଗୋଟିଏ ପୁଅଙ୍କୁ ବିବାହ କରାଇ ଖୁସିରେ ପରିବାର ଚାଲିଅଛି । ନୂରିଆ ଙ୍କ ସ୍ତ୍ରୀ ଥିଲେ ବହୁତ ଆମାୟିକ ଓ ସରଳ - ମାଇଁମାନେ ଭଣଜା ବୋହୂଙ୍କୁ ଭଲ ପାଉଥିଲେ ।

**ତ୍ରିଲୋଚନ ଗୁରୁ (ଠୁରିଆ) -**

ବେଙ୍ଗୁଲି ଓ ଲକ୍ଷ୍ମଣ ଙ୍କର ମଧ୍ୟମପୁତ୍ର - ଠୁରିଆ, ଖୁବ୍ ସ୍ୱାଭିମାନ, ଜିଦ୍‌ଖୋର ଓ କର୍ମଠ । ପ୍ରାଥମିକ ଶିକ୍ଷା ସମାପ୍ତକରି ଘରର ଆର୍ଥିକ ସ୍ଥିତିକୁ ଦୃଷ୍ଟିରେ ରଖି ଅଧିକ ପାଠପଢି ପାରିଲେ ନାହିଁ । ବଡଭାଇ ନୂରିଆ ଙ୍କ ସହିତ ନିର୍ମାଣ କ୍ଷେତ୍ରରେ ଜଣେ କାରିଗର ଭାବରେ କାର୍ଯ୍ୟାରମ୍ଭ କରି ଜଣେ ରାଜମିସ୍ତ୍ରୀ ଭାବରେ ଭୁବନ ଓ ଆଖପାଖରେ ସୁନାମ ଅର୍ଜନ କରିଅଛନ୍ତି । ଠୁରିଆ ସଦାସର୍ବଦା ମା' ବେଙ୍ଗୁଲି ଙ୍କୁ ଭଲ ପାଉଥିଲେ ଓ ଘରର ସମସ୍ତ କାର୍ଯ୍ୟରେ ସେ ସଦା ଆଗ୍ରହୀ ଥିଲେ ।

ସମୟକ୍ରମେ ଠୁରିଆ ଙ୍କର ବିବାହ ହୋଇଥିଲା - ନିଜ ମଧ୍ୟମ ମାମୁଁ ରାମଚନ୍ଦ୍ର ଙ୍କ ପୋଥାଳ ସାହିସ୍ଥ ସାନଶଳା କୃଷ୍ଣଚନ୍ଦ୍ର ଙ୍କ ବଡଝିଅ - କୁନି ଙ୍କ ସହିତ ବୈଦିକ ରୀତିରେ । କୁନି ପିଲାଟି ଦିନର ମାଇଁଶାଶୁ - ଭାରତୀ ଦେବୀଙ୍କୁ ପିଉସୀ ମା' ଡାକୁଥିଲେ, ବିବାହ ପରେ ମଧ୍ୟ କୁନି ତାଙ୍କୁ ପିଉସୀ ମା' ବୋଲି ସମ୍ବର୍ଦ୍ଧନା କରିବା ସହ ରାମଚନ୍ଦ୍ର ଙ୍କୁ ପିଉସା ଡାକୁଥିଲେ ।

କୁନି ଓ ତ୍ରିଲୋଚନ ଙ୍କ ଗୋଟିଏ ଝିଅ ଓ ଦୁଇପୁଅ ଅଛନ୍ତି, ପୁଅ ଦୁଇଜଣ ବ୍ୟବସାୟ କରନ୍ତି ଓ ଝିଅଟି କଲେଜର ଛାତ୍ରୀ । ସମସ୍ତ ପିଲାଙ୍କୁ ନେଇ ତାଙ୍କ ସୁଖର ପରିବାର ।

ବେଙ୍ଗୁଲି ଦେବୀଙ୍କ ପରିବାର ରେ ମଧ୍ୟମବୋହୂ - କୁନି ଥିଲେ, ସର୍ବଗୁଣସଂପୂର୍ଣ୍ଣା ଓ ବହୁତ କାମିକାର ବୋହୂ ଘରର ସମସ୍ତ କାର୍ଯ୍ୟରେ ତାଙ୍କର ଭୂମିକା ଥିଲା ଅତୁଳନୀୟ ।

**ସୁରେଶ ଗୁରୁ (ପିଲା) -**

ବେଙ୍ଗୁଲି ଦେବୀଙ୍କର ନୟନ ତାରା ଥିଲେ - ସୁରେଶ, ଡାକନାମ ପିଲା । ଭୁବନରେ ଜଣେ କ୍ଷୁଦ୍ର ଶିଳ୍ପପତି ଭାବରେ ତାଙ୍କର ନାମଅଛି । ପ୍ରାଥମିକ ଶିକ୍ଷାପରେ ଅଧିକ ପାଠପଢି ନପାରି ବ୍ୟବସାୟରେ ମାତିଲେ । ସମୟକ୍ରମେ ଭୁବନର ଜଣେ ଇଟାଶିଳ୍ପ ବ୍ୟବସାୟୀ ଭାବରେ ଖ୍ୟାତି ଅର୍ଜନ କରିଥିଲେ । ପିଲା ନିଜର ବଡମାମୁଁ - ଦୁଃଶାସନ ଙ୍କ ସହ କିଛି ସମୟରେ ମଧ୍ଯ ଗୁଡ, ମହୁଲ ବ୍ୟବସାୟ କରି ଜଣେ ଧନୀକଶାଳୀ ବ୍ୟକ୍ତି ଭାବରେ ଅନେକ ଟ୍ରକ୍, ଟ୍ରାକ୍ଟର ର ମାଲିକ ଥିଲେ ।

ସୁରେଶ ବିବାହ କରିଥିଲେ - ବିଘ୍ନ ମହାନ୍ତି ଛକ କାଠଶିଳ୍ପୀ ନାରାୟଣ ଗୁରୁଙ୍କ କନ୍ୟା - ଭାରତୀ ଙ୍କୁ । ତାଙ୍କର ଏକମାତ୍ର ପୁଅ - ପିଂଟୁ - କଟକର ରେଭେନ୍ସା ବିଶ୍ୱବିଦ୍ୟାଳୟରୁ ମାଷ୍ଟର ଡିଗ୍ରୀ ଧରି ଏକ କମ୍ପାନୀରେ ଚାକିରୀ କରନ୍ତି ।

**ବାବୁଲି ଗୁରୁ (ପଂଚୁ) -**

ବେଙ୍ଗୁଲି ଦେବୀ ଓ ଲକ୍ଷ୍ମଣ ଙ୍କ ମଧ୍ୟମପୁତ୍ର - ବାବୁଲି । ପାଠପଢା ଥିଲା ମାତ୍ର ପ୍ରାଥମିକ, ଘରର ଅଭାବକୁ ଭଲ ଭାବରେ ବୁଝି, ସେ ଏକମାତ୍ର ପୁଅ ଭାବରେ ବାପା ଲକ୍ଷ୍ମଣ ଙ୍କ ସହିତ କୃଷି କାର୍ଯ୍ୟରେ ପିଲାଟି ଦିନରୁ ଯୋଗ ଦେଇଥାନ୍ତି । ସମୟକ୍ରମେ ସେ ଜଣେ ଭଲ କୃଷକ ଭାବରେ ପରିଚିତ ପାଇଥାନ୍ତି । ବାବୁଲି ବଢେଇ ସାହି ଛକରେ ବିବାହିତ, ପାଂଚଗୋଟି ଝିଅ ଓ ଗୋଟିଏ ପୁଅଙ୍କୁ ନେଇ ତାଙ୍କ ସଂସାର ।

**ସନ୍ତୋଷ ଗୁରୁ (ସନ୍ତ) -**

ଆଈମା ଭୂତିଦେବୀ ଙ୍କର ସାନ ନାତି ଥିଲେ - ସନ୍ତ । ବେଙ୍ଗୁଲି ଓ ଲକ୍ଷ୍ମଣ ଙ୍କର ପାଂଚପୁଅ ମଧ୍ୟରେ ସେ ସାନ ଥିଲେ । ପ୍ରାଥମିକ ଶିକ୍ଷା ସମାପ୍ତ ପରେ - ବଡଭାଇ ସୁରେଶ ଙ୍କ ସହିତ ବ୍ୟବସାୟରେ ପ୍ରବେଶ କରିଲେ । ଇଟାଭାଟି ଠାରୁ ଗୁଡ, ମହୁଲ ପର୍ଯ୍ୟନ୍ତ ସମସ୍ତ ବ୍ୟବସାୟରେ ଭାଇଙ୍କୁ ସାହାଯ୍ୟ କରିଲେ । କାଳକ୍ରମେ ତାଙ୍କର ଭୁବନ ଖଣ୍ଡିଆବନ୍ଧ ଛକ ନିକଟରେ ବିବାହ ହେଲା, ଦୁଇଝିଅ ଙ୍କୁ ନେଇ ତାଙ୍କ ସଂସାର । ମା' ବେଙ୍ଗୁଲି ଦେବୀଙ୍କର ସେ ଗେଲ୍ଲାପୁଅ ଥିଲେ ।

କନ୍ୟାରତ୍ନା ବେଙ୍ଗୁଲି ପିଲାଟି ଦିନରୁ ପିତୃହରା ହୋଇଥିଲେ ସତ, ମାତ୍ର ମା' ଭୂତିଦେବୀ ତାଙ୍କର ଜୀବଦଶାରେ ନିଜର ଏକମାତ୍ର କନ୍ୟା - ବେଙ୍ଗୁଲି ପାଖରେ ଠିଆ ହେଉଥିଲେ । ବେଙ୍ଗୁଲି ଙ୍କ ଭାଇମାନେ - ଦୁଃଶାସନ, ଭୀମସେନ, ରାମଚନ୍ଦ୍ର ଓ ଭାଗବତ ପ୍ରମୁଖ ଏକମାତ୍ର ଭଉଣୀ ପାଖରେ ସଦାସର୍ବଦା ଠିଆ ହେଉଥିଲେ, ମାତ୍ର କାଳକ୍ରମେ ରାମଚନ୍ଦ୍ର ଙ୍କୁ ଛାଡି ଅନ୍ୟ ତିନିଭାଇ ମାନେ ଭଉଣୀଠାରୁ ଦୂରେଇ ଯାଇଥିଲେ । ଭାଇ ରାମଚନ୍ଦ୍ର ସର୍ବଦା ଭଉଣୀ ବେଙ୍ଗୁଲି ତଥା ତାଙ୍କ ପରିବାର ର ଭିଣେଇ, ଭଣଜା, ଭାଣିଜୀ ଙ୍କ ପାଖରେ ରହିଥିଲେ ।

ବେଙ୍ଗୁଲି ଅନେକ ଦିନଧରି ପକ୍ଷଘାତ (ପାରାଲିସିସ୍) ରୋଗରେ ପଡିରହି, ଜୀବନ ହରାଇଥିଲେ ଏ ସଂସାରରୁ, ମାତ୍ର ତାଙ୍କର ପରିବାର ସଦସ୍ୟ ସର୍ବୋପରି ଭାଇମାନଙ୍କୁ ଭଲ ପାଇବା - ତାଙ୍କୁ ଏକ ସମ୍ମାନଜନକ ସ୍ଥାନରେ ସମାଜରେ ରଖିଥିଲା କହିଲେ ଅତ୍ୟୁକ୍ତି ହେବନାହିଁ ।

## ମଧ୍ୟମପୁତ୍ର ଭୀମସେନ

ବାବଜୀ ଓ ଭୂତିଦେବୀ ଙ୍କର ପୁଅ - ଭୀମସେନ, ପିଲାଟି ଦିନରୁ ପିତୃହରା ହୋଇ ସ୍ୱଳ୍ପ ବୟସରେ - ମାତ୍ର ଦଶବର୍ଷ ବୟସରେ ଘରପଡିଶା ମାନଙ୍କର ଗାଈ ଓ ବାଛୁରୀ କୁ ସ୍ଥାନୀୟ ବିଲହୁଡାକୁ ନେଇଥିଲେ ଚରାଇବା ପାଇଁ, ସେଥିରୁ ଯେଉଁ ସ୍ୱଳ୍ପ ରୋଜଗାର ହେଉଥିଲା, ସେଥିରେ ସେ ନିଜ ମା' - ଭୂତିଦେବୀ ଙ୍କୁ ପଇସା ଆଣି ଦେଉଥିଲେ, ନିଜେ ଓ ପରିବାର ରେ ଖର୍ଚ୍ଚ ହେଉଥିଲା ।

ଭୀମସେନ ପିତୃ ବିୟୋଗ ଯୋଗୁଁ ପ୍ରାଥମିକ ଶିକ୍ଷାରୁ ପାଠ ଛାଡିଥିଲେ ସତ, ମାତ୍ର ପିଲାଟି ଦିନରୁ ସେ ଖୁବ୍ ସ୍ୱଷ୍ଟବାଦୀ ଓ ପରିଶ୍ରମୀ ଥିଲେ । କାଳକ୍ରମେ ନିଜର ଜୀବନ ଓ ଜୀବିକା ପାଇଁ ଭୁବନର ଜଣେ ପ୍ରତିଷ୍ଠିତ ବ୍ୟବସାୟୀ (ଗ୍ରସରୀ) ଘସିରାମ ଅଗ୍ରୱାଲା ଙ୍କ ଦୋକାନରେ ଦୋକାନୀବୟ (ସେଲ୍ସମ୍ୟାନ) ଭାବରେ କାମ କରୁଥିଲେ । ପରବର୍ତ୍ତୀ ସମୟରେ ନିଜ ମା' ଭୂତିଦେବୀ ଜନ୍ମର ସାତଦିନର କଥା ଦେଇଥିଲେ ଭୀମସେନ ଙ୍କୁ ତାଙ୍କ ସମ୍ପର୍କୀୟ ପିଉସୀପୁଅ ଭାଇ - ଭୁବନ ପୋଥାଳ ସାହି ନିବାସୀ ଶଙ୍କର ଗୁରୁଙ୍କ ଘରକୁ ପୁଅହୋଇ ଯିବାପାଇଁ, ମାତ୍ର ୧୫ ବର୍ଷ ବୟସରେ ଭୀମସେନ ମା' ଭୂତିଦେବୀ ଙ୍କ କଥାକୁ ସମ୍ମାନ ଜଣାଇ ଶଙ୍କର ଗୁରୁଙ୍କ ଘରକୁ ପୁଅ ହୋଇଗଲେ । ପରେପରେ ଶଙ୍କର ଙ୍କ ଦୁଇପୁଅ ଜନ୍ମନେଲେ କିନ୍ତୁ ଶଙ୍କର ତିନିଜଣ ପୁଅଙ୍କୁ ଜମି, ଘର ଦେଇ ସାରାଜୀବନ ତାଙ୍କ ପାଖରେ ରଖିଛନ୍ତି । ଭୀମସେନ ମଧ୍ୟ ନିଜର ମା' ଓ ଭାଇ, ଭଉଣୀ ଙ୍କ ସହିତ ମଧ୍ୟ ସର୍ବଦା ସମ୍ପର୍କରେ ରହିଥିଲେ ।

ସମୟକ୍ରମେ ଭୀମସେନ - ଶଙ୍କର ଙ୍କ ଘରକୁ ପୁଅହୋଇ ଯିବାପରେ - ନିର୍ମାଣ ଶ୍ରମିକ ଭାବରେ କାର୍ଯ୍ୟକରି ଜଣେ ରାଜମିସ୍ତ୍ରୀ ଭାବରେ ନିଜର ପରିଚୟ କରିଥିଲେ । ନିଜର ଜୀବଦଶାରେ ଭୀମସେନ ଅନେକ କୋଠାବାଡି, ଡ୍ରେନ୍, ଛୋଟଛୋଟ ପୋଲ ନିର୍ମାଣ କରିଛନ୍ତି ।

ବିବାହ ବୟସରେ ଉପନୀତ ହେବାପରେ ଶଙ୍କର ଗୁରୁ ନିଜର ପାଳିତ ପୁଅ - ଭୀମସେନ ଙ୍କୁ ସ୍ଥାନୀୟ ପୋଥାଳ ସାହିର - ଭାନୁମତୀ ଗୁରୁଙ୍କ ସହିତ ବିବାହ କରାଇଥିଲେ

। ଭୀମସେନ ଓ ଭାନୁମତୀ ଙ୍କର ଦଶଜଣ ସନ୍ତାନସନ୍ତତି ଥିଲେ । ପୁଅ - ଦୀନବନ୍ଧୁ, ଚୈତନ୍ୟ, ହୃଷିକେଶ ଓ ଝିଅ - ପୁନି, ସଉଁରୀ, ଗଉରୀ, ଚଉଁରୀ, ଜାଡି, ଅନ୍ତି, ପିଜି । ଭାନୁମତୀ, ଭୀମସେନ ବହୁତ ଦୁଃଖକଷ୍ଟରେ ଦଶଗୋଟି ପିଲାଙ୍କୁ ଛୋଟରୁ ବଡ କରିଛନ୍ତି ।

**ଭୀମସେନ ଓ ଭାନୁମତୀ ଙ୍କ ପୁଅମାନେ -**

ଭାନୁମତୀ ଓ ଭୀମସେନ ଙ୍କର ତିନିଜଣ ପୁଅ ମଧ୍ୟରେ ଦୀନବନ୍ଧୁ (ଦିନା) ଥିଲେ ସମସ୍ତଙ୍କଠାରୁ ବଡ । ପ୍ରାଥମିକ ଶିକ୍ଷା ସମାପ୍ତକରି ନିଜର ଜୀବିକା ଭାବରେ ନିର୍ମାଣ ଶ୍ରମିକର କ୍ଷେତ୍ର ରାଜମିସ୍ତ୍ରୀ ହୋଇ ପାରିଥିଲେ । ବାପା ଭୀମସେନ ଙ୍କର ପ୍ରେରଣାରେ ସେ କିଶୋର ଅବସ୍ଥାରୁ ବାପାଙ୍କ ସହିତ କାମକରି ଜଣେ ରାଜମିସ୍ତ୍ରୀ ଭାବରେ ସ୍ଥାନୀୟ ଅଂଚଳରେ ପରିଚିତ । ଯାଜପୁର ର ବାସୁଦେଇପୁର ରେ ବିବାହିତ - ଧର୍ମପତ୍ନୀ, ଗୋଟିଏ ପୁଅ ଓ ଦୁଇଝିଅ ଙ୍କୁ ନେଇ ତାଙ୍କ ପରିବାର । ଦିନାଙ୍କ ଗୋଟିଏ କାର୍ଯ୍ୟ ସର୍ବଦା ପ୍ରଶଂସନୀୟ ମା' ଭାନୁମତୀ ଓ ବାପା ଭୀମସେନ ଙ୍କୁ ସର୍ବଦା ନିଜ ପାଖରେ ରଖିଥିଲେ । ଧର୍ମପତ୍ନୀ ମଧ୍ୟ ତାଙ୍କୁ ସର୍ବଦା ସମର୍ଥନ ଦେଉଥିଲେ । ପରବର୍ତ୍ତୀ ସମୟରେ ମା' ଓ ବାପା ଚାଲିଗଲେ, ସାନଭାଇ - ହୃଷିକେଶ ମାଦକଦ୍ରବ୍ୟ ସେବନକରି ଯୁବାବସ୍ଥାରୁ ସଂସାରରୁ ବିଦାୟନେଲେ । ଭାଇ ଚୈତନ୍ୟ ମଧ୍ୟ ବିବାହ କରି ଅନ୍ୟତ୍ର ଭଡାଘରେ ରହିଲେ କିନ୍ତୁ ଦିନବନ୍ଧୁ - ବାପାଙ୍କ ଜନ୍ମିତ ସାତଭଉଣୀ ସର୍ବୋପରି ନିଜେ ପାଂଚଜଣ ଭଉଣୀ ଙ୍କୁ ବିବାହ ଦେଇ ନିଜ ପରିବାର ସହିତ ସଂସାର କରିଛନ୍ତି ।

ଭାନୁମତୀ ଓ ଭୀମସେନ ଙ୍କ ମଧ୍ୟମପୁଅ - ଚୈତନ୍ୟ (ଉଗୁରୀ), ଜଣେ ଭୁବନ ହାଇସ୍କୁଲର ଛାତ୍ର ଥିଲେ । ଭଲଛାତ୍ର ମାତ୍ର ଅଧିକ ପାଠ ପଢିବାର ସୁଯୋଗ ପାଇନଥିଲେ । ପରବର୍ତ୍ତୀ ସମୟରେ ଚୈତନ୍ୟ ନିଜର ମାମୁଁଙ୍କ ସହିତ ସିଲଭର୍ ବାସନ ସାମଗ୍ରୀ ବ୍ୟବସାୟ କରିଲେ । ଦୀର୍ଘ ଦିନଧରି ଭୁବନ ନିକଟସ୍ଥ ଷଡଙ୍ଗୀ ଗ୍ରାମରେ ସିଲଭର୍ ବାସନକୁସନ ଦୋକାନ ଦେଇଥିଲେ । ପରବର୍ତ୍ତୀ ସମୟରେ ଚୈତନ୍ୟ ଙ୍କ ଭୁବନ ବଡହାଟ ଠାରେ ବିବାହ କରିଲେ - ତାଙ୍କର ଗୋଟିଏ ଝିଅ ଓ ଦୁଇପୁଅ ବିବାହର କିଛିଦିନ ପରେ ସେ ଘରଛାଡି ସ୍ତ୍ରୀ, ପିଲାଙ୍କୁ ନେଇ ଭଡାଘରେ ରହିଛନ୍ତି ।

ଭୀମସେନ ଓ ଭାନୁମତୀ ଙ୍କର କନିଷ୍ଠପୁତ୍ର - ହୃଷିକେଶ । ପ୍ରାଥମିକ ଶିକ୍ଷା ସମାପ୍ତ ପରେ - କାଠର ବୋର୍ଡବଟମ କାରିଗର ଭାବରେ କାର୍ଯ୍ୟ କରୁଥିଲେ । ଯୁବାବସ୍ଥାରେ ଅନେକ ମାଦକଦ୍ରବ୍ୟ ସେବନକରି ସ୍ୱାସ୍ଥ୍ୟ ଖରାପରୁ ସଂସାରରୁ ବିଦାୟ ନେଲେ, ସେ ଅବିବାହିତ ଥିଲେ ।

**ଭୀମସେନ ଓ ଭାନୁମତୀ ଙ୍କ କନ୍ୟାମାନେ -**

ଭୂତିଦେବୀ ଙ୍କ ମଧ୍ୟମପୁତ୍ର - ଭୀମସେନ ଓ ଭାନୁମତୀ ଙ୍କ ତିନିପୁଅ ରେ ସାତଜଣ ଝିଅ ଥିଲେ । ଝିଅମାନଙ୍କର ମଧ୍ୟରେ -

**ପୁନି -**

ପୁନିଥିଲେ ସବୁଠାରୁ ବଡଝିଅ, ପ୍ରାଥମିକ ଶିକ୍ଷାପରେ ମା' ଭାନୁମତୀ ଙ୍କୁ ଘରକାମରେ ସାହାଯ୍ୟ କରୁଥିଲେ । ବିବାହର ବୟସ ହେବାରୁ ସ୍ଥାନୀୟ - ବାବୁଲି ଗୁରୁଙ୍କୁ ବିବାହ କରିଲେ, ବାବୁଲି ଅନେକ ବର୍ଷଧରି - ଭୁବନ ଗୁଜୁରୀହାଟ ସ୍ଥିତ ଶ୍ରୀ ଚୈତନ୍ୟ ଗ୍ରସରୀ ସପ୍‌ରେ ସେଲ୍ସମ୍ୟାନ ଭାବରେ ଜିନିଷ ବ୍ୟବସାୟ କରୁଥିଲେ । ତାଙ୍କର ଦୁଇଝିଅ ଭୁବନରେ ବିବାହିତା ।

**ସଉଁରୀ -**

ଭୀମସେନ ଙ୍କ ଦ୍ୱିତୀୟ ଝିଅ - ସଉଁରୀ, ପ୍ରାଥମିକ ଶିକ୍ଷା ସମାପ୍ତକରି ମା' ଭାନୁମତୀ ଙ୍କୁ ଘରକାମରେ ସାହାଯ୍ୟ କରିଲେ । ବିବାହ ବୟସରେ ଭୁବନ ନାୟକ ସାହିରେ ବିବାହ କରିଲେ । ସ୍ୱାମୀ ଜଣେ କୃଷକ, ପୁଅ ଓ ଝିଅ ଙ୍କୁ ନେଇ ତାଙ୍କ ପରିବାର ।

**ଗଉରୀ -**

ଭୀମସେନ ଙ୍କର ତୃତୀୟ ଝିଅ - ଗଉରୀ, ପ୍ରାଥମିକ ଶିକ୍ଷା ଶେଷପରେ ମା' ଭାନୁମତୀ ଙ୍କୁ ଘରକାମରେ ସାହାଯ୍ୟ କରନ୍ତି । ବିବାହ ବୟସରେ ଭଦ୍ରକର ଅନ୍ନପାଳ ଗାଁରେ ବିବାହିତ । ସ୍ୱାମୀ ଜଣେ - ସରଳ ବ୍ୟକ୍ତି, ମୁକ ବ୍ୟକ୍ତି ଓ ବ୍ୟବସାୟ, ଚତୁର, ଦୁଇଝିଅ ଙ୍କୁ ନେଇ ତାଙ୍କ ପରିବାର ।

**ଚଉଁରୀ -**

ଭୀମସେନ ଙ୍କର ଚତୁର୍ଥ ଝିଅ - ଚଉରୀ, ପ୍ରାଥମିକ ଶିକ୍ଷାପରେ ମା' ଭାନୁମତୀ ଙ୍କୁ ଘରକାମରେ ସାହାଯ୍ୟ କରିଥାନ୍ତି । ବିବାହ ବୟସରେ ଭୁବନରେ ବିବାହିତ ।

**ଜାଡି -**

ଭୀମସେନ ଙ୍କର ପଂଚମ କନ୍ୟା, ପ୍ରାଥମିକ ଶିକ୍ଷାପରେ ଘରକାମରେ ମା'ଙ୍କୁ ସାହାଯ୍ୟ ଓ ପରେପରେ ବିବାହିତ ଓ ପରିବାରକୁ ନେଇ ତାଙ୍କ ସଂସାର ।

**ଅନ୍ତି -**

ଭୀମସେନ ଙ୍କର ଷଷ୍ଠ ଝିଅ - ଅନ୍ତି, ପ୍ରାଥମିକ ଶିକ୍ଷାପରେ ଭାଉଜଙ୍କୁ ଘରକାମରେ ସାହାଯ୍ୟ ଓ ବିବାହ ସମୟରେ ବିବାହିତା ଓ ପରିବାରକୁ ନେଇ ସଂସାର ।

**ପିଜି -**

ଭୀମସେନ ଓ ଭାନୁମତୀ ଙ୍କ ସପ୍ତମ ଝିଅ – ପିଜି । ହାଇସ୍କୁଲରୁ ମାଟ୍ରିକ୍ୟୁଲେଟ୍ ଶିକ୍ଷାପରେ ମା' ଚାଲି ଯାଇଥିବାରୁ ଭାଉଜଙ୍କୁ ଘରକାର୍ଯ୍ୟରେ ସାହାଯ୍ୟ ଓ ବିବାହ ବୟସରେ ଭାଇ ଦିନବନ୍ଧୁ ତାଙ୍କୁ ଭୁବନ ଗାଁ ବାହାରେ ବିବାହ ଦେଇଛନ୍ତି, ପରିବାରକୁ ନେଇ ତାଙ୍କ ସଂସାର ।

ଭାନୁମତୀ ଓ ଭୀମସେନ ବର୍ତମାନ ସଂସାରରୁ ବିଦାୟ ନେଇଛନ୍ତି । ତାଙ୍କର ନଅଜଣ ପୁଅଝିଅ ନିଜନିଜ ପରିବାର ସହିତ ସଂସାରରେ ଜୀବନ ବିତାଉଛନ୍ତି । ଭୀମସେନ – ବାପାଙ୍କର ସମ୍ପତିରେ ମଧ ଭାଗ ନେଇଥିଲେ, ପରେ ନିଜର ପାଳିତବାପା - ଶଙ୍କର ଗୁରୁଙ୍କ ବାସ ସ୍ଥାନରେ ରହିଛନ୍ତି ।

## ପୁତ୍ର ରାମଚନ୍ଦ୍ର

ପିତୃହରା ରାମଚନ୍ଦ୍ର (୨୩/୦୭/୧୯୪୬ - ଜନ୍ମ) ପରବର୍ତ୍ତୀ ସମୟରେ - ନିଜର ଜୀବିକା ପାଇଁ କାଠକାମକୁ ଆଦରି ନେଲେ । ବାର ବର୍ଷରୁ ପନ୍ଦର ବର୍ଷ ଏହିପରି ତିନିବର୍ଷ ପର୍ଯ୍ୟନ୍ତ ସେ ନିଜର କାଠଶିଳ୍ପୀ ଗୁରୁ ନବକିଶୋର ମହାରଣାଙ୍କ ଠାରୁ କାମ ଶିଖିଲେ ଓ ପନ୍ଦର ରୁ କୋଡ଼ିଏ ବର୍ଷ - ଏହି ପାଂଚ ବର୍ଷରେ ସେ ଏକ ପୂର୍ଣ୍ଣାଙ୍ଗ କାଠଶିଳ୍ପୀ ଭାବରେ ନିଜେ ପ୍ରତିଷ୍ଠିତ ହୋଇଥିଲେ ଓ ପରବର୍ତ୍ତୀ ସମୟରେ ବିବାହ କରି ଘର ସଂସାର କରିଲେ ।

ପିତୃହରା ରାମଚନ୍ଦ୍ର - ପିତାଙ୍କୁ ହରାଇ ପାଂଚ ବରଷରେ ବାପା ମରିଗଲେ । ତାଙ୍କ ଚେହେରା ମଧ୍ୟ ତାଙ୍କର ମନେ ନଥିଲା । ବହୁତ ଦୁଃଖ କଷ୍ଟରେ ସ୍ୱାଭିମାନୀ ଭାବରେ ସମାଜରେ ପ୍ରତିଷ୍ଠିତ ହୋଇଥିଲେ - ଜଣେ କାଠଶିଳ୍ପୀ, ରାଜନେତା, ସମାଜସେବୀ । ପରବର୍ତ୍ତୀ ମୁହୂର୍ତ୍ତରେ ସେ ନିଜର ଚାରିଜଣ ପିଲାଙ୍କୁ ଏ କଷ୍ଟ ତାଙ୍କ ଜୀବନରେ ଦେଇନଥିଲେ

ପିତୃହରା ରାମଚନ୍ଦ୍ର ମଧ୍ୟ ନିଜର ସାନଭାଇ ଭାଗବତର ପାଠପଢା ସାଙ୍ଗକୁ ନିଜ ପାଖରେ ରଖି ଭୁବନ ବସ୍‌ଷ୍ଟାଣ୍ଡରେ ଦୋକାନ କରାଇବା ଠାରୁ ଆରମ୍ଭକରି ବିବାହ କାର୍ଯ୍ୟ କରିଥିଲେ ଓ ନିଜର ମା' ଭୂତିଦେବୀଙ୍କୁ - ଶେଷ ପର୍ଯ୍ୟାୟ (ମୃତ୍ୟୁ ପର୍ଯ୍ୟନ୍ତ) ନିଜ ବାସଭବନରେ ରଖିଥିଲେ ।

ଭାଇଭଉଣୀଙ୍କ ବନ୍ଧନ ଖୁବ୍ ଅପୂର୍ବ ମିଳନ ସତେଯେପରି - ଜଗନ୍ନାଥ ମହାପ୍ରଭୁ ଓ ଦେବୀ ସୁଭଦ୍ରାଙ୍କ ଭଳି । ସେଥିରୁ ପିତୃହରା ରାମଚନ୍ଦ୍ର ବା ବାଦ୍ ପଡନ୍ତେ କିପରି ।

ଏକମାତ୍ର ନାନୀ ବେଙ୍ଗୁଲିର ସମସ୍ତ ଭଲମନ୍ଦ କଥା ସେ ବଂଚିଥିବା ପର୍ଯ୍ୟନ୍ତ ପିତୃହରା ରାମଚନ୍ଦ୍ର ବୁଝୁଥିଲେ । ତାଙ୍କର ପାଂଚଗୋଟି ପୁଅ ଓ ଦୁଇଗୋଟି ଝିଅକୁ ନେଇ ଭୁବନ ଗୁରୁ ସାହିସ୍ଥ - ଲକ୍ଷ୍ମଣ ଗୁରୁଙ୍କ ସହଧର୍ମିଣୀ ଥିଲେ ବେଙ୍ଗୁଲି । ରାକ୍ଷୀ ରହିଲା ସାକ୍ଷୀ ନ୍ୟାୟରେ ପାଖରେ ଥିଲେ, ଅନ୍ୟ ଭାଇମାନେ ମଧ୍ୟ କାଳକ୍ରମେ ତା'ଠାରୁ ଦୂରେଇ ଯାଇଥିଲେ

ଦୈବୀଶକ୍ତିର ବଳରେ ରାମଚନ୍ଦ୍ର କାହାକୁ ଜୀବନରେ ଋଣ କରିନଥିଲେ । ପାଂଚ ବର୍ଷରେ ରାମଚନ୍ଦ୍ର ପିତୃହରା ହୋଇ ପ୍ରାକ୍ ପ୍ରାଥମିକ ଶିକ୍ଷାକରି, କାଠଶିଳ୍ପୀ ଭାବରେ ଜୀବିକା

କରି - ଭୁବନ ଅରାସାହିର - ଲକ୍ଷ୍ମୀଧର ଦାସ ଓ ଶୋଲାଦେୟୀ ଦାସଙ୍କ କନ୍ୟା - ଭାରତୀ ଦେବୀଙ୍କୁ ପଚିଶ ବର୍ଷ ବୟସରେ ତା. ୦୫/୦୭/୧୯୭୦ ମସିହାରେ ବୈଦିକ ରୀତିରେ ବିବାହ କରିଥିଲେ, ଏଥିରେ ତାଙ୍କ ଦାଦା ନାରାୟଣ ନାୟକ କର୍ତା ଭାବରେ କାର୍ଯ୍ୟ ସମାପନ କରିଥିଲେ । ନାରାୟଣ ଜୀବନର ଶେଷ ମୁହୂର୍ତରେ ପୁତୁରା ରାମଚନ୍ଦ୍ରଙ୍କ ଠାରୁ ଗଙ୍ଗା ପାଣି ପିଇ ନିଜ ଜୀବନ ଚାଲି ଯାଇଥିଲା । ବାସ୍ତବିକ୍ ରାମଚନ୍ଦ୍ର ଦାଦା ନାରାୟଣଙ୍କ ବିବାହର ଋଣ ଏକ ରକମ ସୁଝି ଦେଇଥିଲେ କହିଲେ ଅତ୍ୟୁକ୍ତି ହେବନାହିଁ ।

ପିତୃହରା ରାମଚନ୍ଦ୍ର ନିଜ ଜୀବନର କଷ୍ଟ ସବୁକୁ ସଦାସର୍ବଦା ମନେ ରଖିଥାନ୍ତି, ମାନବ ଜାତିଙ୍କୁ ପ୍ରଭୁ ଜଗନ୍ନାଥ ଏଭଳି ଦୁଃଖ (ତାଙ୍କ ଭଳି) କାହାକୁ ନ ଦିଅନ୍ତୁ, ସେ ସଦାସର୍ବଦା ପ୍ରଭୁଙ୍କ ନିକଟରେ ପ୍ରାର୍ଥନା କରିଥାନ୍ତି ।

ବାପା - ଗୋଟିଏ ଶବ୍ଦ ଓ ଦୁଇଗୋଟି ଅକ୍ଷର । କିନ୍ତୁ ନିଜ ସନ୍ତାନମାନଙ୍କ ପାଇଁ ସେ ହେଉଛନ୍ତି ଏକ ମହାମେରୁ ଦୃମ ଭଳି । ଏ ସଂସାରରେ ସେ ହିଁ ପାଳନ କର୍ତା - ସତେ ଅବା ସେ ଜନ୍ମଦାତା, ଶିକ୍ଷାଦାତା, କର୍ମଦାତା ଓ ବିବାହ ଦାତା, ମାତ୍ର ଜନ୍ମଦାତା ବାବାଜୀ - ମଧ୍ୟମପୁତ୍ର ରାମଚନ୍ଦ୍ରଙ୍କୁ ପାଂଚ ବର୍ଷ ବୟସ ହୋଇଥିବା ସମୟରେ ଏ ସଂସାରରୁ ବିଦାୟ ନେଇଥିଲେ । ଶିକ୍ଷା, କର୍ମ, ବିବାହ, ନିଜ ବାପା ବାବାଜୀଙ୍କ ଠାରୁ ପିତୃହରା ରାମଚନ୍ଦ୍ର ପାଇପାରି ନଥିଲେ । ବିଧବା ମା' ଭୂତିଦେବୀ ଚାରିଜଣ ପୁଅ - ଦୁଃଶାସନ, ଭୀମସେନ, ରାମଚନ୍ଦ୍ର ଓ ଭାଗବତ ତଥା ଏକମାତ୍ର କନ୍ୟା ବେଙ୍ଗୁଲିକୁ ଧରି ବହୁତ କଷ୍ଟରେ ଜୀବନ ଅତିବାହିତ କରୁଥିଲେ । ଏଠି ସେଠି ମା' କାମ କରୁଥିବାର ଦେଖି ପୁଅମାନେ ମା'ଙ୍କୁ ଘରେ ରହିବାପାଇଁ କହି ନିଜେ ପାଠପଢାରେ ଡୋର ବାନ୍ଧି ତିନିଜଣ ପୁଅ - ଦୁଃଶାସନ, ଭୀମସେନ ଅନ୍ୟମାନଙ୍କର ଦୋକାନରେ ସେଲ୍ସମ୍ୟାନ ଭାବରେ କାର୍ଯ୍ୟ କରିଲେ ।

ମାତ୍ର ମଧ୍ୟମପୁଅ ସ୍ୱାଭିମାନୀ ରାମଚନ୍ଦ୍ର - ପର ପାଖରେ କାମ ନକରି ମାତ୍ର ଦଶବର୍ଷ ବୟସରେ ନିକଟସ୍ଥ ବିଲ ଓ ବାଡିକୁ ଯାଇ ନିଜେ ଘାସ କାଟିଆଣି ଲୋକଙ୍କୁ ଦେଇ ସେ ପଇସାରେ ଚଳୁଥିଲେ । ବାର ବରଷ ବୟସରେ ସେ ନିଜର ଜୀବିକା ଭାବରେ ଓଡିଶାର ଶିଳ୍ପୀକଳା - କାଠକାମକୁ ଆଦରି ନେଲେ । ତାଙ୍କର ଗୁରୁ - ନବକିଶୋର ମହାରଣାଙ୍କ ଠାରୁ

ସେ କାଠକାମ ଶିକ୍ଷାକଲେ, ନିଜର ଦୃଢ ଇଚ୍ଛାଶକ୍ତି ବଳରେ ମାତ୍ର ତିନିବର୍ଷରେ ସେ କାଠକାମକୁ ନିଜର ବୃତି ଭାବରେ ଗ୍ରହଣ କରିନେଲେ । ପନ୍ଦରରୁ କୋଡିଏ ବର୍ଷ - ଏହି ପାଂଚବର୍ଷ ଭିତରେ ସେ ସଂପୂର୍ଣ୍ଣ ଭାବରେ କାଠକାମ (ଖଟ, ପଲଙ୍କ, ସୋଫା ସେଟ୍, ଡ୍ରେସିଙ୍ଗ୍ ଟେବୁଲ୍, ଡାଇନିଙ୍ଗ୍ ଟେବୁଲ୍ ସହ ଘରର କବାଟ, ଝରକା) ଆଦିକୁ ସୁନ୍ଦର ଡାଳି ନକ୍ସା ମାଧ୍ୟମରେ କାର୍ଯ୍ୟ କରିଥିଲେ । ଭୁବନର ଜଣେ ବିଶିଷ୍ଟ କାଠଶିଳ୍ପୀ ଭାବରେ ମର୍ଯ୍ୟାଦା ପାଇଲେ । ନିଜ ଗୁରୁ - ନବକିଶୋର ମହାରଣା ତଥା ବିଶିଷ୍ଟ କାଠଶିଳ୍ପୀ ଲକ୍ଷ୍ମଣ ଗୁରୁ ମଧ୍ୟ ରାମଚନ୍ଦ୍ରଙ୍କ ଶିଳ୍ପୀ ନିପୁଣତାକୁ ଉଚ୍ଚ ପ୍ରଶଂସା କରିଥିଲେ ।

କର୍ମବୀର ଶିଳ୍ପୀ ରାମଚନ୍ଦ୍ର ଜୀବନରେ ଆଉ ପଛକୁ ଫେରିଲେ ନାହିଁ । କାଳକ୍ରମେ ସଂଚିତ ଅର୍ଥରୁ ସେ ବଡହାଟସ୍ଥ (ଚୁଳିଆପଦା) ଠାରେ - ବଡଭାଇ ଦୁଃଶାସନ ନିଜର ଦାଦା - ନାରାୟଣ ତଥା ନିଜେ ମିଶିକରି ବାର ବିଶୁଆ ଘରଡିହ ଜାଗା କିଣିଥିଲେ - କାଠି ସାହୁ ଙ୍କଠାରୁ । ସେ ସେଠାରେ ନିଜର ଶାଳଘର (ଶ୍ରୀରାମ ଫର୍ଣ୍ଣିଚର ଓ୍ୱାର୍କସପ୍) ଆରମ୍ଭ କରିଲେ

ଓଡିଶା ସରକାରଙ୍କର - ଶିଳ୍ପ ବିଭାଗରେ - ଡାଇରେକ୍ଟର ଇଣ୍ଡଷ୍ଟ୍ରିଜ୍ ଙ୍କ ପାଖରେ - ଶ୍ରୀରାମ ଫର୍ଣ୍ଣିଚର ଓ୍ୱାର୍କାସପ୍ ର ପ୍ରୋପାଇଟର ରାମଚନ୍ଦ୍ର ନାୟକ ଙ୍କ ଏକ ସ୍ଥାୟୀ କ୍ଷୁଦ୍ରଶିଳ୍ପ ସଂସ୍ଥା ଭାବରେ ରେଜିଷ୍ଟ୍ରେସନ୍ ନମ୍ବର - 150501212/PMT/SSI/ 22.03.1980ରେ ସାର୍ଟିଫିକେଟ୍ ପାଇଥିଲେ ।

ପରବର୍ତୀ ସମୟରେ - ଓଡିଶା ସରକାରଙ୍କ - ଢେଙ୍କାନାଳ ଜିଲ୍ଲା ଶିଳ୍ପ ଅଧିକାରୀଙ୍କ ପତ୍ର ସଂଖ୍ୟା - 4122/DIC/DKL/ତାରିଖ - 24.04.1981 ଅନୁଯାୟୀ ରାମଚନ୍ଦ୍ର - ଭୁବନ କାରିଗର ଟ୍ରେନିଙ୍ଗ୍ ସେଂଟରର ଇନ୍ଷ୍ଟ୍ରୋକ୍ଟର ଭାବରେ କାର୍ଯ୍ୟକରି - ନୂତନ ଯୁବ ଶିଳ୍ପୀମାନଙ୍କୁ କାଠକାମ ତାଲିମ ଦେଇ ସରକାରଙ୍କ ଠାରୁ ମାସିକ ଦରମା ତିନିମାସ ପର୍ଯ୍ୟନ୍ତ ପାଇଥିଲେ । ତାଙ୍କର ଅନେକ ଶିଳ୍ପୀ ଆଜି ସମାଜରେ ପ୍ରତିଷ୍ଠିତ ।

ଭୁବନର ଏକ ଅଗ୍ରଣୀ ସାମାଜିକ ଓ ସାଂସ୍କୃତିକ ଅନୁଷ୍ଠାନ - ଶ୍ରୀ ଅରବିନ୍ଦ ଯୋଗ ନିକେତନ - ରାମଚନ୍ଦ୍ରଙ୍କ ଶିଳ୍ପୀ ନିପୁଣତାକୁ ସମ୍ମାନପୂର୍ବକ ତାଙ୍କୁ ମାନପତ୍ର ସହ ସମ୍ବର୍ଦ୍ଧିତ କରିଥିଲେ । ତାହା ଥିଲା ୧୩/୦୧/୧୯୮୦ ମସିହା, ସେତେବେଳକୁ ଶିଳ୍ପୀ ରାମଚନ୍ଦ୍ରଙ୍କ

କାଠକାମରେ ଦୀର୍ଘ କୋଡିଏ ବରଷର ଅଭିଜ୍ଞତା ରହିଥିଲା ।

ଜୀବନ ଓ ଜୀବିକା ଗୋଟିଏ ମୁଦ୍ରାର ଦୁଇପାର୍ଶ୍ୱ ଭଳି, ସେଥିରୁ ରାମଚନ୍ଦ୍ର ବାଦ୍ ବା ପଡନ୍ତେ କିପରି । ଜନ୍ମ, ଶିକ୍ଷା, କର୍ମ ପରେ - ସେ ଭୁବନ ଅରାସାହି ନିବାସୀ ଲକ୍ଷ୍ମୀଧର ଦାସ ଓ ଶୋଲାଦେଈ ଙ୍କର କନିଷ୍ଠା କନ୍ୟା ଭାରତୀ ଦେବୀଙ୍କୁ ବୈଦିକ ରୀତିରେ ବିବାହ କରି ଚାରିଗୋଟି ପୁତ୍ର ଓ କନ୍ୟାର ଜନକ ଭାବରେ ସୁଚାରରୂପେ ପରିବାର ଚଳାଇଥାନ୍ତି ।

କାଳକ୍ରମେ ପରିବାରକୁ ଭଲ ଭାବରେ ଚଳାଇବା ପାଇଁ ସେ ସମାଜର ବିଭିନ୍ନ ବିଭାଗରେ କାମ କରିବାକୁ ନଜର ଦେଲେ । ରାଜନୀତିରେ ସେ ଯୋଗଦେଇ ସିଧାସଳଖ ଲୋକଙ୍କର ସମସ୍ୟା ସମାଧାନ କରିବା ଦିଗରେ ଆଗଭର ହେବା ସହ ସମାଜର ବିଭିନ୍ନ ଅନୁଷ୍ଠାନରେ ସମାଜସେବା ଆଦି କାର୍ଯ୍ୟରେ ନିଜକୁ ସାମିଲ କରିଲେ ।

ପର୍ଯ୍ୟାୟକ୍ରମେ ସେ ସାପ୍ତାହିକ ହାଟ - ଭୁବନ ବ୍ଲକ୍‌ର ମହୁଲପାଳ ଓ ଏକତାଳି ଗ୍ରାମପଚାଂୟତରେ ନିଜେ ହାଟ ନିଲାମ ନେଇ ଶୃଙ୍ଖଳିତ ଭାବରେ ଲୋକମାନଙ୍କର ଜୀବନ ଓ ଜୀବିକାର ବନ୍ଧନରେ ଏକ ସେତୁ ଭଳି କାର୍ଯ୍ୟ କରିଥିଲେ ।

ଶ୍ରୀରାମ ଫର୍ଣ୍ଣିଚର ୱାର୍କସପ୍‌ରେ - ନିଜେ ରାମଚନ୍ଦ୍ର ହେଡମିସ୍ତ୍ରୀ ସହିତ ଦୁଇଜଣ ଯୁବ କାଠମିସ୍ତ୍ରୀଙ୍କୁ ରଖି କାର୍ଯ୍ୟ କରୁଥିଲେ । ଆର୍ଥିକସ୍ଥିତି ସୁଦୃଢ ହେବାରୁ ନିଜ ବାପା - ବାବାଜୀଙ୍କର ସ୍ୱଳ୍ପ ଚାଷଜମି ଥିଲା, ସେ ନିଜେ କିଛି ଚାଷଜମି ନିଜସ୍ୱ କିଣିଥିଲେ ଏବଂ ବଡହାଟ ଘରଟି ନିଜର ପୈତୃକ ଘର ପୋଥାଳ ସାହି ବାସଭବନରେ ନିଜର ଅଂଶକୁ ବଡଭାଇ - ଦୁଃଶାସନଙ୍କୁ ପ୍ରଦାନ କରିବା ଦ୍ୱାରା - ବଡହାଟସ୍ଥ ଜାଗାରେ ବଡଭାଇ ଦୁଃଶାସନ ନିଜ ଜାଗାକୁ ରାମଚନ୍ଦ୍ରଙ୍କୁ ପ୍ରଦାନ କରିଥିଲେ । ନିଜର ଦାଦା ନାରାୟଣ - ତାଙ୍କ ବଡହାଟ ଜାଗାର ନିଜ ଭାଗଟିକୁ ଟଙ୍କାନେଇ - ପୁତୁରା ରାମଚନ୍ଦ୍ରଙ୍କୁ ପ୍ରଦାନ କରିଥିଲେ । କାଳକ୍ରମେ ରାମଚନ୍ଦ୍ର - ବଡହାଟ ଜାଗାଟିର ପଛପଟର ଚାରି ବିଶୁଆ ଜାଗା ନିଜେ କିଣିଲେ, ସେଠି ଷୋହଳ ବିଶୁଆ (ଏକଗୁଣ୍ଠ) ପରିମିତ ଜାଗାରେ - ପାଂଚ ବଖରା ଘରସହ (ଦୀର୍ଘ ପଚାଶ ବର୍ଷର) ଟାଇଲ ଛପର ଘରସହ ଏକ ଜଳାଶୟ (କୂପ ଖନନ) ସହ ଗାଧୁଆ ଘର, ପାଇଖାନା, ଡାଇନିଙ୍ଗ୍, ଡ୍ରଇଁ ରୁମ୍ ସହ ସପରିବାରେ ଚଳୁଛନ୍ତି ।

ସାନଭାଇ ଭାଗବତ ସେଠାରେ ରହି ବ୍ୟବସାୟ କରି ବିବାହ କରିଥିଲେ, ସେ ମଧ୍ୟ ସେଠାରୁ ଯାଇ ଭୁବନ - ଲତାବିଲରେ ନିଜସ୍ୱ ଘରକରି ରହିଛନ୍ତି ।

କର୍ମବୀର ଶିଳ୍ପୀ ରାମଚନ୍ଦ୍ର - ନିଜର ତିନିଗୋଟି ପୁଅ ସୁବାଷ, ପ୍ରକାଶ ଓ ମାନସକୁ ଚାହିଁଥିଲେ ଜଣେ କେହି ତାଙ୍କର ଉତରାଧିକାରୀ ଭାବରେ କାଠକାମ (ବଢେଇମାନଙ୍କ କୌଳିକ କୃତି) - ଆମେ ଜାତିରେ କାପୁଡିଆ, କରନ୍ତୁ - ମାତ୍ର ଦୈବୀଶକ୍ତି ନିର୍ଦ୍ଦେଶ ଥିଲା ଅଲଗା - ସୁବାଷ - ଅଧ୍ୟାପକ, ପ୍ରକାଶ - ଓକିଲ ଓ ମାନସ - ଶିକ୍ଷକ ଭାବରେ ସମାଜରେ ନିଜର ପରିଚୟ ତିଆରି କରିଲେ ।

ଶିଳ୍ପୀ ରାମଚନ୍ଦ୍ରଙ୍କର ନିହଣ ମୁନରେ - କାରିଗରୀ କାର୍ଯ୍ୟ ପଲଙ୍କ, ଖଟରେ ସୁନ୍ଦର ସୁନ୍ଦର କାଠ ଖୋଦେଇ ଫଟୋ ସହ ସୁଲଳିତ ମୟୂର ପୁଚ୍ଛଥିବା ଡ୍ରେସିଙ୍ଗ୍ ଟେବୁଲ୍, ଭୁବନ ଅଂଚଳରେ କାହିଁକି ଅବିଭକ୍ତ ଢେଙ୍କାନାଳ ଜିଲ୍ଲା ସହ ଉପକୂଳ ଓଡିଶାର କିଛି ଜିଲ୍ଲାରେ ତାଙ୍କ ହାତ ନିର୍ମିତ ଫର୍ଣ୍ଣିଚର ସେଟ୍ - ବିବାହ ଉତ୍ସବରେ ଘରେ ଘରେ ରହିଅଛି କହିଲେ ଅତ୍ୟୁକ୍ତି ହେବନାହିଁ ।

ଶିଳ୍ପୀ ରାମଚନ୍ଦ୍ରଙ୍କର - ଶିଳ୍ପକଳା ବିଭିନ୍ନ ପଦର୍ଶନୀରେ ପ୍ରଦର୍ଶିତ ହୋଇଅଛି । ଭୁବନ ସହରରେ - ରାଜ୍ୟସ୍ତରୀୟ ଅକ୍ଷୟ ତୃତୀୟାରେ ମୁଖ୍ୟ ଅତିଥି - ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଙ୍କ ଉପସ୍ଥିତିରେ ଢେଙ୍କାନାଳ ଜିଲ୍ଲା ଶିଳ୍ପକେନ୍ଦ୍ରର ପଦର୍ଶନୀରେ (କାଠ ଖୋଦେଇ ଡ୍ରେସିଙ୍ଗ୍ ଟେବୁଲ୍) ପ୍ରଦର୍ଶନ ହୋଇ ସମସ୍ତଙ୍କର ଆକର୍ଷଣ କେନ୍ଦ୍ରବିନ୍ଦୁ ସହ - ଜିଲ୍ଲା ଶିଳ୍ପକେନ୍ଦ୍ରର ପ୍ରଶଂସା ପତ୍ର ପ୍ରାପ୍ତଥିଲେ ।

ଢେଙ୍କାନାଳ ଜିଲ୍ଲା ସଂସ୍କୃତି ପରିଷଦ, ଓଡିଶା ସରକାର ଅନୁକୂଲ୍ୟରେ - ଢେଙ୍କାନାଳ ଜିଲ୍ଲା ମହୋତ୍ସବ - ୨୦୧୨ ମସିହାରେ - ଶିଳ୍ପୀ ରାମଚନ୍ଦ୍ର ମହିମା ହସ୍ତକଳା ସମ୍ମାନ ପାଇଥିଲେ । ଯାହାକି - ଢେଙ୍କାନାଳ ଜିଲ୍ଲାପାଳଙ୍କ ସ୍ୱାକ୍ଷରରେ ଏକ ମାନପତ୍ର ଥିଲା । ଓଡିଶା ହାଇକୋର୍ଟର ମାନ୍ୟବର ବିଚାରପତି - ଏହାର ସିଲେକ୍‌ସନ୍ କମିଟିର ବିଚାରକ ଥିଲେ । ତତ୍‌ସହିତ ଢେଙ୍କାନାଳ ଲୋକସଭା ସାଂସଦ, ଜିଲ୍ଲାର ମନ୍ତ୍ରୀ, ବିଧାୟକ ମାନେ ବିଚାରକ ଥିଲେ । ମହିମା ହସ୍ତକଳା ସମ୍ମାନ ଏକ ରାଜ୍ୟସ୍ତରୀୟ ପୁରସ୍କାର ଅଟେ । ଓଡିଶାର ମାନ୍ୟବର

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଙ୍କ କରକମଳରୁ ଶିଳ୍ପୀ ରାମଚନ୍ଦ୍ର ଏହି ସମ୍ମାନ ସହ ଉପଢୌକନ, ତାମ୍ରଫଳକ ଗ୍ରହଣ କରିଥିଲେ ।

ଶିଳ୍ପୀ ରାମଚନ୍ଦ୍ରଙ୍କ - କାଠ ଖୋଦେଇ "ଭାରତୀୟ ନାରୀ" - ରାଜ୍ୟ ହସ୍ତଶିଳ୍ପ ପୁରସ୍କାର ପାଇଁ ମନୋନୟନ କମିଟିରେ ଉପସ୍ଥାପିତ ହୋଇଥିଲା । ମାତ୍ର ରାଜନୈତିକ ନେତାଙ୍କ ଚାପରେ ତାହା ସିଲେକ୍‌ସନ୍ ହୋଇପାରି ନଥିଲା । ପୁରସ୍କାର ବାବଦରେ ଶିଳ୍ପୀଙ୍କୁ ମାନପତ୍ର ଓ ପଚାଶ ହଜାର ଟଙ୍କା ପ୍ରଦାନ କରାଯାଇଥାଏ । ଏହି କାଠ ଖୋଦେଇ - "ଭାରତୀୟ ନାରୀ" ବର୍ତ୍ତମାନ - ରାଜ୍ୟ ହସ୍ତଶିଳ୍ପ ଓ କଳା ପ୍ରତିଷ୍ଠାନ, ଭୁବନେଶ୍ୱରରେ ଶୋଭାବର୍ଦ୍ଧନ କରୁଛି, ଯାହାକି ନୂତନ ଶିଳ୍ପୀଙ୍କୁ ପ୍ରେରଣା ଦେଉଅଛି । ହସ୍ତ ଓ କୁଟୀର ଶିଳ୍ପ ନିର୍ଦ୍ଦେଶକ ଓଡିଶାଙ୍କ ପତ୍ର - ୧୭/ ୦୭-୦୨-୨୦୧୫ (ଥିବା ହସ୍ତଶିଳ୍ପ ପୁରସ୍କାର ସମ୍ବନ୍ଧେ) ।

ଶିଳ୍ପୀ ରାମଚନ୍ଦ୍ରଙ୍କର କାଠ ଖୋଦେଇ - ବିଜୁ ପଟ୍ଟନାୟକ (ଆଧୁନିକ ଓଡିଶାର ନିର୍ମାତା)ଙ୍କ ପ୍ରତିମୂର୍ତ୍ତି ତାଙ୍କ ସୁପୁତ୍ର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଙ୍କୁ ଅର୍ପଣ କରାଯାଇଅଛି । ଏହି ବିଜୁ ପଟ୍ଟନାୟକ ଙ୍କ କାଠ ଖୋଦେଇ ପ୍ରତିମୂର୍ତ୍ତିର କଲର ଫଟୋଗ୍ରାଫି - ଜାତୀୟ ଲଳିତ କଳା ଏକାଡେମୀ, ଭାରତ ସରକାରଙ୍କ - ୫୮ତମ ଜାତୀୟ ପ୍ରଦର୍ଶନୀରେ ସ୍ଥାନ ପାଇବାପାଇଁ - ଶିଳ୍ପୀ ରାମଚନ୍ଦ୍ରଙ୍କ ରେଜିଷ୍ଟ୍ରେସନ୍ ନମ୍ବର ଥିଲା - 1764/LK/3382/2017-18/ତାରିଖ - 15.05.2017 । ଯାହାକି ଶିଳ୍ପୀ ରାମଚନ୍ଦ୍ରଙ୍କୁ ଏକ ଜାତୀୟସ୍ତରୀୟ ଶିଳ୍ପୀର ମର୍ଯ୍ୟାଦା ପ୍ରଦାନ କରିଅଛି ।

ଶିଳ୍ପୀ ରାମଚନ୍ଦ୍ର ଥିଲେ - ଭୁବନ କାରିଗର ବହୁମୁଖୀ ଶିଳ୍ପ ସମବାୟ ସମିତି ଲିଃ (ଓଡିଶା ସରକାରଙ୍କ ଶିଳ୍ପ ଓ ସମବାୟ ବିଭାଗ ଅଧିନ ସଂସ୍ଥା)ର ଡାଇରେକ୍ଟର ଓ ପରେ ସଭାପତି ଭାବରେ କାର୍ଯ୍ୟ କରିଥିଲେ ଶିଳ୍ପୀ ମାନଙ୍କର ବିକାଶରେ ଏହି ସଂସ୍ଥା ସହାୟକ ହୋଇ ପାରୁଥିଲା । ଏହି ସଂସ୍ଥାର ସରକାରୀ ଅଫିସର ଥିଲେ - ଭୁବନ ବ୍ଲକ୍‌ର ଶିଳ୍ପ ବିକାଶ ଅଧିକାରୀ (ଆଇପିଓ) । ଏହି ସଂସ୍ଥା ଏକ ସରକାରୀ ସଂସ୍ଥା । ଆଇପିଓଙ୍କ ସରକାରୀ ପତ୍ର ସଂଖ୍ୟା - ରେଜିଷ୍ଟ୍ରେସନ୍ ନଂ - 252/11/1979/ତାରିଖ - 07.01.2003 ଅନୁଯାୟୀ ଶିଳ୍ପୀ ରାମଚନ୍ଦ୍ର - ସଂସାର ସଭାପତି ଭାବରେ ନିର୍ବାଚିତ ହୋଇ କାର୍ଯ୍ୟଭାର ଗ୍ରହଣ କରିଥିଲେ ।

ଶିଳ୍ପୀ ରାମଚନ୍ଦ୍ର ଜଣେ ବରିଷ୍ଠ କାଠଶିଳ୍ପୀ ଭାବରେ ମାନ୍ୟତାପ୍ରାପ୍ତ । ତାଙ୍କର ଅନେକ ସଚିତ୍ର (ଶିଳ୍ପୀ) ସହ ଜୀବନୀ କିମ୍ବଦନ୍ତୀ ଓଡିଶାର ବିଭିନ୍ନ ପତ୍ର, ପତ୍ରିକାରେ ପ୍ରକାଶିତ ହୋଇ ପାଠକୀୟ ଆଦୃତି ଲାଭ କରିଛି - ତନ୍ମଧ୍ୟରୁ "ପ୍ରତିଭା ନିକଟରେ ହାର ମାନିଛି ପ୍ରତିବନ୍ଧକ" ଶିଳ୍ପୀ ରାମଚନ୍ଦ୍ରଙ୍କ ଫଟୋ ସହିତ ଓଡିଆ ଖବରକାଗଜରେ ପ୍ରକାଶିତ । ଓଡିଶାର ଶତାୟୁ ଓଡିଆ ଖବରକାଗଜ - 'ସମାଜ'ର 'ସମାଜ ସାପ୍ତାହିକ' ସଂଖ୍ୟା - ୦୭-୧୩ - ସେପ୍ଟେମ୍ବର ମାସ - ୨୦୧୩ ମସିହାରେ ଶିଳ୍ପୀ ରାମଚନ୍ଦ୍ରଙ୍କ ପ୍ରତିଭା ପ୍ରକାଶିତ ହୋଇ ପାଠକୀୟ ଆଦୃତି ଲାଭ କରିଅଛି ।

ପିତୃହରା ଶିଳ୍ପୀ ରାମଚନ୍ଦ୍ରଙ୍କର କାଠଶିଳ୍ପରେ ପନ୍ଦର ବରଷରୁ - ସତୁରୀ ବରଷ (ଅବସର ଗ୍ରହଣ) - ଦୀର୍ଘ ପଂଚାବନ ବର୍ଷ, ପାଂଚବର୍ଷ ଶିକ୍ଷା ନବୀନ ଶିଳ୍ପୀକୁ ବାଦ୍‌ଦେଲେ । ପଚାଶ ବର୍ଷ ଅର୍ଦ୍ଧଶତାବ୍ଦୀର ଶିଳ୍ପୀ ମାନ୍ୟତାକୁ ଦୃଷ୍ଟିରେ ରଖି - ଭାରତ ସରକାରଙ୍କର - "ଶିଳ୍ପୀଗୁରୁ" ସମ୍ମାନପାଇଁ ଦରଖାସ୍ତକାରୀ ଥିଲେ । ମାତ୍ର ଭାରତ ସରକାରଙ୍କ - ଡେଭଲପ୍‌ମେଂଟ କମିଶନରଙ୍କ ପତ୍ର ସଂଖ୍ୟା ନଂ - 16027(6)/2010-11(NA)3228/ 05.10.2012 ଅନୁଯାୟୀ ସେ ଏହି ସମ୍ମାନରୁ ବଚିଂତ ହୋଇଥିଲେ - ରାଜ୍ୟ ହସ୍ତଶିଳ୍ପ ପୁରସ୍କାର ପାଇଁ ଏକ ରାଜନୈତିକ ଆକ୍ରୋଶର ଶିକାର ହୋଇ ।

ଶିଳ୍ପୀ ରାମଚନ୍ଦ୍ରଙ୍କର ଜୀବନରେ ଗୋଟିଏ ଅବଶୋଷ ଯେ - ଭାରତ ସରକାରଙ୍କ ସଂସ୍କୃତି ମନ୍ତ୍ରଣାଳୟରୁ - ଆର୍ଟିଷ୍ଟି ପେନ୍‌ସନ୍ ପାଇଁ ଦରଖାସ୍ତକାରୀ - ସରକାରଙ୍କ ପତ୍ର ସଂଖ୍ୟା - R. No. - 22/2/2015/ତା. - 22.05.2015 ରିଖନୁଯାୟୀ ସିଲେକ୍‌ସନ୍ ହୋଇ ଭୁବନ ତହସିଲଦାରଙ୍କ ଆୟ ପ୍ରମାଣପତ୍ର ଦୁଇଟିର ସର୍ବଶେଷ ବିବରଣୀ ପ୍ରଦାନ । ଏ କ୍ଷେତ୍ରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ - ଅତିରିକ୍ତ ପ୍ରଧାନସଚିବ ଡକ୍ଟର ପି.କେ. ମିଶ୍ରଙ୍କ ସଂସ୍କୃତି ମନ୍ତ୍ରଣାଳୟକୁ ପତ୍ର ସଂଖ୍ୟା - APS/PM/ତା. - 07.07.2014 ରିଖରେ ପ୍ରେରଣା, ମାତ୍ର ବ୍ୟକ୍ତିଗତ ରାଜନୈତିକ ଆକ୍ରୋଶ ରଖି ଜଣେ କେନ୍ଦ୍ରମନ୍ତ୍ରୀଙ୍କ ଦ୍ୱାରା ଆର୍ଟିଷ୍ଟି ପେନ୍‌ସନ୍ କରାଇନଦେବା ଏକ ଦୁଃଖଦ ଘଟଣା ବୋଲି ଶିଳ୍ପୀ ରାମଚନ୍ଦ୍ର କହୋଭରା କଣ୍ଠରେ ସ୍ୱୀକାର କରିଅଛନ୍ତି ।

ପିତୃହରା ରାମଚନ୍ଦ୍ର - କର୍ମବୀର ଶିଳ୍ପୀ ରାମଚନ୍ଦ୍ର ଭାବରେ ସମାଜରେ ପ୍ରତିଷ୍ଠିତ ହୋଇ ପାରିଅଛନ୍ତି । ସୁଖ ଓ ଦୁଃଖଭରା ଶିଳ୍ପୀ ଜୀବନ ବିତାଇଛନ୍ତି । ନିଜର ପିଲାମାନଙ୍କୁ ସମାଜରେ ପ୍ରତିଷ୍ଠିତ କରାଇ ପାରିଛନ୍ତି । କାଠକାମ ବଢେଇ ଜାତିର କୌଳିକ ବୃତି ଅଟେ । ରାମଚନ୍ଦ୍ର କାପୁଡିଆ ସମାଜର ବ୍ୟକ୍ତି, ଏହା ତାଙ୍କର କୌଳିକ ପୈତୃକ ବୃତି ନଥିଲା । ମାତ୍ର ସୃଜନଶୀଳ କଳା ଏକ ଭଗବାନଙ୍କ ପ୍ରଦତ । ସେଥିରୁ ସେ ବା ବାଦ୍ ପଡନ୍ତେ କିପରି ।

କର୍ମବୀର ଶିଳ୍ପୀ ରାମଚନ୍ଦ୍ର ନିଜର ସୃଜନଶୀଳ କଳା କାଳର କରଳା ଗର୍ଭରେ ସବୁଦିନ ପାଇଁ ସନ୍ତକ ହୋଇ ରହିଥିବ - ଏ ଜୀବନୀ ସାହିତ୍ୟ । ବଡପୁଅ ସୁବାଷ ଙ୍କ ଦ୍ୱାରା ରଚିତ "ରାମଚନ୍ଦ୍ର ନାୟକ - ଏକ ଅମ୍ଳାନ ପ୍ରତିଭା" - (ଏକ ଜୀବନୀ ସାହିତ୍ୟ) - ସାରସ୍ୱତ ସୃଷ୍ଟି ମାଧ୍ୟମରେ ।

ପିତରୀ ପ୍ରିୟତି ପନ୍ନା ପିତା ସର୍ବଦେବତା ।

ମାତ୍ର ପାଂଚବର୍ଷ ବୟସରେ ରାମଚନ୍ଦ୍ର ପିତୃହରା ହୋଇଯାଇଥିଲେ ସତ, କିନ୍ତୁ ଦୈବୀଶକ୍ତି - ତାଙ୍କ ଜୀବନରେ ନିଷ୍ଠୁର ହୋଇ ନଥିଲା । ତୁଳସୀ ଦୁଇ ପତ୍ରରୁ ବାସିବା ଭଳି - ରାମଚନ୍ଦ୍ର ନିଜ ଜୀବନର କଷଟି ପଥରରେ ଚାପିହୋଇ ଯାଇଥିଲେ ମଧ୍ୟ ଜଣେ ଆଦର୍ଶ ବାପା ଭାବରେ ନିଜର ସମସ୍ତ କର୍ତବ୍ୟ ସମ୍ପାଦନା କରିବାରେ କେବେହେଲେ ଅବହେଳା କରିପାରି ନଥିଲେ ।

ବାପା ବାବାଜୀ ଚାଲିଗଲା ପରେ - ମା' ଭୂତିଦେବୀଙ୍କ ସହ ତିନିଭାଇ - ଦୁଃଶାସନ, ଭୀମସେନ, ଭାଗବତ ଓ ଏକମାତ୍ର ଭଉଣୀ ବେଙ୍ଗୁଲି ସହିତ ଦୁଃଖଦ ଜୀବନ ବିତାଇଥିଲେ ରାମଚନ୍ଦ୍ର । ପ୍ରାକ୍ ପ୍ରାଥମିକ ପାଠପଢାରେ ଡୋରି ବାନ୍ଧି ଦେଇଥିଲେ କାଳକାଳକୁ । ଦୈବୀଶକ୍ତିର ଆଶୀର୍ବାଦରେ ଶିକ୍ଷା ନେବାରେ ଖୁବ କମ୍ ସମୟ ମଧ୍ୟରେ ରାମଚନ୍ଦ୍ର ନିଜର ମାତୃଭାଷା - ଓଡିଆକୁ ଭଲ ଭାବରେ କହିପାରିବା ସହ ଲେଖିପାରିବା ଓ ପଢି ପାରୁଥିଲେ । କିଶୋର ବୟସରୁ ନିଜର କର୍ମମୟ ଜୀବନ - (କାଠକାମ / କାଠଶିଳ୍ପୀ)କୁ ଆଦରିନେଇ ଜଣେ କାରପେଂଟର ଭାବରେ ସମାଜରେ ପରିଚିତ ପାଇଥିଲେ । ଶ୍ରୀରାମ ଫର୍ଣ୍ଣିଚର ର ପ୍ରୋପାଇଟର ଥିଲେ ।

ଜନ୍ମ, ଶିକ୍ଷା, କର୍ମ ପରେ ବିବାହ - ଏକ ଦୈବୀଶକ୍ତିର ଅଂଶବିଶେଷ, ସେଥିରୁ ରାମଚନ୍ଦ୍ର ବାଦ୍ ପଡିନଥିଲେ । ନିଜ ଜନ୍ମମାଟି ଭୁବନ ଗାଁ ନିଜସ୍ୱ ଘର (ଭୁବନ - ପୋଥାଳ ସାହି) ବିବାହ ସ୍ଥଳ - ଭୁବନ ଗାଁର ଅରାସାହି ନିବାସୀ - ଲକ୍ଷ୍ମୀଧର ଦାସ ଓ ଶୋଲାଦେଇ ଦାସଙ୍କର କନିଷ୍ଠା କନ୍ୟା - ଭାରତୀ ଦେବୀଙ୍କୁ । ଲକ୍ଷ୍ମୀଧର ଙ୍କର ଚାରିଝିଅ - ସୀତା, ଗୋଡି, ବସନ୍ତ, ଭାରତୀ ଓ ଦୁଇଗୋଟି ପୁଅ - ସତ୍ୟଘନ ଓ କୃଷ୍ଣଚନ୍ଦ୍ର । ବିନା ଯାନି, ଯୌତୁକରେ ବୈଦିକ ରୀତିରେ ବିବାହ କାର୍ଯ୍ୟ ସମାପନ ହୋଇଥିଲା । ରାମଚନ୍ଦ୍ରଙ୍କୁ ପଚିଶ ବର୍ଷ ଓ ଭାରତୀ ଦେବୀଙ୍କୁ କୋଡିଏ ବର୍ଷ ବୟସ ହୋଇଥିଲା । ସେମାନେ ନୂତନ ସଂସାର ଆରମ୍ଭ କରିଥିଲେ । ପର୍ଯ୍ୟାୟକ୍ରମେ ତିନି ତିନି ବର୍ଷ ଅନ୍ତରରେ ତାଙ୍କର ଏକ କନ୍ୟା ଓ ତିନିଗୋଟି ପୁତ୍ର ସନ୍ତାନ ଜନ୍ମଲାଭ କରିଲେ ।

କନ୍ୟା - ଜୟନ୍ତୀ, ପୁତ୍ର - ସୁବାଷ, ପ୍ରକାଶ, ମାନସ ଓ ଧର୍ମପନ୍ତୀ - ଭାରତୀ ଦେବୀଙ୍କୁ ନେଇ ଶିଳ୍ପୀ ରାମଚନ୍ଦ୍ରଙ୍କ ସଂସାର । ଦୈବୀଶକ୍ତିର ପ୍ରଭାବରେ ବାପା ଓ ମା' ଦୁହେଁ ସେମାନଙ୍କର ପିଲାମାନଙ୍କୁ ଛୋଟରୁ ବଡ କରିବାସହ - ଜନ୍ମ ପରେ, ଶିକ୍ଷା, କର୍ମ, ବିବାହ ଆଦି ପୂର୍ଣ୍ଣାଙ୍ଗ କାର୍ଯ୍ୟକରି ସମସ୍ତଙ୍କର ପରିବାରକୁ ନେଇ ସମଗ୍ର ଶ୍ରୀରାମ ପରିବାର ତାଙ୍କର ତତ୍ୱାବଧାନରେ ଅଦ୍ୟାବିଧି ଚାଲି ରହିଅଛି । ଜଣେ ସନ୍ତାନବତ୍ସଳ ବାପା ରାମଚନ୍ଦ୍ର, ନିଜେ ପିଲାଟି ଦିନରେ ପିତୃହରା ହୋଇଥିବା ଦୁଃଖ, ଯନ୍ତ୍ରଣାକୁ କଦାପି ନିଜର ପିଲାମାନଙ୍କ ଜୀବନରେ ଦେଇନଥିଲି । ଆଜିକା ଦିନରେ ପିଲାମାନଙ୍କୁ ଉପଯୁକ୍ତ ଶିକ୍ଷା, ସ୍ୱାସ୍ଥ୍ୟ, ସୁରକ୍ଷା, କର୍ମ ପ୍ରେରଣା । ଉପଯୁକ୍ତ ସଂସ୍କାର ପ୍ରଦାନ କରିବା କିଛି କମ୍ କଥାନୁହେଁ । ତତ୍‌ବାଦ ପିଲାମାନଙ୍କୁ ବିବାହ କର୍ମ ଓଡିଶାର ବିଭିନ୍ନ ସ୍ଥାନରେ ପ୍ରତିଷ୍ଠିତ ପରିବାରରେ ସମର୍ପଣ କରିବା ଯୋଗ୍ୟତା ପିଲାଙ୍କ ସହିତ କିଛି କମ୍ କଥାନୁହେଁ । ସେଥିରୁ ରାମଚନ୍ଦ୍ର ବା ବାଦ୍ ପଡନ୍ତେ କିପରି । ନାତି ଓ ନାତୁଣୀଙ୍କ ଅଜା, ଆଈ, ଜେଜେ ଓ ଜେଜେମା ଡାକରେ ସୁଖର ପରିବେଶରେ ଜୀବନଯାପନ କରିବା ଆଜିକା ଦିନରେ ଏକ ସୌଭାଗ୍ୟର କଥା କହିଲେ ଅତ୍ୟୁକ୍ତି ହେବନାହିଁ ।

**ସନ୍ତାନବତ୍ସଳ ବାପା ରାମଚନ୍ଦ୍ର -**

ନିଜର ଚାରିଗୋଟି ସନ୍ତାନ ସନ୍ତତି ମାନଙ୍କ ବିଷୟରେ ସାମ୍ୟକ ଭାବାଗତ ଆଲୋଚନା ଏହାର ମୁଖ୍ୟ ଉଦ୍ଦେଶ୍ୟ ।

**ଏକମାତ୍ର କନ୍ୟାରତ୍ନା - ଜୟନ୍ତୀ -**

ଶିଳ୍ପୀ ରାମଚନ୍ଦ୍ର ଓ ଭାରତୀ ଦେବୀଙ୍କର ବିବାହ ହୋଇଥିଲା ୦୫/୦୭/ ୧୯୭୦ ମସିହାରେ । ତାଙ୍କର ପ୍ରଥମ ସନ୍ତାନ ଜୟନ୍ତୀଙ୍କ ଜନ୍ମ ୨୩/୧୨/୧୯୭୩ ମସିହାରେ । ବାପା-ମା'ଙ୍କର ପ୍ରଥମ କନ୍ୟା ସନ୍ତାନ ତାଙ୍କୁ ସୌଭାଗ୍ୟପ୍ରାପ୍ତି ଆଣି ଦେଇଥିଲା । ରାମଚନ୍ଦ୍ରଙ୍କ ଜୀବନରେ ଯାହା ବିକାଶ ଘଟିଛି - ତାଙ୍କର କନ୍ୟା ଜୟନ୍ତୀର ଜନ୍ମପରେ ବୋଲି ସେ ସ୍ୱୀକାର କରିଥାନ୍ତି । ଜମିବାଡି ଠାରୁ ଘରଡିହ ପର୍ଯ୍ୟନ୍ତ ସବୁର ବିକାଶଧାରାରେ କନ୍ୟାରତ୍ନା - ସତେଅବା ମା' ଲକ୍ଷ୍ମୀଟିଏ ପରି ଆସିବା ସହ ପରବର୍ତୀ ସମୟରେ ରାମଚନ୍ଦ୍ରଙ୍କ ବଂଶରକ୍ଷା ପାଇଁ ଏକ ପୁତ୍ରସନ୍ତାନ ସୁବାଷର ଜନ୍ମ ସେହି ପ୍ରଥମ କନ୍ୟାରତ୍ନା ପରେପରେ ।

ଜୟନ୍ତୀ ପିଲାଟି ଦିନରୁ ବହୁତ ଗେଲ୍ଲାରେ ବଢିଥିଲେ । ବାପା-ମା' ତାଙ୍କୁ ବହୁତ ଭଲ ପାଉଥିଲେ । ବଡହାଟ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରେ - ଭୁବନ ଗାର୍ଲ୍ସ ହାଇସ୍କୁଲ ପରେପରେ ନୂଆଭୁବନ ହାଇସ୍କୁଲରୁ ମାଟ୍ରିକ୍ୟୁଲେସନ୍ ପାସ୍‌ପରେ - ଉଚ୍ଚଶିକ୍ଷା ପାଇଁ ମନ ବଳାଇଥିଲେ - କଲେଜରେ ପାଠ ପଢିବାପାଇଁ, ମାତ୍ର ଅଧିକ ପାଠ ପଢିଲେ କାପୁଡିଆ ଜାତିରେ ଭଲ ଜ୍ୱାଇଁଟିଏ ମିଳିବେ ନାହିଁ ବୋଲି ବାପା ଓ ମା'ଙ୍କ ଧାରଣା ହେବାରୁ ସେ ଆଉ ପାଠପଢି ପାରିଲେ ନାହିଁ । କାଳକ୍ରମେ ତିନିଭାଇ - ସୁବାଷ, ପ୍ରକାଶ ଓ ମାନସ ଉଚ୍ଚଶିକ୍ଷା ଲାଭ କରିବାରୁ - ଜୟନ୍ତୀର ସାନଭାଇ ସୁବାଷର ଅନୁରୋଧ କ୍ରମେ - ବାପା ଓ ମା' - ଜୟନ୍ତୀଙ୍କୁ - ଉତ୍କଳ ବିଶ୍ୱବିଦ୍ୟାଳୟର ଦୂରଶିକ୍ଷା ନିର୍ଦ୍ଦେଶାଳୟ (ଡିସିସିଇ)ରେ ତତ୍କାଳୀନ ୟୁଜିସି ନିୟମାନୁଯାୟୀ ସ୍ନାତକ (ବି.ଏ.) ଶ୍ରେଣୀରେ ନାମ ଲେଖାଇ ପାଠ ପଢିଲେ । ପରବର୍ତୀ ମୁହୂର୍ତରେ ଜୟନ୍ତୀଙ୍କ ବିବାହ ହୋଇଥିଲା - ଜୁଲାଇ ୯, ୨୦୦୩ ମସିହାରେ - କେନ୍ଦ୍ରାପଡା ଜିଲ୍ଲାର ଓଳକଣା ଗାଁରେ (ଓଡିଶାର ପ୍ରସିଦ୍ଧ ଦୋଳମେଲଣ - ଓଳକଣା) - ଓଡିଶା ସରକାରଙ୍କର ପଶୁ ସମ୍ପଦ ବିଭାଗର ଅବସରପ୍ରାପ୍ତ କର୍ମଚାରୀ - ନନ୍ଦକିଶୋର ଲେଙ୍କା ଙ୍କ ମଧ୍ୟମପୁତ୍ର - ମହେନ୍ଦ୍ର କୁମାର

ଲେଙ୍କା ଙ୍କ ସହିତ । ଚାରିଜଣ ପୁଅ ଓ ତିନିଜଣ ଝିଅ ତଥା ଧର୍ମପତ୍ନୀଙ୍କୁ ନେଇ ଲେଙ୍କା ପରିବାର । ମହେନ୍ଦ୍ର ମାଟ୍ରିକ୍ୟୁଲେସନ୍ ପର୍ଯ୍ୟନ୍ତ ପାଠ ପଢିଥିଲେ । ଜୟନ୍ତୀଙ୍କୁ ବିବାହ ପରେ - ପ୍ରଧାନମନ୍ତ୍ରୀ ରୋଜଗାର ଋଣନେଇ ଗୋଟିଏ ଛୋଟ ଗାଡି କରିଲେ ଓ ପରେପରେ ଓଡିଆ ଖବରକାଗଜ - 'ଆଗୋଇବା'ରେ କିଛିଦିନ ସାମ୍ବାଦିକ ଭାବରେ କାର୍ଯ୍ୟ କଲେ, ବର୍ତମାନ ଭାରତୀୟ ଗ୍ୟାସ୍ ବିତରକ ଙ୍କ ଏଜେଂଟ ଭାବରେ ଲୋକଙ୍କୁ ଗ୍ୟାସ୍ ଦିଅନ୍ତି ।

ଜୟନ୍ତୀ ବାପା-ମା'ଙ୍କର ଏକମାତ୍ର କନ୍ୟା ହୋଇଥିବାରୁ ବିବାହ ସମୟରେ ସମସ୍ତ ଯାନି, ଯୌତୁକ, ତାଙ୍କ ବାପା-ଜ୍ୱାଇଁଙ୍କୁ ସ୍ୱଇଛାରେ ଦେଇଥିଲେ । ପରବର୍ତୀ ସମୟରେ ଜୟନ୍ତୀ ଓ ମହେନ୍ଦ୍ର ଉଭୟଙ୍କୁ ବଡଶଳା ସୁବାଷ ସମସ୍ତ ନିଜ ଖର୍ଚ୍ଚରେ - ଇନ୍ଦିରା ଗାନ୍ଧୀ ରାଷ୍ଟ୍ରୀୟ ମୁକ୍ତ ବିଶ୍ୱବିଦ୍ୟାଳୟରୁ (ବି.ଏ.) ପାଠ ପଢାଇଥିଲେ, ମାତ୍ର ପାରିବାରିକ ଜଞ୍ଜାଳକ୍ରମେ ସେମାନେ ଅଣ୍ଡର-ଗ୍ରାଜୁଏଟ୍‌ରେ ରହିଗଲେ ।

ସାନଭାଇ - ଅଧ୍ୟାପକ ଡକ୍ଟର ସୁବାଷ ନାୟକ ଙ୍କ ପଦାଙ୍କ ଅନୁସରଣ କରି - ଜୟନ୍ତୀ - ସମାଜରେ ଜଣେ ଲେଖିକା ଭାବରେ ପରିଚିତ ହେଲେ । ତାଙ୍କର ସ୍ୱରଚିତ ଲେଖା - ଭୁବନ ଦଶହରା ବଳଦଯାତ୍ରା - ଭାରତୀୟ ସଂସ୍କୃତିର ଝଲକ, ଅମର ଶହୀଦ୍ ବାଜିରାଉତ - ଭାରତୀୟ ମୁକ୍ତି ସଂଗ୍ରାମର ଅମ୍ଳାନ ଦୀପଶିଖା, ଓଡିଶାର କଳା, ସାହିତ୍ୟ, ସଂସ୍କୃତିକୁ ଭୁବନର ଅବଦାନ, ଅନୁବାଦିକା ନନ୍ଦିନୀ ଶତପଥି ପ୍ରଭୃତି ଲେଖା ଓଡିଶାର ବିଭିନ୍ନ ପତ୍ର ଓ ପତ୍ରିକାରେ ପ୍ରକାଶିତ ହୋଇ ପାଠକୀୟ ଆଦୃତ ଲାଭ କରିଅଛି । ଜୟନ୍ତୀ ନାୟକ - ଓଡିଶା ଲେଖିକା ସଂସଦର ଆଜୀବନ ସଭ୍ୟା ଭାବରେ କାର୍ଯ୍ୟରତ । ତାଙ୍କର ସଭ୍ୟ ସଂଖ୍ୟା - ୧୨୫/୧୯/୧୧/୨୦୧୩ରୁ ସୂଚନାପ୍ରାପ୍ତ । ଢେଙ୍କାନାଳ ଜିଲ୍ଲା ସଂସ୍କୃତି ପରିଷଦର - ଢେଙ୍କାନାଳ ମହୋତ୍ସବ - ୨୦୧୫ରେ କବି ସମ୍ମିଳନୀରେ ସ୍ୱରଚିତ କବିତା ପାଠକରି ମାନପତ୍ର ପ୍ରାପ୍ତ ।

ଏତଦ୍‌ବାଦ ତାଙ୍କର ତିନିଗୋଟି ସାରସ୍ୱତ ପୁସ୍ତକ - କବି ନନ୍ଦିନୀ ଶତପଥି, ଗାଳ୍ପିକା ନନ୍ଦିନୀ ଶତପଥି ଓ ଅନୁବାଦିକା ନନ୍ଦିନୀ ଶତପଥି - ଓଡିଆ ସାହିତ୍ୟର ବିକାଶପଥରେ ଏକ ସୃଜନଶୀଳତାର ପ୍ରତିଛବି ମାନ ।

ବାପା - ରାଜନେତା ରାମଚନ୍ଦ୍ରଙ୍କ ପ୍ରେରଣା ତଥା ସ୍ୱାମୀ - ମହେନ୍ଦ୍ରଙ୍କ ସମର୍ଥନରେ ରାଜନୀତିରେ ପାଦଥାପି - ଢୋରାବିଶ୍ ବ୍ଲକ୍ - ଏଣ୍ଡର ଗ୍ରାମପଚାଂୟତର - ନୀଳକଣ୍ଠପୁର ଗ୍ରାମରେ ନିର୍ବାଚିତ ଜନପ୍ରତିନିଧି ଭାବରେ କାର୍ଯ୍ୟରତା । ପାଂଚବର୍ଷ ଲୋକମାନଙ୍କର ସୁଖଦୁଃଖର ସାଥି ହୋଇଥିଲେ ।

ତେଲଲୁଣର ସଂସାର ମଧ୍ୟରେ - ଜୟନ୍ତୀ ଓ ମହେନ୍ଦ୍ର ଙ୍କର - ପ୍ରଥମ ପୁତ୍ରସନ୍ତାନ ଜନ୍ମହେବାର କେତେଘଂଟା ପରେ ମରିଗଲା ମାତ୍ର ପରବର୍ତ୍ତୀ ମୂହୁର୍ତ୍ତରେ - ଦୁଇଗୋଟି କନ୍ୟାସନ୍ତାନ । ବଡଝିଅ - ରାଜେଶ୍ୱରୀ ଲେଙ୍କା (ଲିସା) - ନିଜ ଅଜାଘର ଭୁବନରେ ଦଶମ ଶ୍ରେଣୀର ଛାତ୍ରୀ ଓ ସାନଝିଅ - ବ୍ରଜେଶ୍ୱରୀ ଲେଙ୍କା (ଇସା) - ନିଜ ଗାଁର ଷଷ୍ଠ ଶ୍ରେଣୀର ଛାତ୍ରୀ ଏହିଭଳି ଭାବରେ ରାମଚନ୍ଦ୍ରଙ୍କ ଏକମାତ୍ର କନ୍ୟା ଜୟନ୍ତୀର ପରିବାର ।

**ବଡପୁଅ - ସୁବାଷ -**

ପିତୃହରା ଶିଳ୍ପୀ ରାମଚନ୍ଦ୍ର ନିଜର ବଡପୁଅ ସୁବାଷକୁ ସମାଜରେ ପ୍ରତିଷ୍ଠିତ କରାଇବାରେ ନିଜ ଜୀବନକୁ ବାଜି ଲଗାଇ ଥିଲେ କହିଲେ ଅତ୍ୟୁକ୍ତି ହେବନାହିଁ । ପିତୃହରା ଜନିତ ଦୁଃଖ ଓ ଯନ୍ତ୍ରଣା ସେ କଦାପି ନିଜର ପିଲାମାନଙ୍କର ଉପରେ ପକାଇନଥିଲେ ।

୧୪ ଏପ୍ରିଲ୍, ୧୯୭୭ ମସିହାରେ - ବାପା - ରାମଚନ୍ଦ୍ରଙ୍କ ଔରଶ ତଥା ମା' ଭାରତୀ ଦେବୀଙ୍କ ଗର୍ଭରୁ ଜନ୍ମଲାଭ କରିଥିବା ସେହି ଛୋଟ ପିଲାଟି - ସୁବାଷ । ବାପା-ମା'ଙ୍କ ସ୍ନେହ, ଶ୍ରଦ୍ଧା ତଥା ବଡନାନୀ ଜୟନ୍ତୀର ହାତଧରି ଚାଲିଥିବା - ସୁବାଷ - ଚାରି ଓ ପାଂଚ - ଏହି ଦୁଇବର୍ଷ - ଭୁବନ ସହରର - ବାସୁଦେବ ବେହେରା (ବୁଲା)ଙ୍କ ଚାଟଶାଳୀରେ ପାଠପଢି - ଭୁବନର ବଡହାଟ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପ୍ରଥମ ଶ୍ରେଣୀରୁ ସପ୍ତମ ଶ୍ରେଣୀ ପର୍ଯ୍ୟନ୍ତ ପାଠ ପଢିଥିଲା । ପରେ ଭୁବନ ହାଇସ୍କୁଲରୁ ୧୯୯୩ ମସିହାରେ ମାଟ୍ରିକ୍ୟୁଲେସନ୍ ପାସ୍ କରିଲେ ।

ବାପା ରାମଚନ୍ଦ୍ରଙ୍କ ସ୍ୱପ୍ନକୁ ସାକାର କରିବାପାଇଁ ଭୁବନସ୍ଥ - ବାଜିରାଉତ ମେମୋରିଆଲ କଲେଜରୁ +୨ ଓ +୩ (ବି.ଏ.) - ପ୍ରଥମ ଶ୍ରେଣୀରେ ଉତୀର୍ଣ୍ଣ ହୋଇ

ଉଚ୍ଚଶିକ୍ଷା ପାଇଁ ଉତ୍କଳ ବିଶ୍ୱବିଦ୍ୟାଳୟରୁ - ଘରୋଇ ଭାବରେ ସ୍ନାତକୋତର (ଏମ୍.ଏ.) ଓଡିଆ ଭାଷା ଓ ସାହିତ୍ୟରେ ପାସ୍ କରିଲେ ।

ବାପା ରାମଚନ୍ଦ୍ରଙ୍କର ସହିତ ରାଜନୀତିରେ ସକ୍ରିୟ ରହିବାସହ ସାହିତ୍ୟ ରଚନାରେ ନିଜକୁ ନିୟୋଜନ କରି - ସମ୍ବଲପୁର ବିଶ୍ୱବିଦ୍ୟାଳୟରେ ପିଏଚ୍.ଡି. ଉପାଧି (ନନ୍ଦିନୀ ଶତପଥି)ଙ୍କ ସାରସ୍ୱତ କୃତି ଉପରେ ପରେପରେ - ସାହିତ୍ୟ ରଚନା ତଥା ଗବେଷଣ ସର୍ବୋପରି ଅଧ୍ୟାପକ ଜୀବନୀ ।

ସମ୍ପ୍ରତି ଓଡିଶାର ଅଗ୍ରଣୀ ଶିକ୍ଷାନୁଷ୍ଠାନ - କଟକ ଟାଙ୍ଗୀସ୍ଥ - ଟେଟ୍ରାହେଡ୍ରନ ଗ୍ରୁପ୍‌ର ତ୍ରିଦେବ ଡିଗ୍ରୀ କଲେଜର ଭାଇସ୍ ପ୍ରିନିସ୍‌ପାଲ୍ ତଥା ଆସିଷ୍ଟାଂଟ ପ୍ରଫେସର ଭାବରେ କାର୍ଯ୍ୟରତ ସହ, ଗବେଷକ ଓ ସାହିତ୍ୟିକ ଭାବରେ କାର୍ଯ୍ୟରତ ।

ଜଣେ ସାହିତ୍ୟିକ ଭାବରେ - ଓଡିଆ ସାହିତ୍ୟର ଜଣେ ସେବକ । ବାରଗୋଟି ସାହିତ୍ୟ ପୁସ୍ତକର ସ୍ରଷ୍ଟା -

୧. ବିଜୁ ଜନତା ଦଳ - ଓଡିଶା ଜନମାନସର ସେବକ
(ଏକ ରାଜନୈତିକ ସମୀକ୍ଷା ସାହିତ୍ୟ)

୨. ପ୍ରିୟା - (ଏକ କାବ୍ୟ ସାହିତ୍ୟ)

୩. ସାରସ୍ୱତସାଧିକା ନନ୍ଦିନୀ ଶତପଥି
(ଏକ ଗବେଷଣାତ୍ମକ ନିବନ୍ଧ ସାହିତ୍ୟ)

୪. ଏକ ଯାତ୍ରା - ନରେନ୍ଦ୍ର ମୋଦିଙ୍କ କାବ୍ୟମାନସ
(ଶାସ୍ତ୍ରୀୟ ଓଡିଆ ଭାଷା ଅନୁବାଦ ସାହିତ୍ୟ)

୫. ଭାରତୀୟ ସାହିତ୍ୟର କାବ୍ୟପୁରୁଷ -
ନରେନ୍ଦ୍ର ମୋଦି ଓ କାଳିନ୍ଦୀଚରଣ ପାଣିଗ୍ରାହୀ
(ଏକ ଆଲୋଚନାତ୍ମକ ପ୍ରବନ୍ଧ ସାହିତ୍ୟ)

୬. ପଥହରା ପଥିକ - (ଏକ ଗଳ୍ପ ସାହିତ୍ୟ)

୭. ସୃଜନପ୍ରଭା - ଓଡିଆ ସାହିତ୍ୟ ର ସୃଷ୍ଟି ଓ ସ୍ରଷ୍ଟା
(ଏକ ସୃଜନଶୀଳ ସମାଲୋଚନା ସାହିତ୍ୟ)

୮. ରାମଚନ୍ଦ୍ର ନାୟକ - ଏକ ଅମ୍ଳାନ ପ୍ରତିଭା
(ଏକ ଜୀବନୀ ସାହିତ୍ୟ)

୯. ଭାରତୀଦେବୀ - (ଏକ ନାରୀ କେନ୍ଦ୍ରିକ ଉପନ୍ୟାସ ସାହିତ୍ୟ)

୧୦. ଅସ୍ତମିତ ସୂର୍ଯ୍ୟ - ବାବାଜୀ
(ଏକ ସାମାଜିକ ରଚିତ ନାଟ୍ୟ ସାହିତ୍ୟ)

୧୧. ନରେନ୍ଦ୍ର ମୋଦିଙ୍କ କାବ୍ୟମାନସ - "ଏକ ଯାତ୍ରା"
ଭାରତୀୟ ସାହିତ୍ୟରେ ପ୍ରତିଫଳନ
(ଏକ ଗବେଷଣାତ୍ମକ ସନ୍ଦର୍ଭ କାବ୍ୟ ସାହିତ୍ୟ)

୧୨. ନରେନ୍ଦ୍ର ମୋଦିଙ୍କ କାବ୍ୟମାନସ - "ଏକ ଯାତ୍ରା"
ବିଶ୍ୱସାହିତ୍ୟରେ ପ୍ରତିଫଳନ
(ଏକ ଉଚ୍ଚତର ଗବେଷଣାତ୍ମକ ସନ୍ଦର୍ଭ କାବ୍ୟ ସାହିତ୍ୟ)

ଏତଦ୍‌ବାଦ ସୁବାଷ ଜଣେ ଗବେଷକ ଭାବରେ ତେରଗୋଟି ଗବେଷଣା ପତ୍ର ବିଭିନ୍ନ ଜାତୀୟ ଓ ଆନ୍ତର୍ଜାତୀୟ ପତ୍ରପତ୍ରିକାରେ ପ୍ରକାଶିତ ହୋଇ ପାଠକୀୟ ଆଦୃତି ଲାଭ କରିଅଛି । "ଓଡିଆ ସାହିତ୍ୟକୁ ନନ୍ଦିନୀ ଶତପଥୀଙ୍କ ଅବଦାନ" ପ୍ରସଙ୍ଗରେ ଗବେଷଣା କରି ସମ୍ବଲପୁର ବିଶ୍ୱବିଦ୍ୟାଳୟରୁ ପିଏଚ୍.ଡି. ଉପାଧିପ୍ରାପ୍ତ । ଉଚ୍ଚତର ଗବେଷଣା ପୋଷ୍ଟ ଡକ୍ଟରାଲ - ଡକ୍ଟର ଅଫ୍ ଲିଟେରଚର (ଡି.ଲିଟ୍.) - ଓଡିଆ ସାହିତ୍ୟର କବି କାଳିନ୍ଦୀଚରଣ ପାଣିଗ୍ରାହୀ ଓ ଗୁଜୁରାଟୀ ସାହିତ୍ୟର କବି ନରେନ୍ଦ୍ର ମୋଦିଙ୍କ କାବ୍ୟଜଗତ - ଏକ ଅଧ୍ୟୟନ ଉପରେ - ଉତ୍କଳ ବିଶ୍ୱବିଦ୍ୟାଳୟରୁ ଡି.ଲିଟ୍. ଦରଖାସ୍ତକାରୀ ତଥା ସ୍ୱ ଗବେଷକ ଗାଇଡି ପାଇଁ ପ୍ରସ୍ତୁତରତ ।

ସୁବାଷ ୩୯ତମ ବିଶ୍ୱକବି ସମ୍ମିଳନୀ (କିଟ୍ ବିଶ୍ୱବିଦ୍ୟାଳୟ) ତଥା ଜାତୀୟ ବିଶ୍ୱବିଦ୍ୟାଳୟ ଓ କଲେଜ ଶିକ୍ଷକ ସଂଘ ସମ୍ମିଳନୀରେ ଯୋଗଦାନ ଗୌରବର କଥା ।

ଐତିହାସିକ କଟକ ସହରର ଚାଉଳିଆଗଞ୍ଜ ନିବାସୀ ସଂସ୍କୃତିପ୍ରେମୀ / ଟେଲର ମାଷ୍ଟର - ସୁରେନ୍ଦ୍ର ସାହୁ ଓ ସୁଭଦ୍ରା ସାହୁଙ୍କ ମଧ୍ୟମାକନ୍ୟା ତୁଳସୀ ସାହୁଙ୍କୁ ୧୨ ଜୁନ୍, ୨୦୧୫ ମସିହାରେ ବୈଦିକ ରୀତିରେ ବିବାହ (ତୁଳସୀଙ୍କ ଏକମାତ୍ର ଭାଇ ଓ ତିନିଜଣ ଭଉଣୀ ଅଛନ୍ତି) । ବିବାହ ପରେ ତୁଳସୀ (ଟିକି) - ଉତ୍କଳ ବିଶ୍ୱବିଦ୍ୟାଳୟରୁ - ଘରୋଇ ଭାବରେ - ଇଂରାଜୀ ଭାଷା ଓ ସାହିତ୍ୟରେ (ଏମ୍.ଏ.) ପାସ୍‌କରି ଶିକ୍ଷକତା ବୃତି ପ୍ରତି ଆକୃଷ୍ଟ । ଏକମାତ୍ର କନ୍ୟା - ତେଜସ୍ୱିନୀ ନାୟକ (ଲକି) କୁ ନେଇ ତାଙ୍କ ସଂସାର ।

ବଡପୁଅ ସୁବାଷ ସଦାସର୍ବଦା - ବାପା ରାମଚନ୍ଦ୍ର ଙ୍କ ପାଖରେ ସମର୍ପିତ ଅଟନ୍ତି । ସୁବାଷ ଅନେକ ସାରସ୍ୱତ ଅନୁଷ୍ଠାନରୁ ସମ୍ବର୍ଦ୍ଧିତ ହୋଇଅଛନ୍ତି ।

**ମଧ୍ୟମପୁତ୍ର - ପ୍ରକାଶ -**

ପିତୃହରା ରାମଚନ୍ଦ୍ରଙ୍କର ମଧ୍ୟମପୁତ୍ର - ପ୍ରକାଶ ଜନ୍ମ - ୩୦/୧୨/ ୧୯୮୦ । ପିଲାଟି ବେଲୁ ଭାରି କର୍ମଠ ଥିଲା । ବାପାଙ୍କୁ ତାଙ୍କର ଶ୍ରୀରାମ ଫର୍ଣ୍ଣିଚରରେ ସାହାଯ୍ୟ କରୁଥିଲା । ବଡହାଟ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରୁ ସପ୍ତମ ଶ୍ରେଣୀ ପାସ୍‌ପରେ ତତ୍‌କାଳୀନ ନୂତନ ବଡହାଟ ହାଇସ୍କୁଲରେ ପାଠପଢି ଅନ୍ୟ ହାଇସ୍କୁଲରେ ମାଟ୍ରିକ୍ ପରୀକ୍ଷା ଦେଇ ପ୍ରଥମ ଶ୍ରେଣୀରେ ପାସ୍‌ପରେ, ଟେକ୍‌ନୋଲୋଜିକୁ ଆଧାରକରି ବାଜିରାଉତ ମେମୋରିଆଲ କଲେଜରେ +୨ ବିଜ୍ଞାନ ଶ୍ରେଣୀରେ ଅଧ୍ୟୟନ କରିଲା, ମାତ୍ର ସେଠାରେ ଅକୃତ କାର୍ଯ୍ୟ ହେବାରୁ ବଡଭାଇ ସୁବାଷର ପରାମର୍ଶ କ୍ରମେ ଉଚ୍ଚଶିକ୍ଷା ପାଇଁ ତତ୍‌କାଳୀନ ୟୁଜିସି ଗାଇଡି ଲାଇନ୍ ଅନୁଯାୟୀ - ଉତ୍କଳ ବିଶ୍ୱବିଦ୍ୟାଳୟର ଦୂରଶିକ୍ଷା ନିର୍ଦ୍ଦେଶାଳୟ (ଡିଡିସିଇ)ରୁ ବି.ଏ. ପାସ୍ କରିଲା - ବଅଁରପାଳ କଲେଜ (ଅନୁଗୁଳ) - ପରୀକ୍ଷା ସେଂଟର ଥିଲା ।

ପରବର୍ତ୍ତୀ ସମୟରେ ବାପା ପ୍ରଦାନ କରିଥିବା କୋଡିଏ ହଜାର ଟଙ୍କା ଦେଇଥିଲା - ନୂଆଦିଲ୍ଲୀ ଗସ୍ତ ସମୟରେ ପ୍ରକାଶ ଭିଡିଓ ସୁଟିଙ୍ଗ୍ କ୍ୟାମେରା ଆଣି ନିଜ ଗୋଡରେ ଠିଆ ହୋଇପାରିଲା । ପରବର୍ତ୍ତୀ ସମୟରେ ତା'ର ୟୁନିଟ୍ (ଶ୍ରୀରାମ ଭିଜନ)କୁ ବୃଦ୍ଧିକରି - ଭୁବନ ସହରରେ ଏକ ମର୍ଯ୍ୟାଦା ସମ୍ପୂର୍ଣ୍ଣ - ଭିଡିଓ ସୁଟିଙ୍ଗ୍ ଓ ଏଡିଟିଙ୍ଗ୍ ସହ - ଡୁନ୍

କ୍ୟାମେରା, ଅତ୍ୟାଧୁନିକ ଆଲବମ୍ ସହ ବିବାହ ଆଦିର କ୍ୟାସେଟ୍ ଏଡିଟିଙ୍ଗ୍‌ର ହାଇ ପାୱାର ମେସିନ୍ ରଖି - ଭୁବନ ଅଂଚଳ ନୁହେଁ ଆଖପାଖ - ଢେଙ୍କାନାଳ, ଅନୁଗୁଳ ଓ ଯାଜପୁର ଜିଲ୍ଲାରେ ପ୍ରବାହ ବିସ୍ତାର କରିପାରିଛି ।

ସାନଭାଇ ପ୍ରକାଶର ବ୍ୟକ୍ତିତ୍ୱର ବିକାଶ ପାଇଁ ବଡଭାଇ ସୁବାଷ, ବାପା ରାମଚନ୍ଦ୍ରଙ୍କ ସହିତ କଥାହୋଇ ତାକୁ ଆଧୁନିକ ଇଲେକ୍ଟ୍ରୋନିକ୍ସ ମିଡିଆର ସାମ୍ବାଦିକ କରିବାପାଇଁ - ଇନ୍ଦିରା ଗାନ୍ଧୀ ରାଷ୍ଟ୍ରୀୟ ମୁକ୍ତ ବିଶ୍ୱବିଦ୍ୟାଳୟ, ଇଗ୍ନୁନ୍‌ରେ ସାମ୍ବାଦିକତା ପାଠ୍ୟକ୍ରମରେ ନାମ ଲେଖାଇଥିଲେ, ମାତ୍ର ସେ ସେଠାରେ ମଧ ସେ ଅକୃତ କାର୍ଯ୍ୟ ହେଲା - ବିଧିର ବିଧାନ କେ କରିବ ଆନ - ପୁନଶ୍ଚ ଆଇନ ପାଠ୍ୟକ୍ରମରେ - ଢେଙ୍କାନାଳ ଆଇନ କଲେଜରେ ନାମ ଲେଖାଗଲା, ସଫଳତାର ସହିତ ପ୍ରକାଶ ସେଠାରୁ ଏଲ୍.ଏଲ୍.ବି. ପାସ୍ କରିଲା, ପରେପରେ ବାପାଙ୍କ ପରାମର୍ଶ କ୍ରମେ ବଡଭାଇ ସୁବାଷ, ପ୍ରକାଶକୁ ନେଇ ଓଡିଶା ରାଜ୍ୟ ବାର୍ କାଉନ୍‌ସିଲ୍ କଟକରେ ଓକିଲ ଭାବରେ ନାମ ରେଜିଷ୍ଟ୍ରେସନ୍ କରିଲା । ରେଜିଷ୍ଟ୍ରେସନ୍ ନମ୍ବର - ୧୪୪୨/ ୨୦୧୦/ତାରିଖ - ୧୯/୧୨/୨୦୧୦ ରିଖନୁଯାୟୀ ସମାଜରେ ଆଡଭୋକେଟ୍ ଭାବରେ ପରିଚିତ ହେଲା । ପରେପରେ ଭୁବନର ଜୁଡିସିଆଲ୍ ମ୍ୟାଜିଷ୍ଟ୍ରେଟ୍ ପାଷ୍ଟ କ୍ଲାସ୍ (ଜେଏମ୍ଏଫ୍‌ସି) କୋର୍ଟରେ ଅଦ୍ୟାବଧି ଓକିଲାତି କରୁଅଛି ।

ସମୟର ଚକ୍ରରେ ବଡଭାଇ ବାହାଘର ପରେ ପ୍ରକାଶର ବାହାଘର - ୧୩ ଡିସେମ୍ବର, ୨୦୧୫ରେ ବିବାହ ହେଲା - ବାଲେଶ୍ୱର ଟାଉନ୍‌ର ମୋତିଗଞ୍ଜ ନିବାସୀ - ଓଡିଶା ସରକାରଙ୍କ ଉଚ୍ଚଶିକ୍ଷା ବିଭାଗ ଅଧିନସ୍ଥ - ଫକୀରମୋହନ କଲେଜ, ବାଲେଶ୍ୱର ର କ୍ରୀଡା ବିଭାଗର ଅବସରପ୍ରାପ୍ତ ଉପନିର୍ଦ୍ଦେଶକ ହରି ନାରାୟଣ ଟାଲ୍‌ଡିଙ୍କର କନିଷ୍ଠା କନ୍ୟା - ସୁପ୍ରଭାଙ୍କ ସହିତ ବିନା ଯାନି, ଯୌତୁକରେ ବୈଦିକ ରୀତିରେ ବିବାହ କର୍ମ, ତିନି ଭଉଣୀ ଓ ଗୋଟିଏ ଭାଇରେ ଧର୍ମପତ୍ନୀଙ୍କୁ ନେଇ ଟାଲ୍‌ଡିଙ୍କ ପରିବାର । କାଳକ୍ରମେ ପ୍ରକାଶ ଓ ସୁପ୍ରଭା (ନିନି)ଙ୍କର ଏକ ପୁତ୍ରସନ୍ତାନ ଅଂଶୁମାନ (ରାଜା) ଜନ୍ମଲାଭ କରିଲା । ସେମାନଙ୍କର ସୁଖର ସଂସାର ଚାଲି ରହିଅଛି ।

ମଧ୍ୟମପୁତ୍ର - ପ୍ରକାଶ ଶ୍ରୀରାମ ପରିବାର ପାଇଁ ଗୋଟିଏ ଆସେଟ୍ (ସବୁ କାର୍ଯ୍ୟରେ

ପାରଙ୍ଗମ) କହିଲେ ଭୁଲ୍ ହେବନାହିଁ । ପ୍ରକାଶର ଧର୍ମପତ୍ନୀ - ସୁପ୍ରଭା - (ବିଏ, ବି.ଇଡି.) - ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷୟିତ୍ରୀ ଭାବରେ କାର୍ଯ୍ୟରତା ।

**ସାନପୁଅ - ମାନସ -**

ଶିଳ୍ପୀ ରାମଚନ୍ଦ୍ର ଓ ପତ୍ନୀ ଭାରତୀ ଦେବୀଙ୍କର କନିଷ୍ଠପୁତ୍ର ମାନସ, ଜନ୍ମ - ୦୮/୦୬/୧୯୮୩ । ଦୁଇଭାଇ ଓ ଜଣେ ନାନୀଙ୍କ ଗ୍ରହଣରେ ସେ ପିଲାଟି ଦିନରୁ ହସଖୁସିରେ ବଢିଅଛି । ସମସ୍ତଙ୍କ ଠାରୁ ସାନ ହୋଇଥିବାରୁ ତାକୁ ସମସ୍ତେ ଭଲ ପାଉଥିଲେ । ବଡହାଟ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରୁ ସପ୍ତମ ଶ୍ରେଣୀ ପାସ୍‌ପରେ - ଭୁବନ ହାଇସ୍କୁଲରୁ ମାଟ୍ରିକ୍ୟୁଲେସନ୍ ପାସ୍‌କରି - ଭୁବନସ୍ଥ - ବାଜିରାଉତ ମେମୋରିଆଲ କଲେଜରୁ +୨ (କଳା) ପ୍ରଥମ ଶ୍ରେଣୀରେ ଉତୀର୍ଣ୍ଣ ପରେ +୩ (କଳା) - ବି.ଏ.ରେ ଏଜୁକେସନ୍ (ଅନର୍ସ) ନେଇ ପ୍ରଥମ ଶ୍ରେଣୀରେ ପାସ୍ କରିଲା । ବାପା ରାମଚନ୍ଦ୍ରଙ୍କ ପରାମର୍ଶ କ୍ରମେ ବଡଭାଇ ସୁବାଷର ପ୍ରେରଣା କ୍ରମେ ଶିକ୍ଷକ ବୃତିକୁ ଆଦରିନେଇ ଘରୋଇ ସ୍କୁଲରେ ଶିକ୍ଷକତା କଲା ।

ମାନସ ଥିଲା ଜଣେ ନେତୃତ୍ୱବାଦୀ ପିଲା । ସେ ବାଜିରାଉତ କଲେଜର ରୌପ୍ୟ ଜୟନ୍ତୀ ବର୍ଷ (୨୦୦୨)ରେ ଛାତ୍ର ସଂସଦର ସଭାପତି ଭାବରେ ପ୍ରତିଦ୍ୱନ୍ଦିତା କରି ମାତ୍ର ତିନିଖଣ୍ଡ ଭୋଟରେ ହାରିଯାଇଥିଲା । ପରବର୍ତୀ ସମୟରେ ତା'ର ନେତୃତ୍ୱ ଓ ସହଯୋଗରେ ଭୁବନର ଏକ ଅଗ୍ରଣୀ ଶିକ୍ଷା କୋଚିଂ ସେଂଟର ଆଶୀର୍ବାଦ କୋଚିଂ ସେଂଟର ର ସେ ପ୍ରମୁଖ ଶିକ୍ଷକ ଥିଲା ।

ବଡଭାଇ ସୁବାଷର ପ୍ରେରଣାରେ ସେ ଉତ୍କଳ ବିଶ୍ୱବିଦ୍ୟାଳୟରୁ ଘରୋଇ ଭାବରେ - ଇଂରାଜୀ ସାହିତ୍ୟରେ ସଫଳତାର ସହିତ (ଏମ୍.ଏ.) ପାସ୍‌କରି ଭୁବନରେ ଜଣେ ଅଗ୍ରଣୀ ଇଂରାଜୀ ଶିକ୍ଷକ ଭାବରେ ମର୍ଯ୍ୟାଦା ପାଇଲା ।

ପରବର୍ତୀ ସମୟରେ ଶିକ୍ଷକତା ବୃତିକୁ ମର୍ଯ୍ୟାଦା ଦେଇ - ଇନ୍ଦିରା ଗାନ୍ଧୀ ରାଷ୍ଟ୍ରୀୟ ମୁକ୍ତ ବିଶ୍ୱବିଦ୍ୟାଳୟ (ଇଗ୍ନୁ)ରୁ ବ୍ୟାଚଲର ଅଫ୍ ଏଜୁକେସନ୍ (ବି.ଇଡି.) ପରୀକ୍ଷାରେ ପ୍ରଥମ ଶ୍ରେଣୀରେ ଉତୀର୍ଣ୍ଣ ହେଲା ।

କାଳକ୍ରମେ ମାନସ - ଓଡିଶା ସରକାରଙ୍କର ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଅଧିନରେ ସରକାରୀ ଉଚ୍ଚ ପ୍ରାଥମିକ (ନୋଡାଲ) ବିଦ୍ୟାଳୟରେ ସରକାରୀ ଶିକ୍ଷକ ଭାବରେ କାର୍ଯ୍ୟରତ

ବାପା ରାମଚନ୍ଦ୍ରଙ୍କର ସ୍ୱପ୍ନ ମାନସ କିପରି ଜଣେ ଉଚ୍ଚ ଶିକ୍ଷିତ ହେଉ ସେହି ସ୍ୱପ୍ନକୁ ମାନସ ସାକାର କରିଥିଲା, ବଡଭାଇ ସୁବାଷର ସହଯୋଗ କ୍ରମେ । ଇଂରାଜୀ ସାହିତ୍ୟରେ ଗବେଷଣା କରିବାପାଇଁ - ବାରିପଦା ସ୍ଥିତ - ଉତର ଓଡିଶା ବିଶ୍ୱବିଦ୍ୟାଳୟରେ ପ୍ରଫେସର ଡକ୍ଟର କାର୍ତିକ ଚନ୍ଦ୍ର ମିଶ୍ରଙ୍କ ତତ୍ୱାବଧାନରେ ପିଏଚ୍.ଡି. ରେଜିଷ୍ଟ୍ରେସନ୍ କରିଲା - ଗବେଷଣାର ବିଷୟବସ୍ତୁ - ଓଡିଶାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଙ୍କ ଲେଖକୀୟ କୃତି (ନବୀନଙ୍କ ତିନିଗୋଟି ପୁସ୍ତକ କୁ) ଆଧାରକରି ଗବେଷଣା । ପରିଶେଷରେ ବିଶ୍ୱବିଦ୍ୟାଳୟର କଂଟ୍ରୋଲରଙ୍କ ସ୍ୱାକ୍ଷରରେ ନୋଟିଫିକେସନ୍ ସଂଖ୍ୟା - 198/Now/Ph.D/21.01.2020 ରିଖରେ ପିଏଚ୍.ଡି. ଆୱ୍ୱାଡ ହୋଇ ଡକ୍ଟର ମାନସ ନାୟକର ମର୍ଯ୍ୟାଦା ପାଇଲା । ଏହି ନୋଟିଫିକେସନ୍ ପରବର୍ତୀ ମୂହୁର୍ତରେ - ଓଡିଶା ଗେଜେଟ୍ ସଂଖ୍ୟା - 379/27.02.2020ରେ ପ୍ରକାଶିତ ହୋଇଥିଲା ଓ ଦୈନିକ ଓଡିଆ ଖବରକାଗଜ - ସମାଜରେ ପ୍ରକାଶିତ ହୋଇଥିଲା ।

ପରବର୍ତୀ ସମୟରେ ମାନସର ବିବାହ କାର୍ଯ୍ୟ ହୋଇଥିଲା - ଢେଙ୍କାନାଳ ଜିଲ୍ଲାର ରାସୋଳ ଗାଁରେ ଓଡିଶା ସରକାରଙ୍କ ପଶୁ ସମ୍ପଦ ବିଭାଗର ଅବସରପ୍ରାପ୍ତ ପଶୁଧନ ନିରୀକ୍ଷକ ପୁରୁଷୋତମ ସାହୁଙ୍କର ଚାରିଗୋଟି କନ୍ୟା ମଧ୍ୟରେ କନିଷ୍ଠାକନ୍ୟା - ଶିବାନୀ ସହିତ ବିନା ଯୌତୁକରେ ବୈଦିକ ରୀତିରେ ବିବାହ ସମ୍ପୂର୍ଣ୍ଣ ହୋଇଥିଲା । ଶିବାନୀ ଥିଲେ +୩ ବିଜ୍ଞାନ (ବି.ଏସ୍‌ସି) - ଡିଆଇଟି (ସିଟି) ଟ୍ରେନିଙ୍ଗ୍‌ପ୍ରାପ୍ତ - ଶିକ୍ଷୟତ୍ରୀ ଭାବରେ କାର୍ଯ୍ୟ ତାଙ୍କ ଲକ୍ଷ୍ୟ । ମାନସ ଓ ଶିବାନୀଙ୍କର ଏକମାତ୍ର ପୁତ୍ର ଜ୍ୟୋତିଆଦିତ୍ୟ (ଆଦି)କୁ ନେଇ ତାଙ୍କର ସଂସାର ।

ମାନସ ଜଣେ ଶିକ୍ଷକ ସହ ଥିଲେ - ଗବେଷକ, ଅନେକ ଗବେଷଣା ପତ୍ର ତାଙ୍କର ଜାତୀୟ ତଥା ଆନ୍ତର୍ଜାତୀୟ ପତ୍ର, ପତ୍ରିକାରେ ପ୍ରକାଶିତ ହୋଇ ପାଠକୀୟ ଆଦୃତି ଲାଭ କରିଅଛି । ସେ ଏକାଧାରାରେ ଥିଲେ ଜଣେ ଲେଖକ "ଗୀତା ମେହେଟ୍ଟା - ଆନ୍ତର୍ଜାତୀୟ ଲେଖିକା" ତାଙ୍କ ପୁସ୍ତକ, ଏହି ପୁସ୍ତକଟି - ଜାତୀୟ ଲେଖକ ସମ୍ମିଳନୀ (କାଦମ୍ବିନୀ ପତ୍ରିକା)ରେ

- ଜାନୁୟାରୀ ୨୦୧୪ ମସିହାରେ ମୁଖ୍ୟ ଅତିଥି - ଆସାମର ମହାମହିମ ରାଜ୍ୟପାଳ ଜାନକୀ ବଲ୍ଲଭ ପଟ୍ଟନାୟକ ଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା ।

ଜଣେ ଛାତ୍ର ନେତାରୁ ରାଜନେତା ବନିବାପାଇଁ ମାନସର ଉଦ୍ୟମ ଥିଲା । ବାପା ରାମଚନ୍ଦ୍ରଙ୍କ ରାଜନୈତିକ ଉତରାଧିକାରୀ ଭାବରେ (୨୦୧୪ ବିଧାନସଭା ନିର୍ବାଚନରେ ବାପା ରାମଚନ୍ଦ୍ର ଥିଲେ - ବିଜୁ ଜନତା ଦଳ (ବିଜେଡି)ର କାମାକ୍ଷାନଗର ପାଇଁ ଆଶାୟୀ ବିଧାୟକ ପ୍ରାର୍ଥୀ - ବିଜୁଙ୍କୁ ଭାରତରତ୍ନ ପାଇଁ - ଓଡିଶାର ପ୍ରଥମ ସରକାରୀ ସ୍ତରୀୟ ଦାବିଦାର - (ରାଜ୍ୟପାଳଙ୍କ ସୁପାରିଶ ପତ୍ର ପ୍ରଧାନମନ୍ତ୍ରୀଙ୍କୁ) ପାଇଁ ତିରିଶ ବର୍ଷର ବରିଷ୍ଠତମ ରାଜନେତା, ଏମ୍.ପି. ନୋମିନୀ ଥିଲା ତାଙ୍କର ପରିଚୟ) - ୨୦୧୯ କାମାକ୍ଷାନଗର ର ବିଧାନସଭାର ବିଜେଡି ବିଧାୟକ ଆଶାୟୀ ପ୍ରାର୍ଥୀ ଥିଲେ ମାନସ, ତାଙ୍କର ପ୍ରମୁଖ କାର୍ଯ୍ୟଥିଲା - ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଙ୍କ ଲେଖକୀୟ କୃତିର ଗବେଷକ, ମାତ୍ର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଙ୍କ ମୁଖ୍ୟମନ୍ତ୍ରୀ କାର୍ଯ୍ୟାଳୟର ପ୍ରମୁଖ ଅଧିକାରୀଙ୍କ ଅନାଧିକାର ରାଜନୈତିକ ସ୍ୱାର୍ଥ କାମାକ୍ଷାନଗର ବିଧାୟକ ମନ୍ତ୍ରୀ ପ୍ରଫୁଲ୍ଲ ମଲ୍ଲିକ ଙ୍କ ସହିତ ବ୍ୟକ୍ତିଗତ ଉତମ ସମ୍ପର୍କ, ମୁଖ୍ୟମନ୍ତ୍ରୀ ତଥା ତାଙ୍କ ଭଉଣୀ ଲେଖିକା ଗୀତା ମେହେଟ୍ଟାଙ୍କର ଉଦ୍ୟମ ସତ୍ୱେ ଚକ୍ରାନ୍ତକାରୀ ଅଫିସରଙ୍କ ଯୋଗୁଁ ବିଜେଡି ବିଧାୟକ ପ୍ରାର୍ଥୀତ୍ୱରୁ ମାନସ ବଚିଂତ ହୋଇନଥିଲେ, ଭୁବନ ଅଚଂଳର ସ୍ୱାଭିମାନରେ ଗତିରୋଧ ହୋଇଥିଲା ।

ପିତୃହରା ସନ୍ତାନବତ୍ସଳ ବାପା ରାମଚନ୍ଦ୍ର ମାତ୍ର ପାଂଚବର୍ଷ ବୟସରେ ବାପା ବାବାଜୀଙ୍କୁ ହରାଇବାର ଦୁଃଖଦ ଘଟଣା, ନିଜର ଚାରିଜଣ ପିଲାଙ୍କୁ ଦେଇନଥିଲେ ଦୁଃଖ ଓ ଯନ୍ତ୍ରଣା । ଧନଠାରୁ ଜନ ବଡ - ରାମଚନ୍ଦ୍ରଙ୍କ ଜୀବନର ବଡ ଆୟୁଧ ।

ଭୁବନର ମୁଖଶାଳା କାଳୀବଜାର ଠାରେ ୩୦ ଗୁଣ୍ଠ ପରିମିତ - ଶ୍ରୀରାମ ଫାର୍ମ ହାଉସ୍ (ଜାତୀୟ ରାଜପଥ - ୫୬) ସନ୍ନିକଟ । ସେଠାରେ ବିଜୁ କୃଷକ ଯୋଜନାରେ ଡିପ୍ ବୋରୱେଲ୍ ସହ ଘରଡିହ ଜମି ଅଟେ, ଯାହାର ଆନୁମାନିକ ମୂଲ୍ୟ ଏକ କୋଟିରୁ ଉର୍ଦ୍ଧ୍ୱହେବ

ଜାତୀୟ ରାଜପଥ (କଲେଜ ରୋଡ) ପେଟ୍ରୋଲ ପମ୍ପ ପାଖରେ (ବାଇପାସ୍ ଛକ)ରେ ଶ୍ରୀରାମ ମାର୍କେଟ୍ କମ୍ପ୍ଲେକ୍ସ ପାଇଁ ଘରଡିହ ଜମି ।

ଶିଳ୍ପୀ ରାମଚନ୍ଦ୍ର ଜୀବନରେ ଧନସମ୍ପତି କମାଇ କୋଟିପତିର ମର୍ଯ୍ୟାଦା ଠାରୁ - ନିଜର ଚାରିଜଣ ପିଲାଙ୍କୁ ସମାଜରେ ପ୍ରତିଷ୍ଠିତ କରାଇ ଆତ୍ମସନ୍ତୋଷ ଲାଭ କରିଅଛନ୍ତି - ଜଣେ ସନ୍ତାନବତ୍ସଳ ବାପା ରାମଚନ୍ଦ୍ର ନାୟକ ଭାବରେ ।

ବାପା ଓ ମା' - ସୁସ୍ଥ, ନିରାମୟ ଓ ଦୀର୍ଘାୟୁ ହୋଇ ଶ୍ରୀରାମ ପରିବାର ର ମର୍ଯ୍ୟାଦା ବଢାଇଥାନ୍ତୁ - ଏତିକି ପ୍ରଭୁ ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା ।

ଜଣେ ନାରୀର ଜୀବନ ପୂର୍ଣ୍ଣାଙ୍ଗପ୍ରାପ୍ତ ହୁଏ କେତେବେଳେ, ଯେତେବେଳେ ସେ ଜନନୀ ଲାଭକରେ ଅବା ପୁଣି ଭାଗ୍ୟବତୀ ହୋଇ ନିଜ ସନ୍ତାନର ଉତରାଧିକାରୀ ନିଜ ଜୀବଦଶାରେ ଦେଖିଥାଏ । ସ୍ୱାମୀ ଓ ସ୍ତ୍ରୀ ସଂସାର ରୂପକ ରଥରେ - ନିଜର ସନ୍ତାନ ଓ ସନ୍ତତିକୁ (ପୁଅ / ଝିଅ) ଙ୍କୁ ଜନ୍ମଦେଇ (ଦଶମାସର ଗର୍ଭଧାରିଣୀ ଜନନୀ), ଉପଯୁକ୍ତ ଶିକ୍ଷା, ଉପଯୁକ୍ତ କର୍ମ ତଥା ଉପଯୁକ୍ତ ବର କିମ୍ବା କନ୍ୟା ପ୍ରାପ୍ତିରେ (ଜ୍ୱାଇଁ / ପୁତ୍ରବଧୂ) ନିଜର ସଂପୂର୍ଣ୍ଣ ଭାଗୀଦାରିତା କୁ ନିଭାଇଥାଏ ସିଏ ହିଁ ବନିଥାଏ - ଶାଶୁ ମା' ।

ଭାରତୀ ଦେବୀ - ସେହିପରି ଏପରି ଜଣେ ନାରୀ, ଯିଏ କନ୍ୟାରତ୍ନ, ଭଗିନୀ, ଧର୍ମପତ୍ନୀ, ଜନନୀ ର ମର୍ଯ୍ୟାଦାତମ ସୋପାନ ଅତିକ୍ରମ କରି ଜଣେ ଶାଶୁ ମା' ଭାରତୀ ଭାବରେ ନିଜର ଦାୟିତ୍ୱ ସଂପାଦନ କରିଛନ୍ତି । ସେ ଦାୟିତ୍ୱରେ ସେ କଦାପି ଅବହେଳା କରନାହାଁନ୍ତି । ସେ ତାଙ୍କର ଏକମାତ୍ର କନ୍ୟା ଜୟନ୍ତୀ ଙ୍କ ସ୍ୱାମୀ ମହେନ୍ଦ୍ର ଙ୍କୁ ଏକ ଜ୍ୱାଇଁ ଭାବରେ ନୁହେଁ ଏକ ପୁଅ ଭାବରେ ଶାଶୁ ମା' ଭାରତୀ ଦେବୀ ଦେଖିଥାନ୍ତି । ଏତଦ୍‌ବାଦ ତିନିପୁଅ - ବଡପୁଅ ସୁବାଷ ର ଧର୍ମପତ୍ନୀ - ତୁଳସୀ, ମଧ୍ୟମପୁଅ ପ୍ରକାଶ ର ଧର୍ମପତ୍ନୀ - ସୁପ୍ରଭା ଓ ସାନପୁଅ ମାନସ ର ଧର୍ମପତ୍ନୀ - ଶିବାନୀ ଙ୍କୁ ପୁତ୍ରବଧୂ ଭାବରେ ନଦେଖି ନିଜର କନ୍ୟା ଜୟନ୍ତୀ ଭଳି ସେମାନଙ୍କୁ ନିଜର କନ୍ୟାଭଳି ଦେଖି - ତାଙ୍କୁ ସମସ୍ତ ପ୍ରକାର କାମରେ ସାହାଯ୍ୟ ସହଯୋଗ କରିଥାନ୍ତି । ସେମାନେ ମଧ୍ୟ ଶାଶୁ ମା' ଭାରତୀ ଦେବୀଙ୍କୁ ନିଜର ମା' ଭଳି ପାଇଥିବା ସଦାସର୍ବଦା କହିଥାନ୍ତି ଓ ତାଙ୍କ ସେବା କରିଥାନ୍ତି ।

**ମହେନ୍ଦ୍ର କୁମାର ଲେଙ୍କା -**

ଭାରତୀ ଦେବୀ ଓ ରାମଚନ୍ଦ୍ର ଙ୍କ ଏକମାତ୍ର କନ୍ୟାରତ୍ନ ଜୟନ୍ତୀ । ଜନ୍ମ, ଶିକ୍ଷା, କର୍ମ ପରେ - ବାପା, ମା' ତା'ର ବିବାହ କରାଇଥିଲେ - କେନ୍ଦ୍ରାପଡା ଜିଲ୍ଲା, ଓଳକଣା (ଓଡିଶାର ପ୍ରସିଦ୍ଧ ଦୋଳ ମେଲଣ ସ୍ଥାନ) - ଓଡିଶା ସରକାର ଙ୍କ ପଶୁ ସମ୍ପଦ ବିଭାଗର ଅବସରପ୍ରାପ୍ତ କର୍ମଚାରୀ ନନ୍ଦକିଶୋର ଲେଙ୍କା ଓ ଶୈଳବାଳା ଲେଙ୍କା ଙ୍କର ମଧ୍ୟମପୁତ୍ର - ମହେନ୍ଦ୍ର ଙ୍କୁ । ମହେନ୍ଦ୍ର ପ୍ରଥମେ ବିବାହ ସମୟରେ ତାଙ୍କ ମାମୁଁଙ୍କ ପାଖରେ ରହି କଂଟ୍ରାକ୍ଟରୀ କରୁଥିଲେ । କାଳକ୍ରମେ ଶାଶୁମା ଭାରତୀ ଦେବୀଙ୍କ ପରାମର୍ଶରେ ନିଜସ୍ୱ ବ୍ୟବସାୟ - ବଡଶଳା ସୁବାଷ ର ସହଯୋଗରେ - ପ୍ରଧାନମନ୍ତ୍ରୀ ରୋଜଗାର ଯୋଜନାରେ ଋଣନେଇ ଗାଡି ବ୍ୟବସାୟ ସହିତ ଗ୍ୟାସ୍ ବ୍ୟବସାୟ କରୁଛନ୍ତି । ସେ ଶିକ୍ଷାରେ - ମାଟ୍ରିକ୍ ପାସ୍‌କରି +୨ (କଳା) ପରୀକ୍ଷାରେ ଖରାପ କରିଥିଲେ । ମାତ୍ର ପରବର୍ତ୍ତୀ ସମୟରେ ବଡଶଳାର ସାହାଯ୍ୟରେ ମହେନ୍ଦ୍ର ଓ ଜୟନ୍ତୀ - ଇନ୍ଦିରା ଗାନ୍ଧୀ ରାଷ୍ଟ୍ରୀୟ ମୁକ୍ତ ବିଶ୍ୱବିଦ୍ୟାଳୟ (ଇଗ୍‌ନୁ)ରୁ ଅଣ୍ଡର ଗ୍ରାଜୁଏଟ୍ ।

୯ ଜୁଲାଇ, ୨୦୦୩ ରିଖରେ ବିବାହ ସମୟରେ ଶାଶୁମା ଭାରତୀ ଦେବୀ ଜ୍ୱାଇଁ ମହେନ୍ଦ୍ର ଙ୍କୁ ବିନା ଯୌତୁକରେ ବିବାହ କରିଥିଲେ ମଧ୍ୟ - ସମସ୍ତ ସୁନା ଅଳଙ୍କାର, ଫର୍ଣ୍ଣିଚର, ବାସନକୁସନ ସହ  ଗାଡି, ଘରର ସମସ୍ତ ଯାବତୀୟ ବ୍ୟବହାର୍ଯ୍ୟ ଜିନିଷ ପ୍ରଦାନ କରିଥିଲେ, ଜ୍ୱାଇଁ ମହେନ୍ଦ୍ର ମଧ୍ୟ ଶାଶୁମା ଭାରତୀ ଦେବୀଙ୍କୁ ସମ୍ମାନ କରୁଥିଲେ ।

ବିବାହର ବର୍ଷକପରେ - ଜୟନ୍ତୀ ଙ୍କ ପ୍ରଥମ ପୁତ୍ରସନ୍ତାନ କଟକ ବଡ ଡାକ୍ତରଖାନାରେ ଜନ୍ମ ହୋଇଥିଲା - ଅପ୍ରେସନ୍ ଦ୍ୱାରା, ମାତ୍ର କିଛି ସମୟ ପରେ ପୁଅଟି ମରିଗଲା । ଭାରତୀ ଦେବୀ ଝିଅ ଜୟନ୍ତୀ କୁ ପାଖରେ ଦଶଦିନ ରହି ତାକୁ ତାଙ୍କ ଘର ଭୁବନକୁ ଆଣି ଛଅମାସ ରଖିଥିଲେ ଝିଅ ଦେହ ଭଲ ହେବାପାଇଁ । ପରବର୍ତ୍ତୀ ସମୟରେ ଜୟନ୍ତୀ ର ଦୁଇଗୋଟି କନ୍ୟା - ରାଜେଶ୍ୱରୀ ଓ ବ୍ରଜେଶ୍ୱରୀ ମଧ୍ୟ କଟକ ବଡ ଡାକ୍ତରଖାନାରେ ସେହିଭଳି ଜନ୍ମ ନେଇଥିଲେ । ଶାଶୁମା ଭାରତୀ ଦେବୀ ଜ୍ୱାଇଁ ମହେନ୍ଦ୍ର ଙ୍କ ଦୁଇଝିଅର ସେବାଯତ୍ନ ଜଣେ ଆଇ ମା' ଭାବରେ ନେଇଥିଲେ ।

ଶାଶୁମା ଭାରତୀ ଦେବୀ ମଧ୍ୟ ଜ୍ୱାଇଁ ମହେନ୍ଦ୍ର ର ଜ୍ୱାଇଁ କୁଣିଆ କରାଇଥିଲେ । ଶଶୁର ରାମଚନ୍ଦ୍ର ଙ୍କୁ କହି ସେହି ସମୟରେ କିଛି ଆର୍ଥିକ ବ୍ୟବସ୍ଥା ମଧ୍ୟ କରାଇଥିଲେ । ବାରମାସରେ ତେର ପର୍ବ ଭଳି – ସବୁ ପର୍ବପର୍ବାଣୀରେ – ଶାଶୁମା ଭାରତୀ ଦେବୀ ଜ୍ୱାଇଁ ମହେନ୍ଦ୍ର ଙ୍କ ଘରକୁ ଆଗ ସମସ୍ତ ଜିନିଷ ପଠାଉଥିଲେ । ସମସ୍ତ ପର୍ବପର୍ବାଣୀରେ (ରଜ ଓ ଦଶହରା) ରେ ଶାଶୁମା ଭାରତୀ ନିଜର ନାତୁଣୀ ଦୁଇଜଣଙ୍କୁ ନୂତନ ଡ୍ରେସ୍ ପ୍ରଦାନ କରନ୍ତି ।

ଜ୍ୱାଇଁ ମହେନ୍ଦ୍ର ମଧ୍ୟ ଶାଶୁମା ଭାରତୀ ଦେବୀର ତିନିଗୋଟି ପୁଅ ତଥା ନିଜ ସାନଶଳା – ସୁବାଷ, ପ୍ରକାଶ, ମାନସ ର ବିବାହ କର୍ମରେ ସଂପୂର୍ଣ୍ଣ ସହଯୋଗ ସହ ଶଳା ଭାଉଜ ମାନଙ୍କୁ ସୁନା ବିବାହରେ ବନ୍ଧାଇଛନ୍ତି । ଏପରିକି ତିନିଶଳା ମାନଙ୍କର ତିନୋଟି ପୁଅ ଓ ଝିଅ ଜନ୍ମ ସମୟରେ ମଧ୍ୟ ପିଉସା ମହେନ୍ଦ୍ର ଉପସ୍ଥିତ ରହି ସାହାଯ୍ୟ ସହଯୋଗ କରିଥାନ୍ତି ।

**ତୁଳସୀ ସାହୁ –**

ଭାରତୀ ଦେବୀଙ୍କର ବଡବୋହୂ ତୁଳସୀ (ଟିକି) – (ବଡପୁଅ ସୁବାଷ ର ଧର୍ମପତ୍ନୀ) – ବାପା ରାମଚନ୍ଦ୍ର ଙ୍କ ପ୍ରତ୍ୟେକ ପ୍ରେରଣାରେ ବଡପୁଅ ସୁବାଷ ଙ୍କୁ ଶିକ୍ଷା, କର୍ମ ଓ ବିବାହ କରାଇବାରେ ବାପା ରାମଚନ୍ଦ୍ର ଓ ମା' ଭାରତୀ ଦେବୀଙ୍କୁ ଅନେକ ଶ୍ରମ କରିବାକୁ ପଡିଅଛି । ବଡପୁଅ ସୁବାଷ ସମାଜରେ ଉଚ୍ଚଶିକ୍ଷା ଲାଭକରି ଜଣେ ଅଧ୍ୟାପକ ଭାବରେ ପରିଚିତ । ଜଣେ ଉପଯୁକ୍ତ କନ୍ୟାପାତ୍ରୀ ଟିଏ ପାଇବାପାଇଁ ଯୋଜନାରେ – ଐତିହାସିକ କଟକ ସହର ର ଜନଗହଳି ପୁରୁଣା ଅଂଚଳ ଚାଉଳିଆଗଞ୍ଜ । ସେଠିକାର ପାଟରା ସମ୍ପ୍ରଦାୟର – ଟେଲର ମାଷ୍ଟର ସୁରେନ୍ଦ୍ର ସାହୁ ଓ ସୁଭଦ୍ରା ସାହୁଙ୍କ ପାଂଚଗୋଟି ସନ୍ତାନ (୪ ଜଣ କନ୍ୟା ଓ ଏକମାତ୍ର ପୁତ୍ର) ମଧ୍ୟରୁ ତୁଳସୀ ଥିଲା ବଡମଝିଆଁ ଝିଅ । ଜଣେ କର୍ମଠ, ସତ୍ୟନିଷ୍ଠ ଝିଅ ଭାବରେ ସ୍ଥାନୀୟ ଅଂଚଳରେ ତୁଳସୀ (ଟିକି) ପରିଚିତା ।

୧୨ ଜୁନ୍, ୨୦୧୫ ମସିହାରେ – ବିନା ଯୌତୁକରେ ବୈଦିକ ରୀତିରେ – ସୁବାଷ ଓ ତୁଳସୀର ବିବାହ କର୍ମ ସମାପନ ହୋଇଥିଲା । ଦୁଇପିତା – ରାମଚନ୍ଦ୍ର ଓ ସୁରେନ୍ଦ୍ର ବିବାହରେ କର୍ତା ସାଜିଥିଲେ । ଦୁହିତା ଦୁଇ କୁଳକୁ ହିତା – ଏ ସାଧୁବାଣୀକୁ ତୁଳସୀ ନିଜ ଜୀବନରେ କର୍ମରେ ସର୍ବଦା ଲଗାଇଛନ୍ତି । ବାପା ଘରେ – ବାପା, ମା', ବଡନାନୀ, ଦୁଇ

ସାନଭଉଣୀ, ଗୋଟିଏ ସାନଭାଇ କୁ ଯଥାଚିତ ସାହାଯ୍ୟ ସର୍ବୋପରି ବିବାହ ପରେ - ଶଶୁରାଳୟ - ରାମଚନ୍ଦ୍ର ଙ୍କ ପରିବାର ରେ - ଶାଶୁ, ଶଶୁର, ଦିଅର, ଯା, ନଣନ୍ଦ, ନଣଦେଇ, ପୁତୁରା, ଝିଆରୀ, ଭାଣିଜୀ ମାନଙ୍କର ପାଖରେ ଯଥାଚିତ କାର୍ଯ୍ୟକରିବା ସହିତ - ବଡଶାଶୁ, ବଡଶଶୁର, ଖୁଡାଶୁର, ଖୁଡିଶାଶୁ ସମସ୍ତ ନଣନ୍ଦ ଓ ନଣଦେଇ ମାନଙ୍କ ପାଖରେ ତୁଳସୀ ବୀତ ପ୍ରିୟପାତ୍ରୀ ।

ଶାଶୁମା ଭାରତୀ ଦେବୀଙ୍କ ପ୍ରେରଣାରେ ବଡବୋହୂ ତୁଳସୀ - ପୁଅ ଅଧ୍ୟାପକ ସୁବାଷ ର ସମର୍ଥନରେ ଉଚ୍ଚଶିକ୍ଷା ପାଇଁ ପ୍ରସ୍ତୁତହୋଇ ଉତ୍କଳ ବିଶ୍ୱବିଦ୍ୟାଳୟରେ ଦୂରଶିକ୍ଷା ନିର୍ଦ୍ଦେଶାଳୟ (ଡିଡିସିଇ) ମାଧ୍ୟମରେ ଇଂରାଜୀ ସାହିତ୍ୟରେ ସ୍ନାତକୋତର (ଏମ୍.ଏ.) ପରୀକ୍ଷାଦେଇ ସଫଳତା ପାଇଲେ । ଜୀବନରେ ଶିକ୍ଷାକୁ କର୍ମକ୍ଷେତ୍ରର ଆଧାର ରୂପେ ବାଛି ନେଇଥିଲେ ।

ବିବାହର ଏକବର୍ଷ ପରେ ତୁଳସୀ ଙ୍କର ଏକ ସନ୍ତାନ ସାତମାସରେ ନଷ୍ଟ ହୋଇଗଲା, ବହୁତ କଷ୍ଟ ସ୍ୱୀକାର କରୁଥିବା ତୁଳସୀ କୁ ଶାଶୁମା ଭାରତୀ ଦେବୀ ଦମ୍ଭୀକତାରେ କଷ୍ଟକୁ ଭୁଲି ଆଗକୁ ଯିବାକୁ ପ୍ରେରଣା ଦେଇଥିଲେ । ତା'ର ଏକବର୍ଷ ପରେ ସୁବାଷ ଓ ତୁଳସୀ ଙ୍କର ଏକ କନ୍ୟାସନ୍ତାନ - ତେଜସ୍ୱିନୀ (ଲକି) ଜନ୍ମନେଲା - କଟକ ବଡ ଡାକ୍ତରଖାନାରେ - ମାର୍ଗଶିର ମାସ ଶେଷ ଗୁରୁବାର ଦିନ ଭୋର ୪ଟା ୧୪ ମିନିଟ୍‌ରେ । ଶାଶୁମା ଭାରତୀ ଦେବୀ କହିଲେ ମୋ ଘରକୁ ଲକ୍ଷ୍ମୀ ମା' ଆସିଲେ ।

ତୁଳସୀ ବିବାହର ଛଅମାସ ପରେ ଦିଅର ପ୍ରକାଶ (ଆଡଭୋକେଟ୍) ଙ୍କ ବାହାଘର ଓ ପରେ (୨ ବର୍ଷ) ରେ ସାନଦିଅର ଶିକ୍ଷକ ମାନସ ର ବିବାହ । ତୁଳସୀ ଦୁଇଯା - ସୁପ୍ରଭା (ନିନି) ଓ ସାନଯା - ଶିବାନୀ (ମାନି) କୁ ନିଜର ସାନଭଉଣୀ ଭଳି ମିଳିମିଶି କାମକରି ଯାଇଥାଏ ।

ବାସ୍ତବିକ୍ ତୁଳସୀ - ଶାଶୁମା ଭାରତୀ ଦେବୀଙ୍କର ବଡବୋହୂ ନୁହେଁ ତ ଗୋଟିଏ ଝିଅଭଳି ଚଳୁଥିଲା । ତୁଳସୀ ମଧ୍ୟ ଘରର ବଡବୋହୂ ହିସାବରେ - ଶାଶୁ, ଶଶୁର ଙ୍କୁ କଥାଦେଇ ଏକମନ ପ୍ରାଣରେ ଘରକୁ ଅଗ୍ରସର ହେବା ଦିଗରେ ସାହାଯ୍ୟ କରିଥାନ୍ତି ।

**ସୁପ୍ରଭା ଟାଲ୍‌ଡୀ -**

ଭାରତୀ ଦେବୀ ଓ ରାମଚନ୍ଦ୍ର ଙ୍କର ପୁତ୍ରବଧୂ ସୁପ୍ରଭା ଟାଲ୍‌ଡୀ (ନିନି), ମଧ୍ୟମପୁତ୍ର ଆଡଭୋକେଟ୍ ପ୍ରକାଶ ନାୟକ ଙ୍କ ଧର୍ମପତ୍ନୀ । ନିନିଙ୍କ ବାପାଘର ବାଲେଶ୍ୱର ଟାଉନ୍‌ର ମୋତିଗଞ୍ଜରେ । ବାପା - ହରିନାରାୟଣ ଟାଲ୍‌ଡୀ ଥିଲେ - ଅବସରପ୍ରାପ୍ତ ଉପନିର୍ଦ୍ଦେଶକ କ୍ରୀଡା ସଂପଦ - ଫକୀରମୋହନ ସରକାରୀ କଲେଜ, ବାଲେଶ୍ୱର ରେ । ମା' - ବାସନ୍ତୀ ଟାଲ୍‌ଡୀ, ଗୋଟିଏ ପୁଅ ଓ ଚାରିଜଣ ଝିଅଙ୍କୁ ନେଇ ତାଙ୍କ ପରିବାର । ସୁପ୍ରଭା ଥିଲେ ବାପା-ମା'ଙ୍କର ଗେଲ୍ଲାଝିଅ । ବାପା ତାଙ୍କୁ ଉଚ୍ଚଶିକ୍ଷା ପ୍ରଦାନ କରିଥିଲେ । ବିଏ, ବି.ଏଡ. ଡିଗ୍ରୀଧାରୀ ଜୀବନର କର୍ମକ୍ଷେତ୍ରରେ ପ୍ରଥମେ ଏକ ବେସରକାରୀ ସ୍କୁଲରେ ଶିକ୍ଷୟିତ୍ରୀ ଭାବରେ କାର୍ଯ୍ୟକରି ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷା ସହାୟକ ଭାବରେ ଯୋଗଦାନ ପରେ ବିବାହ କରିଥିଲେ ।

ସୁପ୍ରଭା ଥିଲେ ସଚ୍ଚୋଟ ଓ ସ୍ୱାଭିମାନ ତଥା ଦୟାଳୁ । ତାଙ୍କର ବାପାଘରେ ଝିଅ ଜୀବନରେ ଯାହାଥିଲେ ମଧ୍ୟ ବିବାହ ପରେ ଶାଶୁଘରେ ସେପରି ଭାବରେ ରହିଥିଲେ । ଶାଶୁ, ଶଶୁର, ଦେଢଶୁର ସୁବାଷ, ଯା ତୁଳସୀ, ଝିଆରୀ ତେଜସ୍ୱିନୀ (ଲକି), ସ୍ୱାମୀ ପ୍ରକାଶ, ପୁଅ - ଅଂଶୁମାନ (ରାଜା) ସର୍ବୋପରି ସାନଦିଅର ମାନସ, ଯା ଶିବାନୀ, ପୁତୁରା ଜ୍ୟୋତିଆଦିତ୍ୟ (ଆଦି) ଏବଂ ନଣନ୍ଦ ଜୟନ୍ତୀ, ନଣଦେଇ ମହେନ୍ଦ୍ର, ଭାଣିଜୀ - ରାଜେଶ୍ୱରୀ (ଲିସା), ବ୍ରଜେଶ୍ୱରୀ (ଇସା) ଙ୍କର ସୁଖଦୁଃଖର ସାଥି ।

ସୁପଭ୍ରା - ଶାଶୁ ଓ ଶଶୁର ଙ୍କ ଦେହ ପା ଭଲମନ୍ଦ ବୁଝିବାସହ ସେମାନଙ୍କର ଯତ୍ନ ନେଇଥାନ୍ତି । ପରବର୍ତ୍ତୀ ସମୟରେ ବାଲେଶ୍ୱର ରୁ ଭୁବନ ବ୍ଲକ୍ କୁ ଶିକ୍ଷୟିତ୍ରୀ ଭାବରେ ବଦଳି ହୋଇ ଆସିଥାନ୍ତି । ବର୍ତ୍ତମାନ ଓଡିଶା ସରକାର ଙ୍କ ଶିକ୍ଷା ବିଭାଗର ସରକାରୀ ଶିକ୍ଷୟିତ୍ରୀ ଭାବରେ ମାନ୍ୟତାପ୍ରାପ୍ତ ।

ସ୍ୱାମୀ, ପୁଅ ଙ୍କୁ ନେଇ ପରିବାର କରିବା ସହ ସମଗ୍ର ଶ୍ରୀରାମ ପରିବାର ସଦସ୍ୟ ଭାବରେ ତାଙ୍କର ଅବଦାନ ଅତୁଳନୀୟ ।

**ଶିବାନୀ ସାହୁ -**

ଶିବାନୀ ଭାରତୀ ଦେବୀଙ୍କର କନିଷ୍ଠା ପୁତ୍ରବଧୂ, ଶଶୁର ରାମଚନ୍ଦ୍ର ଙ୍କର ଗେଲ୍ଲିବୋହୂ ମାନସ ର ଧର୍ମପତ୍ନୀ । ଢେଙ୍କାନାଳ ର ରାସୋଳ ଗାଁର ପୁରୁଷୋତମ ସାହୁ ଓ କଳ୍ପନା ସାହୁଙ୍କ ଚାରିଗୋଟି କନ୍ୟାସନ୍ତାନ ମଧ୍ୟରେ ଶିବାନୀ ଥିଲେ - ସବୁଠୁ ସାନ । ପୁରୁଷୋତମ ଥିଲେ - ଓଡିଶା ସରକାର ଙ୍କ ପଶୁ ସଂପଦ ବିଭାଗର ଅବସରପ୍ରାପ୍ତ ପଶୁଧନ ନିରୀକ୍ଷକ । ଶିବାନୀ ଯେତେବେଳେ ଛୋଟପିଲା ଥିଲେ ହାଇସ୍କୁଲରେ ପଢୁଥିବା ସମୟରେ ମା'ଙ୍କୁ ହରାଇଥିଲେ । ବାପା ତାଙ୍କୁ ଉଚ୍ଚଶିକ୍ଷା ପ୍ରଦାନ କରିଥିଲେ । ସେ +୩ ବିଜ୍ଞାନ (ବି.ଏସ୍‌ସି) ସହିତ ସିଟି ତାଲିମପ୍ରାପ୍ତ ଘରୋଇ ଶିକ୍ଷୟତ୍ରୀ । ସ୍ୱାମୀ ଡକ୍ଟର ମାନସ ନାୟକ - ଓଡିଶା ସରକାର ଙ୍କ ଶିକ୍ଷକ, ଜଣେ ଲେଖକ ଓ ଗବେଷକ ।

ଶାଶୁ ଭାରତୀ ଦେବୀ ସାନବୋହୂ - ଶିବାନୀ କୁ ବେଶୀ ଭଲପାଆନ୍ତି । କାରଣ ସେ ଥିଲେ ଘରକାମରେ ସିଦ୍ଧହସ୍ତା, ଜଣେ ଆମାୟିକ, ନିଃଅହଙ୍କାରୀ ମଣିଷଟିଏ । ବିବାହର କିଛିଦିନ ପରେ ବାପାଙ୍କୁ ହରାଇଥିଲେ ଶିବାନୀ । ନିଜର ଶାଶୁ ଭାରତୀ ଦେବୀ ଓ ଶଶୁର ରାମଚନ୍ଦ୍ର ଙ୍କୁ ନିଜର ବାପା ଓ ମା' ଭଳି ପାଇ ସେ ଖୁବ୍ ଆନନ୍ଦିତ ।

ଭାରତୀ ଦେବୀ ଜଣେ ଶିକ୍ଷିତା ବୋହୂ - ଶିବାନୀ କୁ ପାଇ ଆନନ୍ଦିତ । ଶିବାନୀ ମଧ୍ୟ ଶାଶୁଙ୍କ ମନକଥା ବୁଝି ସବୁ କାର୍ଯ୍ୟ କରିଥାନ୍ତି । ସ୍ୱାମୀ ମାନସ ଓ ଏକମାତ୍ର ପୁଅ ଜ୍ୟୋତିଆଦିତ୍ୟ (ଆଦି) କୁ ନେଇ ତା'ର ପରିବାର ସର୍ବୋପରି ଶ୍ରୀରାମ ପରିବାର ର ଜଣେ ସଦସ୍ୟା ବୋଲି ଶିବାନୀ ଙ୍କ ଗର୍ବ ଓ ଗୌରବ ଭାବରେ କାର୍ଯ୍ୟକରି ଚାଲିଛନ୍ତି ।

ଭାରତୀ ଦେବୀ ଜଣେ ଶାଶୁମା ଭାବରେ ସର୍ବଦା ନିଜର କର୍ତବ୍ୟ ସମ୍ପାଦନା କରିଛନ୍ତି - ଜଣେ ସାଧାରଣ ମଣିଷଟିଏ ଭଳି । ସରଳ, ନିରୀହ, ଆମାୟିକ, ନିଃସ୍ୱାର୍ଥପର ବ୍ୟକ୍ତିତ୍ୱର ଅଧିକାରିଣୀ । ଚାରିଗୋଟି ସନ୍ତାନଙ୍କୁ ଜନ୍ମଦେଇ, ଉପଯୁକ୍ତ ଶିକ୍ଷାଦେଇ, ସଠିକ୍ କର୍ମପ୍ରେରଣା ଦେଇ, ଉପଯୁକ୍ତ ପାତ୍ର, ପାତ୍ରୀ ରେ ବିବାହ ସମାପନ କରି, ବୟସର ଅପରାହ୍ନରେ ଘର ଚଳାଇବାରେ ଶାଶୁ ମା'ର ଭୂମିକା କୁ ପୂର୍ଣ୍ଣାଙ୍ଗୀକରଣ କରିବାରେ ଭାରତୀ ଦେବୀ ଙ୍କ ଭୂମିକା କୁ କଦାପି ଅସ୍ୱୀକାର କରାଯାଇପାରିବ ନାହିଁ ।

ଶାଶୁମା ଭାରତୀ ଦେବୀ - ତାଙ୍କ ଏକମାତ୍ର ଜ୍ୱାଇଁ ତଥା ତିନି ପୁତ୍ରବଧୂ ଙ୍କ ନିକଟରେ ନିଜର କର୍ମଠ ଜୀବନପାଇଁ ସର୍ବଦା ପ୍ରଶଂସନୀୟ । ତାଙ୍କର ପ୍ରେରଣା ଏମାନଙ୍କୁ ଭବିଷ୍ୟତରେ ଜଣେ ଶାଶୁ ଓ ଶଶୁର ଭାବରେ ଦାୟିତ୍ୱ ନିର୍ବାହରେ ପୂର୍ଣ୍ଣମାତ୍ରାରେ ସହଯୋଗ କରିବ - ଏଥିରେ ତିଳେମାତ୍ର ସନ୍ଦେହ ନାହିଁ ।

ଭାରତୀ ଦେବୀ ଜଣେ ସାଧାରଣ ବ୍ୟକ୍ତିଥିଲେ, ମାତ୍ର ନିଜ ପରିବାର ପାଇଁ ଅସାଧାରଣ ଅଧିକାରିଣୀ ହୋଇଥିଲେ । ନିଜର ଜନ୍ମଲଗ୍ନ ପରେ, ବିନା ଶିକ୍ଷା ଜୀବନ, ଜଣେ ଗୃହିଣୀ ଭାବରେ କର୍ମମୟ ଜୀବନ, ଶିଳ୍ପୀ ରାମଚନ୍ଦ୍ର ଙ୍କୁ ବିବାହ ଜୀବନ, ଚାରିଜଣ ସନ୍ତତି ଓ ସନ୍ତାନ କୁ ନେଇ - ଜନ୍ମ, ଶିକ୍ଷା, କର୍ମ ପ୍ରେରଣା, ବିବାହାଦି ଘରସଂସାର କରିବାରେ ପ୍ରମୁଖ ଭୂମିକାରେ ଭାରତୀ ଦେବୀ ଥିଲେ ମଧ୍ୟ ଜଣେ ନିଃଅହଙ୍କାରୀ, ସାଧାରଣ, ଆମାୟିକ, ସତ୍ୟନିଷ୍ଠ ମହିଳା ଭାବରେ ସେ ସ୍ଥାନୀୟ ଅଂଚଳରେ ଜଣାଶୁଣା ।

ବୟସର ଅପରାହ୍ନରେ ଭାରତୀ ଦେବୀଙ୍କର ଅନ୍ୟଏକ ପରିଚୟ ଆଣି ଦେଇଥିଲା ତାଙ୍କ ଜୀବନରେ, ତାହା ହେଉଛି - ନାତି, ନାତୁଣୀ ଙ୍କ ଗ୍ରହଣରେ ଜୀବନର ଅବଶିଷ୍ଟ ସମୟ ହସଖୁସିରେ ବିତାଇବା । ସେଥିମଧ୍ୟରୁ ସେ ଦୁଇଗୋଟି ସୋପାନରେ - ଗ୍ରାଣ୍ଡମଦର ହେବାର ସୌଭାଗ୍ୟ ଅର୍ଜନ କରିଛନ୍ତି ।

ପ୍ରଥମତଃ - ଏକମାତ୍ର କନ୍ୟା - ଜୟନ୍ତୀର ଦୁଇଝିଅ ରାଜେଶ୍ୱରୀ (ଲିସା) ଓ ବ୍ରଜେଶ୍ୱରୀ (ଇସା) ର ଆଇମା ଭାବରେ ପରିଚିତ, ତାଙ୍କ ଜୀବନକୁ ଆନନ୍ଦିତ କରିଦେଇଛି । ନାତୁଣୀଙ୍କ ଗ୍ରହଣରେ ଆଇମା ଭାରତୀ ଦେବୀ ହସଖୁସିରେ ସମୟ କାଟିଥାନ୍ତି ।

ଦ୍ୱିତୀୟତଃ - ତିନିଜଣ ପୁଅ - ସୁବାଷ, ପ୍ରକାଶ, ମାନସ ଙ୍କ ପିଲାମାନେ - ସୁବାଷ ର କନ୍ୟା - ତେଜସ୍ୱିନୀ (ଲକି), ପ୍ରକାଶ ର ପୁଅ - ଅଂଶୁମାନ (ରାଜା), ମାନସ ର ପୁଅ - ଜ୍ୟୋତିଆଦିତ୍ୟ (ଆଦି) ର ଜେଜେମା ରୂପରେ ଭାରତୀ ଦେବୀଙ୍କ ହସଖୁସିର ସଂସାର ।

**ରାଜେଶ୍ୱରୀ ଲେଙ୍କା (ଲିସା) -**

ଭାରତୀ ଦେବୀଙ୍କର ବଡ ନାତୁଣୀ ରାଜେଶ୍ୱରୀ (ଲିସା) । ଲିସା ର ଆଇ ଭାରତୀ ଦେବୀ । ୨୦୦୫ ମସିହା ଡିସେମ୍ବର ମାସରେ ଲିସାର ଜନ୍ମ ହୋଇଥିଲା - କଟକ

ବଡ ଡାକ୍ତରଖାନାରେ । ବାପା ମହେନ୍ଦ୍ର ଓ ମା' ଜୟନ୍ତୀ ଙ୍କର ସେ ଦ୍ୱିତୀୟ ସନ୍ତାନ ଭାବରେ (ପ୍ରଥମ ପୁତ୍ର ସନ୍ତାନଟି ଜନ୍ମପରେ ମରିଯାଇଥିଲା) । କାଳକ୍ରମେ ଜନ୍ମର ପ୍ରଥମ ଛମାସ ଲିସା ମା' ଜୟନ୍ତୀ ସହିତ ନିଜ ଆଈ ଓ ଅଜା ଙ୍କ ଘରେ ରହିଥିଲା । କାରଣ ମା'ଙ୍କ ଅପରେସନ୍ ଦ୍ୱାରା ଲିସା ଜନ୍ମ ହୋଇଥିବାରୁ ଡାକ୍ତରଙ୍କ କଥାନୁସାରେ ଜୟନ୍ତୀ ଛମାସ ଧରି ବାପାଙ୍କ ଘରେ ରେଷ୍ଟ ନେଇଥିଲେ ।

ଲିସା ନିଜଘର ଓଳକଣାରେ ଦୁଇବର୍ଷ ରହିଲା - ନିଜର ବାପା, ମା', ଜେଜେବାପା, ଜେଜେମା ଙ୍କ ଗ୍ରହଣରେ । ତିନିବର୍ଷ ପରେ ଜୟନ୍ତୀ ୩ୟ ସନ୍ତାନ ଗର୍ଭଧାରଣା ସମୟରେ ଆଇମା ଭାରତୀ ଦେବୀ - ଜୟନ୍ତୀ ଓ ନାତୁଣୀ ଲିସା ଙ୍କୁ ଆଣି ଭୁବନ ଘରେ ସେବାଯତ୍ନ ନେଇଥିଲେ । ସେତେବେଳେ ଲିସାର ଜେଜେବାପା ଓ ଜେଜେମା ଅସୁସ୍ଥ ହୋଇ ପଡିଥିଲେ । ପରବର୍ତୀ ସମୟରେ ଜୟନ୍ତୀ ଙ୍କ ଦ୍ୱିତୀୟ କନ୍ୟା ସନ୍ତାନ ବ୍ରଜେଶ୍ୱରୀ (ଈସା) ଜନ୍ମ ନେବାରୁ କଟକ ବଡ ଡାକ୍ତରଖାନାରେ ଅପରେସନ୍ ମାଧ୍ୟମରେ ପୁନର୍ବାର - ଜୟନ୍ତୀ ବାପାଙ୍କ ଘରେ ଡାକ୍ତରଙ୍କ ପରାମର୍ଶକ୍ରମେ ଛମାସ ରେଷ୍ଟ୍‌ନେଲେ ଓ ପରେ ନିଜ ଶଶୁର ଘର ଓଳକଣାକୁ ସାନଝିଅ ଈସା କୁ ନେଇ ଚାଲିଗଲେ । ବଡଝିଅ - ଲିସା ଚାରିବର୍ଷ ବୟସରୁ ବାପା, ମା'ଙ୍କୁ ଛାଡି ଅଜାଘରେ - ଅଜା, ଆଈ, ତିନିଜଣ ମାମୁଁ ଙ୍କ ପାଖରେ ବଢିଲା । ସେତେବେଳକୁ ତିନିଜଣ ମାମୁଁ - ସୁବାଷ, ପ୍ରକାଶ, ମାନସ କେହି ବାହା ହୋଇନଥିବାରୁ ଲିସା ଆଈଘରେ ରହି ସମସ୍ତଙ୍କର ସ୍ନେହ ଆଦରରେ ବଢିଥିଲା ଓ ବଡମାମୁଁ ସୁବାଷ ତା'ର ପ୍ରାକ୍ ପ୍ରାଥମିକ ଶିକ୍ଷା - ଭୁବନର ଅଗ୍ରଣୀ ଶିକ୍ଷାନୁଷ୍ଠାନ ବାଜିରାଉତ ସ୍ମୃତି ବିଦ୍ୟା ମନ୍ଦିର ରେ ନାମ ଲେଖାଇଲେ, ମାମୁଁ ସୁବାଷ - ଭାଣିଜୀ ଲିସା କୁ ନେଇ ପ୍ରତିଦିନ ତାଙ୍କ ସାଇକେଲ କିମ୍ବା ମଟର ସାଇକେଲ ରେ ସ୍କୁଲକୁ ନେଉଥିଲେ ଓ ଆଣୁଥିଲେ । ଲିସା ସେଠାରେ ପ୍ରାକ୍ ପ୍ରାଥମିକ - ୨ ବର୍ଷ ଓ ପ୍ରଥମ ରୁ ସପ୍ତମ - ୭ ବର୍ଷ, ଏହିପରି ୯ ବର୍ଷ ପାଠ ପଢିବା ପରେ ଲିସାର ଅଷ୍ଟମ ଶ୍ରେଣୀରେ ନାମଲେଖା ହେଲା - ଭୁବନ ବାଳିକା ହାଇସ୍କୁଲରେ । ତା'ପରେ ବଡମାମୁଁ ସୁବାଷ ର ସ୍ଥାୟୀ ଅଧ୍ୟାପକ - ଢେଙ୍କାନାଳ ରେ ଚାକିରୀ କରିବା ଦ୍ୱାରା - ସାନମାମୁଁ ଶିକ୍ଷକ ମାନସ - ଲିସା ର ସମସ୍ତ ଶିକ୍ଷା ଦାୟିତ୍ୱ ନେଲେ । ସେ ନିଜେ ମଧ୍ୟ ତା'ର

ଘରୋଇ ଟିୟୁସନ୍‌ରେ ଲିସାକୁ ଟିୟୁସନ୍ କଲେ । ଲିସା - ଅଷ୍ଟମ, ନବମ ଶ୍ରେଣୀ ପାସ୍‌କରି ବର୍ତମାନ ଦଶମ ଶ୍ରେଣୀର ଛାତ୍ରୀ ।

ଆଈ ଭାରତୀ ଦେବୀ - ଲିସା ର ସମସ୍ତ ଦାୟିତ୍ୱ ନେଉଥିଲେ । ମଝିଆଁ ମାମୁଁ ପ୍ରକାଶ - ଲିସା କୁ ଭଲଭଲ ଡ୍ରେସ୍ ଆଣି ଦେଉଥିଲେ । ଅଜା ରାମଚନ୍ଦ୍ର ଲିସା କୁ ଭଲଭଲ ଖାଦ୍ୟ ଆଣି ଦେଉଥିଲେ । ମଝିରେ ମଝିରେ ଭୁବନର ପର୍ବପର୍ବାଣୀରେ ଲିସା ର ବାବା ଓ ମାମା ଆସି ଲିସା କୁ ଦେଖିକରି ଯାଆନ୍ତି ।

ପରବର୍ତୀ ସମୟ ଗୁଡିକରେ - ଲିସା ର ତିନିଜଣ ମାମୁଁ - ସୁବାଷ, ପ୍ରକାଶ ଓ ମାନସ ବିବାହ କରିଲେ - ତିନିଜଣ ମାଇଁ - ତୁଳସୀ (ଟିକି), ସୁପ୍ରଭା (ନିନି), ଶିବାନୀ (ମାନି) ସର୍ବୋପରି ସେମାନଙ୍କର ପିଲାମାନେ - ଝିଅ - ତେଜସ୍ୱିନୀ (ଲକି), ଦୁଇପୁଅ - ରାଜା ଓ ଆଦି ସହ ବଡଭଉଣୀ ଲିସା ଖେଳକୁଦ କରି ଆଈ ଭାରତୀ ଦେବୀଙ୍କ ଘରେ ରହିଥାଏ ।

**ବ୍ରଜେଶ୍ୱରୀ ଲେଙ୍କା (ଇସା) -**

ଭାରତୀ ଦେବୀଙ୍କର ଅନ୍ୟଏକ ନାତୁଣୀ - ବ୍ରଜେଶ୍ୱରୀ ଲେଙ୍କା (ଇସା) - ଭାରତୀ ଙ୍କ ଏକମାତ୍ର କନ୍ୟା - ଜୟନ୍ତୀ ଓ ଜ୍ୱାଇଁ - ମହେନ୍ଦ୍ର ଲେଙ୍କା ଙ୍କ ଦୁଇକନ୍ୟା ମଧ୍ୟରେ ସର୍ବକନିଷ୍ଠା କନ୍ୟା । ଇସାର ଜନ୍ମ - କଟକ ବଡ ଡାକ୍ତରଖାନାରେ - ଅପ୍ରେସନ୍ ମାଧ୍ୟମରେ । ଆଈମା ଭାରତୀ ଦେବୀ ତା'ର ଜନ୍ମ ପରେପରେ ଝିଅ - ଜୟନ୍ତୀ ଙ୍କୁ ଡାକ୍ତରଙ୍କ ପରାମର୍ଶକ୍ରମେ ଭୁବନରେ ତାଙ୍କ ଘରେ ଛମାସ ଆଣି ରଖିଥିଲେ, ଜୟନ୍ତୀ ଙ୍କ ରେଷ୍ଟ ଦରକାର ଥିଲା । ପରେପରେ ଜୟନ୍ତୀ ଦୁଇକନ୍ୟାକୁ ଆଧାରକରି ଅପରେସନ୍ ହୋଇ ଓଡିଶା ସରକାର ଙ୍କ ଦୁଇ ସନ୍ତାନ ନୀତିରେ ଫାମିଲି ପ୍ଲାନିଙ୍ଗ୍ ଅପରେସନ୍ ଦ୍ୱାରା ଗ୍ରୀନ୍‌କାର୍ଡ ହୋଲଡର ହେଲେ ।

ଇସା କାଳକ୍ରମେ ବଡହୋଇ - ତାଙ୍କ ଗାଁର ଘରପାଖ - ନୀଳକଣ୍ଠପୁର ପ୍ରାଥମିକ ବିଦ୍ୟାଳୟରେ ପାଠ ପଢିଲା । ବାପା, ମା' ତାକୁ ବହୁତ ଭଲପାଆନ୍ତି । ସେଠାରୁ ଚଳିତବର୍ଷ ପଂଚମ ଶ୍ରେଣୀ ଉତୀର୍ଣ୍ଣ ହୋଇ ଗାଁ ନିକଟର - ଓଳକଣା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଷଷ୍ଠ ଶ୍ରେଣୀରେ ଚଳିତବର୍ଷ ନାମ ଲେଖାଉଛି । ଲିସା ମଧ୍ୟ ଛୁଟିରେ ରଜ କିମ୍ବା ଦଶହରା ରେ ଆଈଘର ଭୁବନ ଆସିଥାଏ । ଆଈ ମଧ୍ୟ ବେଳେବେଳେ ତାଙ୍କ ଘର ଓଳକଣା ଯାତ୍ରା ଦୋଳ

ମେଲଣକୁ ଯାଆନ୍ତି । ମାମୁଁମାନେ ମଧ୍ୟ ଇସା କୁ ସାହାଯ୍ୟ କରିଥାନ୍ତି ।

ଦୁଇ ନାତୁଣୀକୁ ଆଇମା ଭାରତୀ ଦେବୀ ନିଜର ବାତ୍ସଲ୍ୟ ପ୍ରେମରେ ବାନ୍ଧି ରଖିଛନ୍ତି । ସେ ପ୍ରେମ ନାତୁଣୀ ଓ ଆଇର ।

ପ୍ରତ୍ୟେକ ନାରୀ ଏ ସମାଜରେ ଚାହିଁଥାନ୍ତି ବିବାହ କରି ଘରସଂସାର କରିବାକୁ । ନିଜର ସମସ୍ତ ଜନ୍ମିତ - ପୁଅ, ଝିଅ ଙ୍କୁ ଉପଯୁକ୍ତ ଶିକ୍ଷା, କର୍ମ ଓ ଉପଯୁକ୍ତ ପାତ୍ର, ପାତ୍ରୀ ଦେଖି ବିବାହ କରାଇ ଭାବିଥାନ୍ତି - ନିଜ ଜୀବନର କାମ ସରିଗଲା ବୋଲି, ହଁ ତାଙ୍କର କାମ ସରିଯାଇଛି ସତ ମାତ୍ର ତାଙ୍କ ଜୀବନରେ ନିଜ ପରିବାର ର ଉତରାଧିକାରୀ ଦେଖିବାକୁ ଅର୍ଥାତ୍ ସେମାନଙ୍କର ପୁତ୍ରର ପୁତ୍ର ଜନ୍ମକୁ (ମାନେ ନିଜର ନାତି) ମାନଙ୍କୁ ଦେଖିଥାନ୍ତି । ଅର୍ଥାତ୍ ସେମାନେ ଜେଜେମା ହୋଇଥାନ୍ତି । ପୁତ୍ରର କନ୍ୟାକୁ ମଧ୍ୟ ସେ ନିଜର ଜେଜେମା ର ସୁଖ, ପ୍ରେମ ପ୍ରଦାନ କରିଥାନ୍ତି ।

ଏ କ୍ଷେତ୍ରରୁ - ଭାରତୀ ଦେବୀ ବା ବଂଚିତ ହେବେ କିପରି - ନିଜ କନ୍ୟାର ଝିଅଦୁଇଟା ପାଖରେ - ଆଇମା ର ଭୂମିକା ନିଭାଇ ପରିଶେଷରେ ନିଜ ତିନିପୁଅ - ସୁବାଷ ର କନ୍ୟା - ତେଜସ୍ୱିନୀ (ଲକି), ପ୍ରକାଶ ର ପୁତ୍ର - ଅଂଶୁମାନ (ରାଜା) ଓ ମାନସ ର ପୁତ୍ର - ଜ୍ୟୋତିଆଦିତ୍ୟ (ଆଦି) - ଏକମାତ୍ର ନାତୁଣୀ ଓ ଦୁଇନାତି ଙ୍କର ଜେଜେମା ଭୂମିକାରେ ଭାରତୀ ଦେବୀ ବର୍ତମାନ ସେବକ ।

**ତେଜସ୍ୱିନୀ ନାୟକ (ଲକି) -**

ରାମଚନ୍ଦ୍ର ଓ ଭାରତୀ ଦେବୀଙ୍କ ନାତୁଣୀ ଲକି । ବଡପୁଅ ସୁବାଷ ଓ ବୋହୂ ତୁଳସୀ ର ଏକମାତ୍ର କନ୍ୟା - ତେଜସ୍ୱିନୀ । ଐତିହାସିକ କଟକ ସହର ର ଚାଉଳିଆଗଞ୍ଜ ନିବାସୀ ସୁରେନ୍ଦ୍ର ସାହୁ ଓ ସୁଭଦ୍ରା ସାହୁ - ଲକି ର ଅଜା ଓ ଆଇ । ୧୫ ଡିସେମ୍ବର, ୨୦୧୭ ମସିହାରେ ଲକି ର କଟକ ବଡ ଡାକ୍ତରଖାନାରେ ଜନ୍ମ । ମାମା ତୁଳସୀ ଦେବୀଙ୍କ ଅପ୍ରେସନ୍‌ରେ ଲକି ଜନ୍ମ ନେଇଥିବାରୁ - ଜେଜେମା ଡାକ୍ତରଖାନାରେ ଆଠଦିନ ତଥା ଦୀର୍ଘ ଛମାସ ଧରି ନାତୁଣୀ ଓ ବୋହୂ ମା'କୁ ସେବାଯତ୍ନ କରିଥିଲେ ।

ତେଜସ୍ୱିନୀ ମାର୍ଗଶିର ମାସ ଶେଷ ଗୁରୁବାର ଭୋର ୪ଟା ୧୪ରେ ଜନ୍ମ ହୋଇଥିବାରୁ - ବାବା ସୁବାଷ ତା'ର ନାମ ଦେଇଥିଲେ - ଲକି (ଡାକନାମ), ଜେଜେବାପା, ଜେଜେମା, ମାମା, ବାପା, ଦାଦା, ଖୁଡି, ପିଉସୀ, ପିଉସା, ଲିସା, ଇସା ନାନୀ ତଥା ରାଜାଭାଇ, ସାନଭାଇ ଆଦି ର ସମ୍ପର୍କରେ ଲକି ବଡହେବାରେ ଲାଗିଲା । ଜେଜେମା ଓ ମାମା ର ସେବାରେ ସ୍ୱାସ୍ଥ୍ୟ ବର୍ଦ୍ଧକ ହେଲା ।

ଲକି ଧିରେଧିରେ ଚାଲିବା, କହିବା ଆରମ୍ଭ କରିଦେଲା । ସେ ରଙ୍ଗବେରଙ୍ଗର ପୋଷାକ ପିନ୍ଧିବାକୁ ଭଲପାଏ । ଅଜାଘର କଟକ ସହରକୁ ଗଲେ ଲକି ସେଠାରେ - ଅଜା, ଆଈ, ମାଉସୀ ଓ ମାମୁଁ ର ଗ୍ରହଣରେ ଖେଳକୁଦ କରି ସମୟ ବିତାଇଥାଏ ।

ଲକି ତା'ର ଜେଜେମା ଭାରତୀ ଦେବୀଙ୍କର ନୟନ ପିତୁଳା ।

**<u>ଅଂଶୁମାନ ନାୟକ (ରାଜା) -</u>**

ଭାରତୀ ଦେବୀଙ୍କର ଅନ୍ୟତମ ନାତି ରାଜା (ମଧ୍ୟମପୁଅ ପ୍ରକାଶ ଓ ବୋହୂ ସୁପ୍ରଭା) ର ପୁଅ । କଟକ ବଡ ଡାକ୍ତରଖାନାରେ ତା'ର ଜନ୍ମ । ମା' - ବାଲେଶ୍ୱରସ୍ଥ ସରକାରୀ ଉ.ପ୍ରା. ସ୍କୁଲରେ ଶିକ୍ଷୟତ୍ରୀ ଥିଲେ ଓ ପରେ ଭୁବନକୁ ବଦଳି ହୋଇ ଆସିଲେ । ମାମା ସୁପ୍ରଭା ଯେତେବେଳେ ସ୍କୁଲ ଯାଉଥିଲେ ସେହି ସମୟରେ ରାଜା ର ସଂପୂର୍ଣ୍ଣ ଦାୟିତ୍ୱ - ଜେଜେମା ଭାରତୀ ଦେବୀ ଓ ବଡମାମା ତୁଳସୀ ବୁଝାବୁଝି କରୁଥିଲେ ।

କାଳକ୍ରମେ ରାଜା କଥା କହିବା, ଚାଲିବା କରି ବର୍ତମାନ - ଅଙ୍ଗନାୱାଡି କେନ୍ଦ୍ର (ବଡହାଟ)ରେ ପ୍ରାକ୍ ପ୍ରାଥମିକ ଶିକ୍ଷା ଗ୍ରହଣ କରୁଅଛି ।

ରାଜା - ଜେଜେବାପା ରାମଚନ୍ଦ୍ର ଙ୍କ ନୟନ ପିତୁଳା । ସେ ସଦାସର୍ବଦା ଜେଜେଙ୍କୁ ଔଷଧ ଖାଇବା ସମୟରେ ପାଣି ବଢାଇ ଦେଇଥାଏ ।

ରାଜା ମଧ୍ୟ ଅଜାଘର ବାଲେଶ୍ୱର ଟାଉନ୍‌ରେ - ଅଜା, ଆଈ, ମାମୁଁ, ମାଇଁ, ମଉସା, ମାଉସୀ ଙ୍କର ସ୍ନେହ ଆଦର ପାଇଥାଏ ।

ରାଜା ର ଜୀବନ ପରିଧିରେ ଜେଜେମା ଭାରତୀ ଦେବୀଙ୍କର ଭୂମିକା ଅନସ୍ୱୀକାର୍ଯ୍ୟ

**ଜ୍ୟୋତିଆଦିତ୍ୟ ନାୟକ (ଆଦି) -**

ଭାରତୀ ଦେବୀଙ୍କର ନୟନର ମଣି - ଆଦି, ସାନପୁଅ ମାନସ ଓ ଶିବାନୀ ର ପୁଅ । ଢେଙ୍କାନାଳ ସରକାରୀ ଡାକ୍ତରଖାନାରେ ଜନ୍ମ । ଅଜାଘର ଢେଙ୍କାନାଳ ର ରାସୋଳ ଗାଁରେ । ଆଈ ବହୁତ ପୂର୍ବରୁ ସଂସାରରୁ ଚାଲିଯାଇଥିଲେ, ରାଜା ସଂସାରକୁ ଆସିବା ପୂର୍ବରୁ - ଅଜା ମଧ୍ୟ ସଂସାରରୁ ଚାଲିଯାଇଥିଲେ ।

ତିନିମାଉସୀ, ମଉସା, ଏକମାମୁଁ ଙ୍କ ପରସରେ ରାଜା ବଢିଆସିଛି । ଏଠାରେ ମଧ୍ୟ ଜେଜେବାପା, ଜେଜେମା, ଦୁଇ ବଡବାପା, ବଡମା, ବାବା, ମାମା ସର୍ବୋପରି ବଡନାନୀ ଲିସା, ଲକି ତଥା ଭାଇ ରାଜା ର ପରସରେ ଆଦି ବଡ ହେବାରେ ଲାଗିଛି ।

ଧିରେଧିରେ - ଆଦି କଥା କହିବା, ଚାଲିବା ଦ୍ୱାରା ତା'ର ଦୁଷ୍ଟାମୀ ବଢିଚାଲିଲା । ସଦାସର୍ବଦା ଜେଜେମା ଭାରତୀ ଦେବୀ ତା'ପ୍ରତି ଦୃଷ୍ଟି ରଖିଥାନ୍ତି ।

ଆଦି ଥିଲା - ବାପା, ମାମା ଙ୍କର ଏକଇଲ ବେଲା ବିଶିକେସନ । ସୁଷମ ଖାଦ୍ୟ, ଉପଯୁକ୍ତ ସ୍ୱାସ୍ଥ୍ୟ, ଭଲ ପୋଷାକ ଆଦି କୁ ଦେବାରେ ବାପାଙ୍କ ଭୂମିକା କୁ ଅଣଦେଖା କରାଯାଇପାରିବ ନାହିଁ ।

## କନିଷ୍ଠପୁତ୍ର ଭାଗବତ

ବାବାଜୀ ନାୟକ ଓ ଭୂତିଦେବୀ ଙ୍କର କନିଷ୍ଠପୁତ୍ର - ଭାଗବତ ନାୟକ । ବାପା ଯେତେବେଳେ ଦୂରଗ୍ରସ୍ତ ରୋଗରେ ଚାଲିଗଲେ ଭାଗବତ ଙ୍କୁ ମାତ୍ର ଦୁଇବର୍ଷ ବୟସ ହୋଇଥିଲା । ସେ ଥିଲେ ମା' ଭୂତିଦେବୀ ଙ୍କର ନୟନ ପିତୁଳା । ଏ ସଂସାରରେ କ'ଣ ବା ଦୋଷ କରିଥିଲା ଜଣେ ବାଳୁତ ଦୁଇବର୍ଷର ଶିଶୁ ବାପାଙ୍କ ମୁହଁ ଦେଖିବା ପୂର୍ବରୁ ବାପା ଏ ସଂସାରରୁ ଚାଲିଗଲେ । ନାଁ ଏହା ଥିଲା ବିଧିର ବିଧାନ ।

ସେହି ଅବହେଳିତ - ପିତୃହରା ଭାଗବତ ନିଜର ସତ୍‌କର୍ମ ଓ ନିରବେଚ୍ଛନ୍ନ ପରିଶ୍ରମ ଫଳରେ ଆଜି ସମାଜରେ ଜଣେ ପ୍ରତିଷ୍ଠିତ ବ୍ୟକ୍ତିତ୍ୱ ଭାବରେ ପରିଚିତ । ବ୍ୟବସାୟ, ରାଜନେତା, ସମାଜସେବା କୁ ନିଜର ଜୀବନରେ ବ୍ରତକରି ତେଲ ଲୁଣର ସଂସାର ମଧ୍ୟରେ ଧର୍ମପତ୍ନୀ, ଚାରିଜଣ ପୁଅ, ଝିଅଙ୍କୁ ଶିକ୍ଷା, କର୍ମ, ବିବାହ ଦେଇ ନିଜର ପିତୃତ୍ୱର ପରିଚୟ ପ୍ରଦାନ କରିଅଛନ୍ତି ।

ଭାଗବତ ଙ୍କ ଜନ୍ମ ସ୍ୱାଧିନ ଭାରତରେ ୧୯୪୯ ମସିହାରେ । ତାଙ୍କ ଉପରେ ତିନିଭାଇ - ଦୁଃଶାସନ, ଭୀମସେନ, ରାମଚନ୍ଦ୍ର ଓ ଏକମାତ୍ର ଭଉଣୀ - ବେଙ୍ଗୁଲି ଜନ୍ମ ନେଇଥିଲେ । ବାପା ଚାଲିଗଲା ପରେ ସମସ୍ତ ଭାଇଭଉଣୀ ନିଜର ଶିକ୍ଷା ଓ କର୍ମ ପାଇଁ କଠିନ ପରିଶ୍ରମ କରି ବାପା ଚାଲିଯିବାର ଦୁଃଖ ସାନଭାଇ - ଭାଗବତ ଙ୍କୁ ଦେଇନଥିଲେ । ତତ୍‌ସହିତ ଏକମାତ୍ର ଭଉଣୀ - ବେଙ୍ଗୁଲି ତଥା ମା' - ଭୂତିଦେବୀ ଙ୍କୁ ଦେଇନଥିଲେ ।

ଶୈଶବ ଭାଗବତ କାଳକ୍ରମେ ତିନିରୁ ପାଂଚବର୍ଷ ପ୍ରାକ୍ ପ୍ରାଥମିକ ଶିକ୍ଷା (ଘରୋଇ ଶିକ୍ଷା) ପରେପରେ ସ୍ଥାନୀୟ ବଡହାଟ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପ୍ରାଥମିକ ଶିକ୍ଷା - ପ୍ରଥମ ଠାରୁ ସପ୍ତମ ଶ୍ରେଣୀ ପାଠ ପଢିଲେ । ସେଠାରେ ତାଙ୍କର ବଡଭାଇ ରାମଚନ୍ଦ୍ର ଥିଲେ - ଶିକ୍ଷାର୍ଥୀଙ୍କ ଅଭିଭାବକ । ସେହି ଅନୁସାରେ ରାମଚନ୍ଦ୍ର ସ୍କୁଲ ପରିଚାଳନା କମିଟିର ସଭ୍ୟ ଭାବରେ ସ୍କୁଲ ପ୍ରତିଷ୍ଠାରୁ କାମ କରିଥିଲେ ।

ସପ୍ତମ ଶ୍ରେଣୀ ପାସ୍ କରିବାପରେ ଭାଗବତ - ଭୁବନ ହାଇସ୍କୁଲରେ ଅଷ୍ଟମ ଶ୍ରେଣୀରେ ପାଠ ପଢିଲେ । ବଡଭାଇ କାଠଶିଳ୍ପୀ ରାମଚନ୍ଦ୍ର ତାଙ୍କର ସମସ୍ତ ଖର୍ଚ୍ଚ ବହନ କରିଲେ ଓ ଭାଇ

କିପରି ଅଧିକ ପାଠ ପଢିବ ସେଥିପ୍ରତି ପ୍ରଚେଷ୍ଟା କରୁଥିଲେ, ମାତ୍ର ଭାଗବତ ଙ୍କ ଇଚ୍ଛାଥିଲା ଅଲଗା - ବାପାଛେଉଣ୍ଡ ହେବାପରେ ଭାଇମାନଙ୍କର ଉପରେ ନିର୍ଭରଶୀଳ ନହୋଇ ନିଜ ଗୋଡରେ ଠିଆହେବା ପାଇଁ ସ୍ୱାଭିମାନ ସହିତ ଉଦ୍ୟମ କରିଥିଲେ । ଫଳସ୍ୱରୂପ ଉଚ୍ଚଶିକ୍ଷାରୁ ବଂଚିତହୋଇ ହାଇସ୍କୁଲସ୍ତରରୁ ପାଠପଢାରେ ଡୋରିବାନ୍ଧି ଥିଲେ । ସେତେବେଳେ ସେ ରୋଜଗାରକ୍ଷମ ହେବାପାଇଁ ଚେଷ୍ଟା ରଖିଥିଲେ ନିଜର ପ୍ରିୟସାଙ୍ଗ ଯୁଧିଷ୍ଠିର ସାହୁ (ପୂର୍ବତନ ନଗରପାଳ - ଭୁବନ)ଙ୍କ ପାଳିତବାପା - ଭୁବନର ବିଶିଷ୍ଟ ବ୍ୟବସାୟୀ ମଧୁସୂଦନ ସାହୁ (ମଧୁ)ଙ୍କ ନଜରରେ ସେ ଆସିଥିଲେ, ତାଙ୍କର ବିଭିନ୍ନ ପ୍ରକାରର ଦୋକାନ ବ୍ୟବସାୟ ଭୁବନ ଗାଁରେ ଥିଲା । ଭୁବନର ଜଣେ ଧନୀଶାଳୀ ବ୍ୟକ୍ତି ଭାବରେ ମଧୁ ସାହୁ ପ୍ରତିଷ୍ଠା ଲାଭ କରିଥିଲେ । ମଧୁ ଙ୍କ ଷ୍ଟେସ୍‌ନାରୀ ଦୋକାନରେ ଭାଗବତ କାର୍ଯ୍ୟାରମ୍ଭ କରିଥିଲେ, ପରବର୍ତ୍ତୀ ସମୟରେ ଭାଗବତ ଙ୍କ ଉଦ୍ୟମକୁ ଦେଖି ଭାଇ ରାମଚନ୍ଦ୍ର - କିଛି ଆର୍ଥିକ ସାହାଯ୍ୟ ଦେଲେ, ସେଥିରେ ଭାଗବତ ନିଜର ଅର୍ଜିତ ଟଙ୍କା ମିଶାଇ - ଭୁବନ ବସ୍‌ଷ୍ଟାଣ୍ଡ ଠାରେ ନିଜସ୍ୱ ଷ୍ଟେସ୍‌ନାରୀ ଦୋକାନ ଖୋଲିଲେ । ଜଣେ ଯୁବସୁଲଭ ଓ ମିଷ୍ଟଭାଷୀ ଯୋଗୁଁ ତାଙ୍କର ବ୍ୟବସାୟ ବଢିବାରେ ଲାଗିଲା । ସମୟକ୍ରମେ ଭାଗବତ ବ୍ୟବସାୟୀ ମାନଙ୍କର ସଂଘର ନେତୃତ୍ୱ ନେଇ - ନୂଆବଜାର ବଣିକ ସଂଘର ସଭାପତି ଭାବରେ କାର୍ଯ୍ୟ କରିଲେ ।

ପରବର୍ତ୍ତୀ ସମୟରେ ବଡଭାଇ - ଦୁଃଶାସନ, ଭୀମସେନ, ରାମଚନ୍ଦ୍ର ଓ ମା' - ଭୂତିଦେବୀ, ଭାଗବତ ଙ୍କୁ ବିବାହ କରାଇଥିଲେ । ବଡଭାଇ - ରାମଚନ୍ଦ୍ର ଙ୍କ ବଡହାଟ ସ୍ଥିତ ବାସଭବନରେ ଭାଗବତ ରହିଲେ, ଯାଜପୁର ଆଲୁକୁଡି ନିବାସୀ - ବୀଣାପାଣୀ ଙ୍କୁ ସେ ବିବାହ କରିଲେ । ଭାଗବତ ଙ୍କର ଦୁଇପୁଅ ଛୋଟ ସମୟରେ ମରିଯିବା ପରେ ବଡଝିଅ - ଗୀତାଞ୍ଜଳୀ ଭାଇଙ୍କ ବାସଭବନ ବଡହାଟରେ ଜନ୍ମ ନେଇଥିଲେ । କିଛିଦିନ ପରେ ଭାଗବତ ନିଜସ୍ୱ ଘର ଭୁବନ ଲତାବିଲରେ ତୋଳି ରହିଛନ୍ତି । ତାଙ୍କର ପରେପରେ ଝିଅ - ପୁଷ୍ପାଞ୍ଜଳୀ, ପୁଅ - ଗୌରଗୋପାଳ, ସାନଝିଅ - ଶ୍ରଦ୍ଧାଞ୍ଜଳୀ ଜନ୍ମନେଲେ, ପରିବାର ସହିତ ଭାଗବତ ସମୟ ଦେଇ ମଧ୍ୟ ସକ୍ରିୟ ରାଜନୀତିରେ ପ୍ରବେଶ କରିଲେ । ପ୍ରଥମେ ସେ - ଇନ୍ଦିରା

ଗାନ୍ଧୀଙ୍କ ଆହ୍ୱାନରେ ଭୁବନରେ ଯୁବ କଂଗ୍ରେସ ଗଠନ କରିଥିଲେ - କୈଳାସ ମହାପାତ୍ର, ସୁକଦେବ ରାଉତ, କାଳନ୍ଦୀ କଅଁର, ଯୁଧିଷ୍ଠିର ସାହୁ, ଭାଗବତ ନାୟକ, ନଟବର ସାହୁ, କାଳନ୍ଦୀ ସାହୁ, ଦୁର୍ଯ୍ୟୋଧନ ରାଉତ ପ୍ରମୁଖ ଭୁବନରେ ସଂଗଠନ କରିଲେ ।

ସମୟକ୍ରମେ ୧୯୮୦ ମସିହାରେ କଂଗ୍ରେସ ଦଳରୁ କାମାକ୍ଷାନଗର ର ବିଧାୟକ ହେଲେ - ଭୁବନ ବ୍ଲକ୍‌ର ଲଡୁଆ ପୁଅ କୈଳାସ ମହାପାତ୍ର । ଭାଗବତ - କୈଳାସ ବାବୁଙ୍କର ପ୍ରମୁଖ ବ୍ୟକ୍ତି ଭାବରେ କାର୍ଯ୍ୟ କରିଲେ । ବିଶ୍ୱନେତ୍ରୀ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀ ଓ ରାଜୀବ ଗାନ୍ଧୀଙ୍କ ନେତୃତ୍ୱକୁ ସାକାରକରି - ଅଦ୍ୟାବଧି ଜୀବନର ଅପରାହ୍ଣରେ ଭାଗବତ ଏକମାତ୍ର ଦଳ କଂଗ୍ରେସ ଦଳରେ କାର୍ଯ୍ୟ କରିଛନ୍ତି ।

କିଛି ବର୍ଷପରେ - ଭାଗବତ ନିଜର ଦୋକାନକୁ ବୃଦ୍ଧିକରି - ତେଜରାତି ଦୋକାନ (ଭୂଷି) ବସ୍‌ଷ୍ଟାଣ୍ଡରେ ଦେଲେ, ବର୍ତ୍ତମାନ ନିଜଘରେ - ଲତାବିଲରେ ଭୂଷି ଦୋକାନ ଦେଇଅଛନ୍ତି । ଭାଗବତ ଭୁବନର ଅନେକ ସାମାଜିକ ଅନୁଷ୍ଠାନ ସହିତ କାର୍ଯ୍ୟକରି ଜଣେ ସମାଜସେବୀର ମର୍ଯ୍ୟାଦା ଲାଭକରି ଅଛନ୍ତି ।

ନିଜସ୍ୱ ଘର ଅଂଚଳ - ବଡହାଟ ମଉଡମଣି ମହାଲକ୍ଷ୍ମୀ କମିଟିର ସଭାପତି, ବଡହାଟ ସ୍କୁଲ କମିଟି ସଭ୍ୟ, ଭୁବନ ଦଶହରା ବଳଦଯାତ୍ରା କମିଟି ସଭ୍ୟ, ଭୁବନ କାପୁଡିଆ ସମାଜର ଉପସଭାପତି, ରାମ ମନ୍ଦିର କାର୍ଯ୍ୟକର୍ତ୍ତା ଆଦିରେ କାର୍ଯ୍ୟକରି ସେ ଲୋକମାନଙ୍କର ସମସ୍ୟାକୁ ସମାଧାନ କରି ପାରିଛନ୍ତି ।

ଚାରିଗୋଟି ପୁଅଝିଅଙ୍କୁ ଶିକ୍ଷା ଓ କର୍ମ ସହ ବିବାହ କରାଇବାରେ ବାପା - ଭାଗବତ ଙ୍କ ଭୂମିକା କୁ ଅସ୍ୱୀକାର କରାଯାଇପାରିବ ନାହିଁ ।

**ଗୀତାଞ୍ଜଳୀ ନାୟକ (ଗୀତା) -**

ବୀଣାପାଣୀ ଓ ଭାଗବତ ଙ୍କ - ଦୁଇପୁଅ ଜନ୍ମର କିଛିବର୍ଷ ପରେ ମରିଯିବା ପରେପରେ ବଡଝିଅ - ଗୀତାଞ୍ଜଳୀ ଙ୍କ ଜନ୍ମ । ବାପା, ମା' ତାଙ୍କୁ ଖୁବ୍ ଭଲ ପାଉଥିଲେ ଘରର ପ୍ରଥମ ସନ୍ତାନ ହୋଇଥିବାରୁ, ଗୀତା ଥିଲେ - ଜଣେ ଲକ୍ଷ୍ମୀ ମା'ଙ୍କ ଆଶୀର୍ବାଦ ଆଣିଥିବା

କନ୍ୟାରତ୍ନ - ତାଙ୍କ ଜନ୍ମ ପରେପରେ ଭାଗବତ ଙ୍କ ପ୍ରତିଷ୍ଠା ବଢିଥିଲା, ବଢିଥିଲା ମଧ୍ୟ ଧନ ଓ ସମ୍ପଦ ସର୍ବୋପରି ଜନସଂପଦ (ପିଲାମାନେ) ।

ଗୀତା କାଳକ୍ରମେ ବଡହାଟ ଉ.ପ୍ରା. ବିଦ୍ୟାଳୟରେ ପାଠ ପଢିଲା ଓ ପରେପରେ ବ୍ଲକ୍ କଲୋନୀ ପ୍ରାଥମିକ ବିଦ୍ୟାଳୟ ଓ ଭୁବନ ବାଳିକା ଉଚ୍ଚ ବିଦ୍ୟାଳୟର ମାଟ୍ରିକ୍ ପାସ୍ କରିଥିଲେ ମଧ୍ୟ ଉଚ୍ଚଶିକ୍ଷାରୁ ବଂଚିତ ହୋଇଥିଲେ । ବିବାହର ବୟସ ଉପନୀତରେ ତାଙ୍କର ବିବାହ ହୋଇଥିଲା - ଭୁବନରେ ଜଣେ ପ୍ରତିଷ୍ଠିତ ପରିବାର ରାମଚନ୍ଦ୍ର ଦାସଙ୍କ ଭାଇ ରଘୁନାଥ ଦାସଙ୍କ ପୁଅ - କୃଷ୍ଣଚନ୍ଦ୍ର ଙ୍କ ସହିତ । ରଘୁନାଥ ଭୁବନରୁ ଯାଇ ରାଉଲକେଲାରେ ରହୁଥିଲେ । ଗୋଟିଏ ଝିଅ ଓ ଚାରିପୁଅ ଙ୍କୁ ନେଇ । କୃଷ୍ଣଚନ୍ଦ୍ର ଶିକ୍ଷାରେ ମାଟ୍ରିକ୍ୟୁଲେଟ୍ ଥିଲେ । ସେ ଜଣେ ସ୍ୱାଭିମାନୀ ଓ ପରିଶ୍ରମୀ ଥିଲେ - ଗୀତାଞ୍ଜଳୀ ଙ୍କୁ ବିବାହ କରିବା ପରେ - କୃଷ୍ଣ ଙ୍କ ଭାଗ୍ୟରେ ଏକ ବଡ ପରିବର୍ତନ ଘଟିଥିଲା, ସେ ଗୋଟିଏ ଖଣିଭିତିକ ଟ୍ରାନ୍ସପୋର୍ଟ କମ୍ପାନୀରେ କାର୍ଯ୍ୟ କରିଲେ । ପରେପରେ ସେ ନିଜସ୍ୱ ବ୍ୟବସାୟ କରିଲେ - ରାଉଲକେଲାରେ ଜାଗାକିଣି ଦ୍ୱିମହଲା କୋଠାଘର ସହ ଭୁବନର ପୈତୃକ କୋଠାଘର (ବଡଭାଇ ରୁହନ୍ତି) ଓ ସାନ ଦୁଇଭାଇ ଙ୍କୁ ପାଠପଢାଇ ଦୁଇଗୋଟି ଦୋକାନ କରିଲେ, ସପରିବାର ରୁହନ୍ତି । ବାପା ରଘୁନାଥ ଚାଲିଗଲେଣି । ଗୀତା ଙ୍କ ଗୋଟିଏ ପୁଅ - ସୋମ, ସମସ୍ତେ ଏକାନ୍ନବତୀ ପରିବାର ରେ ମା'ଙ୍କ ସହିତ ରୁହନ୍ତି । କୃଷ୍ଣଚନ୍ଦ୍ର ଭୁବନର ବାବା ବୁଦ୍ଧେଶ୍ୱର ମନ୍ଦିର ରେ ଏକ ଲକ୍ଷ୍ମୀ ନାରାୟଣ ମନ୍ଦିର ନିର୍ମାଣ କରିଛନ୍ତି । ତା'ର ରକ୍ଷଣାବେକ୍ଷଣ ଦାୟିତ୍ୱ ପରିଚାଳନା କମିଟି ବୁଝିଥାନ୍ତି ।

**<u>ପୁଷ୍ପାଞ୍ଜଳୀ ନାୟକ (ରୀତା) -</u>**

ଭାଗବତ ଓ ବୀଣାପାଣୀ ଙ୍କର ମଧ୍ୟମକନ୍ୟା - ପୁଷ୍ପାଞ୍ଜଳୀ (ରୀତା) - ଲତାବିଲସ୍ଥ ବାସଭବନରେ ତାଙ୍କର ଜନ୍ମ । ବ୍ଲକ୍ କଲୋନୀ ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷାପରେ - ଭୁବନ ବାଳିକା ହାଇସ୍କୁଲରୁ ମାଟ୍ରିକ୍ୟୁଲେଟ୍, ଅଧିକ ପାଠ ପଢିଲେ ନାହିଁ । କାଳକ୍ରମେ ବିବାହ ବୟସରେ - ଢେଙ୍କାନାଳର ରାସୋଳ ଗାଁରେ ବିବାହ କରିଲେ ବୈଦିକ ରୀତିରେ -

ସୁଶିଲ୍ ଙ୍କୁ । ସୁଶିଲ୍ ଥିଲେ ଜଣେ ବ୍ୟବସାୟୀ । ରାସୋଳ ଛକରେ ତାଙ୍କର ଏକ ଜୋତା ଦୋକାନ, ବାପା ଜଣେ ବ୍ୟବସାୟୀ । ତାଙ୍କର ତିନିଜଣ ଭାଇ ସମସ୍ତେ ବ୍ୟବସାୟୀ, ରୀତା ଜଣେ ଭଲ ରୋଷେଇ ଜାଣନ୍ତି । ଏକମାତ୍ର ପୁଅ ଓ ସ୍ୱାମୀ ଙ୍କୁ ନେଇ ରୀତା ଙ୍କ ପରିବାର

## ପୁଅ ଗୌରଗୋପାଳ ନାୟକ (ବାବୁ) -

ବୀଣାପାଣୀ ଓ ଭାଗବତ ଙ୍କୁ ଘରେ ଖୁସିର ମା' ହୋଇ ଆସିଲା ଯେତେବେଳେ ଲତାବିଲସ୍ଥ ବାସଭବନରେ ଏକ ପୁତ୍ରସନ୍ତାନ ଜନ୍ମନେଲା, ଏହାର କାରଣ - ଭାଗବତ ଙ୍କର ପ୍ରଥମ ଦୁଇପୁଅ ମରିଯାଇଥିଲେ ଓ ତାଙ୍କ ପରେପରେ ଦୁଇଝିଅ - ଗୀତା ଓ ରୀତା ଜନ୍ମ ନେଇଥିଲେ । ମା' ବୀଣାପାଣୀ ତାଙ୍କ ନାମ - ଗୌରଗୋପାଳ (ବାବୁ) ଦେଲେ । ସମୟକ୍ରମେ ବାବୁ - ବ୍ଲକ୍ କଲୋନୀ ପ୍ରାଥମିକ ବିଦ୍ୟାଳୟ ଓ ଭୁବନ ହାଇସ୍କୁଲରୁ ମାଟ୍ରିକ୍ୟୁଲେଟ୍ ହେଲେ, ଅଧିକ ଉଚ୍ଚଶିକ୍ଷା ପାଇଁ ସେ ମନବଳାଇ ଜୀବିକା ପାଇଁ ମୋବାଇଲ୍ ସପ୍ ସହ ରିପ୍ୟାରିଙ୍ଗ୍ ସେଂଟର, ଭୁବନ ବସ୍‌ଷ୍ଟାଣ୍ଡରେ ଦେଲେ । ଭୁବନରେ ଖୁବ୍ କମ୍‌ଦିନ ମଧ୍ୟରେ ବାବୁ ଜଣେ ମୋବାଇଲ୍ ମିସ୍ତ୍ରୀ ଭାବରେ ନାମ କରିଲେ ।

ପ୍ରେମହୀନ ଜୀବନ ଜୀବନ ନୁହେଁ, ଯେ ପ୍ରେମ କରେ ସେ ହିଁ ପ୍ରେମର ମହତ୍ୱକୁ ଉପଲବ୍ଧି କରିପାରିବ । ବାବୁ ମଧ୍ୟ ସେଥିରୁ ବା ବାଦ୍ ପଡନ୍ତେ କିପରି । ଭୁବନ ବ୍ଲକ୍ କଲୋନୀସ୍ଥ - ସୁମ ପୃଷ୍ଟିଙ୍କ ଝିଅ - ରୀନା ଙ୍କୁ ଭଲପାଇ ବୈଦିକ ରୀତିରେ ବାବୁ ବିବାହ କରିବାକୁ ସ୍ଥିର କରିଥିଲେ, ମାତ୍ର ତାଙ୍କ ରାସ୍ତାରେ ପ୍ରତିବନ୍ଧକ ଥିଲେ - ଭାଗବତ ଙ୍କ ବଡଭାଇ ରାମଚନ୍ଦ୍ର ଙ୍କ ପୁଅମାନେ - ସୁବାଷ, ପ୍ରକାଶ, ମାନସ । ବଡପୁଅ - ସୁବାଷ ର ବିବାହ ହୋଇପାରି ନଥିବାରୁ ବାବୁ ବିବାହ କରିବାରେ ଅସୁବିଧା ହେଉଥିଲା । କାଳକ୍ରମେ ଦୁଇ ପରିବାର ରେ ସହମତି ହେବାରୁ ବାବୁ ଙ୍କୁ ବୈଦିକ ରୀତିରେ ଭୁବନ ରାମ ମନ୍ଦିର ରେ ବିବାହ କରିଲେ ।

ବାବୁ ଙ୍କ ଧର୍ମପତ୍ନୀ - ରୀନା ଥିଲେ, +୨ କଳା, ତେଣୁ ତାଙ୍କର ଇଚ୍ଛାଥିଲା ଉଚ୍ଚଶିକ୍ଷା କରିବାକୁ ମାତ୍ର ପାରିବାରିକ ଜଞ୍ଜାଳ ମଧ୍ୟରେ ସେ ଅଧିକ ପାଠପଢି ନଥିଲେ ସତ ଓଡିଶା ସରକାର ଙ୍କ - ଅଙ୍ଗନାୱାଡି କର୍ମୀ ଭାବରେ ନିଯୁକ୍ତି ପାଇଲେ । ଗୋଟିଏ ଝିଅ ଓ

ଗୋଟିଏ ପୁଅ ଙ୍କୁ ନେଇ ବାବୁ ଙ୍କ ପରିବାର ।

**ଶ୍ରଦ୍ଧାଞ୍ଜଳୀ ନାୟକ (ଶଶି) -**

ନାୟକ ପରିବାର ର ଗେଲ୍ଲାଝିଅ ଥିଲେ - ଶ୍ରଦ୍ଧାଞ୍ଜଳୀ (ଶଶି) - ବାପା ଭାଗବତ ଓ ମା' ବୀଣାପାଣୀ ଙ୍କ କନିଷ୍ଠ କନ୍ୟା । ପିଲାଟି ଦିନରୁ ବହୁତ ଆଦରରେ ବଢିଥିଲା । ସମୟକ୍ରମେ ବ୍ଲକ୍ କଲୋନୀ ପ୍ରାଥମିକ ବିଦ୍ୟାଳୟ, ଭୁବନ ବାଳିକା ଉଚ୍ଚ ବିଦ୍ୟାଳୟରୁ ମାଟ୍ରିକ୍ ପାସ୍‌ପରେ ଭୁବନର ବାଜିରାଉତ ମେମୋରିଆଲ କଲେଜରୁ +୨ କଳା ଓ +୩ (ବିଏ) ଅଧ୍ୟୟନ କରିଥିଲେ, ମାତ୍ର ଶେଷ ମୁହୂର୍ତ୍ତରେ ବିଏ ପାସ୍‌କରି ପାରିନଥିଲେ ।

ଶଶି ର ବିବାହ ସମୟ ଉପନୀତରେ - ଭଦ୍ରକ ନିକଟସ୍ଥ ଏକ ଗାଁରେ ବୈଦିକ ରୀତି ବିବାହ କାର୍ମ କରାଯାଇଥିଲା ।

ସ୍ୱାଭିମାନୀ ଭାଗବତ ଜୀବନରେ କେବେ କେଉଁଠାରେ ମୁଣ୍ଡ ନୁଆଁଇ ନାହାଁନ୍ତି । ଏକ ପାରିବାରିକ ସମସ୍ୟାଗତ କାରଣରୁ ସେ ମଧ୍ୟ ଭଲ ପାଉଥିବା ତାଙ୍କର ବଡଭାଇ - ରାମଚନ୍ଦ୍ର ଙ୍କ ପରିବାର ସହିତ ଦୀର୍ଘ ବାରବର୍ଷ ସମ୍ପର୍କ ତୁଟାଇ ଦେଇଥିଲେ । ପରିଶେଷରେ ନିଜର ମା' ଭୂତିଦେବୀ ଙ୍କ ଶୁଦ୍ଧି କାର୍ଯ୍ୟରେ ସମସ୍ତେ ଏକତ୍ର ହୋଇଥିଲେ ।

ଭାଗବତ ତାଙ୍କ ଜୀବନରେ ବଡଝିଅ - ଗୀତା ଙ୍କୁ ବହୁତ ଭଲପାଆନ୍ତି । ଗୀତା ମଧ୍ୟ ବାପା, ମା' ସର୍ବୋପରି ସମସ୍ତ ପରିବାର ସଦସ୍ୟଙ୍କର ଭଲମନ୍ଦ ବୁଝିଥାନ୍ତି । ଦୁହିତା ଦୁଇ କୁଳକୁ ହିତା ଭଳି ଗୀତା ପିତୃଳୟ ଓ ଶଶୁରାଳୟ ରେ ନିଜର ସୁନାମ ଅର୍ଜନ କରିଅଛନ୍ତି ।

## ନାଟକ ର ଜବନୀକା

ଅସ୍ତମିତ ସୂର୍ଯ୍ୟ - ବାବଜୀ - ଏକ ସାମାଜିକ ରଚିତ ନାଟ୍ୟ ସାହିତ୍ୟ । ଏ ନାଟକଟିର ମୁଖ୍ୟ ଆକର୍ଷଣର କେନ୍ଦ୍ରବିନ୍ଦୁ - ବାବାଜୀ, ରୋଗାଗ୍ରସ୍ତ ହୋଇ ଅସମୟରେ କିପରି ମୃତ୍ୟୁମୁଖରେ ପଡି ଧର୍ମପତ୍ନୀ - ଭୂତିଦେବୀ, ଝିଅ - ବେଙ୍ଗୁଲି, ଚାରିପୁଅ - ଦୁଃଶାସନ, ଭୀମସେନ, ରାମଚନ୍ଦ୍ର, ଭାଗବତ ଙ୍କୁ ଅସ୍ତମିତ ସୂର୍ଯ୍ୟ ଭଳି ଅନ୍ଧକାର ମଧ୍ୟକୁ ଠେଲି ଦେଇଥିଲେ, ମାତ୍ର ମା' - ଭୂତିଦେବୀ ଙ୍କ ସୌଭାଗ୍ୟକୁ ପିଲାମାନେ ସମାଜରେ ମଣିଷ ହୋଇ ମୁଣ୍ଡଟେକି ଚାଲିପାରିଲେ - ଏହା ଏହି ନାଟକର ବିଷୟବସ୍ତୁ ।

ଏ ନାଟକଟିର ନାଟ୍ୟକାର ହେଉଛନ୍ତି - ବାବାଜୀ ଙ୍କ ନାତି, ରାମଚନ୍ଦ୍ର ଙ୍କ ପୁଅ - ଅଧ୍ୟାପକ ଡକ୍ଟର ସୁବାଷ ନାୟକ । ନିଜ ଜେଜେବାପାଙ୍କର ଜୀବନୀଦର୍ଶନ ତଥା ତାଙ୍କର ଅକାଳ ବିୟୋଗରେ ନିଜର ପିଲାମାନଙ୍କର ଭବିଷ୍ୟତକୁ ନାଟ୍ୟକାର ବିଷାଦ ଭାବରେ ରୂପରେଖ ଦେଇଛନ୍ତି । ଓଡିଆ ନାଟ୍ୟ ସାହିତ୍ୟର ଏକ ପୁସ୍ତକ ଭାବରେ ପରିଗଣିତ ହେବାସହ ଭବିଷ୍ୟତରେ - କୌଣସି ନାଟ୍ୟ ନିର୍ଦ୍ଦେଶକ ଏହାକୁ ନାଟ୍ୟ ରୂପାନ୍ତରିତ କରି ଓଡିଶା ଯାତ୍ରା ଜଗତରେ ସ୍ଥାନୀତ ଦେଇପାରିଲେ ଏ - ସାମାଜିକ ରଚିତ ନାଟକ - ଅସ୍ତମିତ ସୂର୍ଯ୍ୟ - ବାବାଜୀ - ଓଡିଶାର ଅଗଣିତ ନାଟକପ୍ରେମୀ ମାନଙ୍କ ମନରେ ଖୁସି, ଦୁଃଖ ଆଣିଦେବ, ଏଥିରେ ତିଳେମାତ୍ର ଅବକାଶ ନାହିଁ ।



ଫଟୋର ଆଇନାରେ
ଅସ୍ତମିତ ସୂର୍ଯ୍ୟ - ବାବାଜୀ ଙ୍କ ପରିବାର ।



ଡକ୍ଟର ସୁବାଷ ନାୟକଙ୍କ ମାନସ ପରିସ୍ଫୁଟି 'ଅସ୍ତମିତ ସୂର୍ଯ୍ୟ ବାବାଜୀ' ଏକ ସାମାଜିକ ରଚିତ ନାଟକ। ବାବାଜୀ, ଡକ୍ଟର ନାୟକଙ୍କର ଜେଜେବାପା, ତାଙ୍କ ତେଲ ଲୁଣର ସଂସାର ମଧ୍ୟରେ ପତ୍ନୀ ଭୂତୀ ଦେବୀ ଓ ଚାରି ପୁଅ ଓ ଏକ ଝିଅ ଛଅ ପ୍ରାଣୀଙ୍କୁ ଦୁନିଆ ବଡ଼ ଦାଣ୍ଡରେ ଅନାଥ କରି ଯୌବନ ସମୟରେ ରୋଗଗ୍ରସ୍ତ ହୋଇ ପରଲୋକ ଗମନ କରିଥିଲେ। ତାଙ୍କ ଆଦର୍ଶରେ ପିଲାମାନେ ସମାଜରେ ପ୍ରତିଷ୍ଠିତ ହୋଇ ସେମାନଙ୍କ ପିଲାମାନଙ୍କୁ ଦୁନିଆ ଦାଣ୍ଡରେ ଠିଆ କରାଇଛନ୍ତି ଏହା ହିଁ ଏ ନାଟକର ବିଷୟବସ୍ତୁ।

- ପ୍ରକାଶକ

ବନଫୁଲ

9 789391 727246